- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-187 ◆FRIDAY ◆2 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୮୭ ◆ଶୁକ୍ରବାର ◆୨ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଅଡୁଆରେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...

**ନୂଆବର୍ଷ ପାଳନ ବେଳେ ଅଘଟଣ**

## ସ୍ୱିଜରଲାଣ୍ଡ ରିସୋର୍ଟରେ ବିସ୍ଫୋରଣ; ୪୦ ମୃତ



■ବର୍ଣ୍ଣ, ୧।୧ (ଏଜେନ୍ସି): ନୂଆବର୍ଷ ଆରମ୍ଭରୁ ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ନୂଆବର୍ଷ ପାଳନ ବେଳେ ସ୍ୱିଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସହରର ଏକ ଆଲପାଇନ ସ୍କି ରିସୋର୍ଟରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ବିସ୍ଫୋରଣ ଘଟିବାରୁ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନୂଆବର୍ଷ ପାଳନ ବେଳେ ଆତସବାଜି ଯୋଗୁଁ ବିସ୍ଫୋରଣ ହୋଥିବା ସନ୍ଦେହ କରାଯାଉଛି। ତେବେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଗତ ରାତି ୧ଟା ୩୦ରେ ଏହି ବିସ୍ଫୋରଣ ହୋଇଥିଲା। ନବବର୍ଷ ଉତ୍ସବ ପାଳନ ଚାଲିଥିବା ବେଳେ କନଷ୍ଟେଲେସନ ବାରରେ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ସମୟରେ ବାର୍ ଭିତରରେ ୧୫୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ। ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ। ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଆହତଙ୍କ ଅବସ୍ଥା ଗୁରୁତର ବୋଲି ଜଣାଯାଇଛି। ସତର୍କତା ସ୍ୱରୂପ ବିସ୍ଫୋରଣ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳକୁ ସିଲ୍ କରାଯାଇଛି। ବିସ୍ଫୋରଣର କାରଣ ନେଇ ଏପର୍ଯ୍ୟନ୍ତ କିଛି ଜଣାପଡ଼ିନାହିଁ ଓ ଏହାର ତଦନ୍ତ ଚାଲିଛି। ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି। ବାର୍‌ରେ ଉପସ୍ଥିତ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି। ତେବେ ବାଣଫୁଟା ଯୋଗୁଁ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି। କନସର୍ଟ ସମୟରେ ବ୍ୟବହାର କରାଯାଇଥିବା ବାଣ ଯୋଗୁଁ ବିସ୍ଫୋରଣ ଓ ପରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସ୍ୱିସ ନ୍ୟୁଜ ଆଉଟଲେଟ୍ ବ୍ଲିକ ତରଫରୁ କୁହାଯାଇଛି।

କ୍ରାନ୍ସ- ମୋଣ୍ଟାନା ରିସୋର୍ଟ ସ୍ୱିଜରଲାଣ୍ଡ ରାଜଧାନୀ ବର୍ଣ୍ଣଠାରୁ ଦୁଇ ଘଣ୍ଟା ଦୂରରେ ଭାଲାଇସ ▶ପୃଷ୍ଠା-୭

# ମହଙ୍ଗା ହେବ ବିଡ଼ି, ସିଗାରେଟ୍

### ଫେବୃଆରୀରୁ ୪୦% ଜିଏସ୍‌ଟି ସହ ନୂଆ ସେସ୍
### ସିଗାରେଟ କମ୍ପାନୀ ସେୟାରରେ ବଡ଼ ହ୍ରାସ
### ଦାନାପାଣି ହରାଇବେ ବହୁ କେନ୍ଦୁପତ୍ର ଶ୍ରମିକ

■ ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଫେବୃଆରୀରୁ ମହଙ୍ଗା ହେବ ବିଡ଼ି, ସିଗାରେଟ, ଜର୍ଦ୍ଦା ଜାତୀୟ ପାନମସଲା। ପ୍ରଚଳିତ ଜିଏସ୍‌ଟି ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ଯୋଗୁଁ ଏହି ସାମଗ୍ରୀଗୁଡ଼ିକର ମୂଲ୍ୟ ବଢ଼ିବ। ଆକଳନ ଅନୁସାରେ ବିଡ଼ି ଓ ସିଗାରେଟ ମୂଲ୍ୟ ପ୍ରାୟ ୪୦% ପର୍ଯ୍ୟନ୍ତ ମହଙ୍ଗା ହେବ ଏବଂ ୧୫ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସିଗାରେଟ ୧୮ ରୁ ୨୦ ଟଙ୍କାରେ ପହଞ୍ଚିବ।

ଭାରତରେ ତମାଖୁ ଉତ୍ପାଦ ଉପରେ ସରକାର ବହୁ ପୂର୍ବରୁ ଉଚ୍ଚ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ସମ୍ପ୍ରତି ସିଗାରେଟ, ପାନ ମସଲା ଓ ଅନ୍ୟ ତମାଖୁ ଉତ୍ପାଦ ଉପରେ୨୮ % ଜିଏସ୍‌ଟି ଲାଗୁ ହେଉଛି। ଏବେ ସରକାର ଏହି ଜିଏସ୍‌ଟି ଉପରେ ପୁନଃ ସେସ୍ ଲାଗୁ କରିବାକୁ ଯାଉଛନ୍ତି। ଫଳରେ ସିଗାରେଟ୍ ଓ ପାନମସଲା ମୂଲ୍ୟ ୪୦% ଓ ବିଡ଼ି ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ। ବଜାର ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଏହି ଟିକସ ବୋଝକୁ ହ୍ରାସ କରିବା ପାଇଁ ସିଗାରେଟ୍ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ରହିଛି।

ସମ୍ପ୍ରତି ଭାରତରେ ସିଗାରେଟ୍ ଉପରେ ଟିକସ ପରିମାଣ ୫୩ ପ୍ରତିଶତ ରହିଛି। ଏହା ସତ୍ତ୍ୱେ ଏହି ସାମଗ୍ରୀଗୁଡ଼ିକ ମଣିଷର ସ୍ୱାସ୍ଥ୍ୟହାନୀର କାରଣ ପାଲଟିଥିବାରୁ ଅଧିକ ଟିକସ ଲାଗୁ ହେବ ବୋଲି କୁହାଯାଉଛି। ଭାରତରେ ବର୍ତ୍ତମାନ ଟିକସ ହାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ସୁପାରିଶ ଅପେକ୍ଷା ଯଥେଷ୍ଟ କମ୍। ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁସାରେ ଧୂମପାନକୁ ନିରୁତ୍ସାହିତ ସିଗାରେଟ୍ ଉପରେ ଅତି କମରେ ୭୫% ଟିକସ ଲାଗୁ କରାଯିବା ଉଚିତ। ଭାରତରେ ବର୍ତ୍ତମାନ ପ୍ରାୟ ୧୦ କୋଟି ଲୋକ ଧୂମପାନ କରୁଛନ୍ତି। ଏହି କାରଣରୁ ତମାଖୁ ଟିକସ ବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ନୀତି ଭାବରେ ଦେଖାଯାଉଛି। ଏହାଛଡା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତମାଖୁ ଚୋବାଇବା, ଜର୍ଦ୍ଦା ସୁଗନ୍ଧିତ ତମାଖୁ ଏବଂ ଗୁଟଖା ପ୍ୟାକିଂ ମେସିନ୍ ସହିତ ଜଡିତ ନୂତନ ନିୟମ ଜାରି କରିଛି। ଏହି ନିୟମଗୁଡ଼ିକ ତମାଖୁ, ଜର୍ଦ୍ଦା ଏବଂ ଗୁଟଖା ପ୍ୟାକିଂ ମେସିନର ଉତ୍ପାଦନ କ୍ଷମତା ନିର୍ଣ୍ଣୟ କରିବା ଏବଂ ଏହା ଉପରେ ଆଧାର କରି ଟିକସ ଆଦାୟ ପାଇଁ ଏକ ଢାଞ୍ଚା ତିଆରି କରିଛି। ଅପରପକ୍ଷେ ତମାଖୁ ଉତ୍ପାଦ ଉପରେ ଟିକସ ବୃଦ୍ଧି ଖବର ଆଜି ଘରୋଇ ଷ୍ଟକ୍ ବଜାରକୁ ପ୍ରଭାବିତ କରିଛି। ଫଳସ୍ୱରୂପ ଦେଶର ସର୍ବବୃହତ ସିଗାରେଟ୍ କମ୍ପାନୀ ଆଇଟିସିର ସେୟାର ଆଜି ୧୦% ହ୍ରାସ ପାଇଛି। ଏହା ୨୦୨୦ ପରଠାରୁ କମ୍ପାନୀର ସେୟାରରେ ସବୁଠାରୁ ବଡ଼ ଏକ ଦିବସୀୟ ହ୍ରାସ। ମାର୍ସବୋରୋ ଭଳି ବ୍ରାଣ୍ଡ ବିକ୍ରି କରୁଥିବା କମ୍ପାନୀ ଗଡଫ୍ରେ ଫିଲିପ୍ସର ସେୟାର ମଧ୍ୟ ପ୍ରାରମ୍ଭରୁ ୧୭.୬% ହ୍ରାସ ଘଟିଛି। ଆଇଟିସି ନିଫ୍ଟି ୫୦ ଇଣ୍ଡେକ୍ସରେ ଗୁରୁବାର ସବୁଠୁ ବଡ଼ କ୍ଷତି ସହିଥିବା କମ୍ପାନୀ ହୋଇଛି। ଅନ୍ୟପକ୍ଷରେ ଏହି ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଶୁଳ୍କ ▶ପୃଷ୍ଠା-୭

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ଆକ୍ରମଣ

**ଗୁରୁତର ଖୋକନ ମେଡିକାଲରେ ଭର୍ତ୍ତି**

**୧୫ ଦିନରେ ଚତୁର୍ଥ ଘଟଣା**

■ ଢାକା, ୧।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଡିସେମ୍ବର ୩୧ ଅର୍ଥାତ ବିଦାୟୀ ବର୍ଷର ଶେଷ ଦିନରେ ଆଉ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣ କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦିଆଯାଇଛି। ତେବେ ସେ ନିକଟବର୍ତ୍ତୀ ପୋଖରୀକୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି। କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଏହାକୁ ମିଶାଇ ୪ ଜଣ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରାଗଲାଣି। ଏହାପୂର୍ବରୁ ଘଟିଥିବା ତିନିଟି ଆକ୍ରମଣ ଘଟଣାରେ ତିନି ଜଣ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତକାଲି ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ସରିୟତପୁର ଜିଲ୍ଲାର ଖୋକନ ଦାସ। ସେ ଗତକାଲି ଘରକୁ ଫେରୁଥିବା ବେଳେ ଭିଡ଼ ଆକ୍ରମଣର ଶିକାର ହୋଇଥିଲେ। ୫୦ ବର୍ଷୀୟ ଖୋକନଙ୍କୁ ଭିଡ଼ ଘେରିଯାଇଥିଲେ। ପ୍ରଥମେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ପରେ ନିର୍ମମ ଭାବେ ମାଡ଼ ମାରି ନିଆଁ ଲଗାଇ ଦିଆଯାଇଥିଲା। ଆକ୍ରମଣରେ ସେ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ତେବେ ସେ ପୋଖରୀକୁ ଡେଇଁ ଜୀବନ ବଞ୍ଚାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଅଭିଯୁକ୍ତଙ୍କୁ ଖୋଜୁଛି।

ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଚତୁର୍ଥ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ପୂର୍ବରୁ ଡିସେମ୍ବର ୧୮ ରେ ମୟମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ଦ୍ୱାରା ପିଟିପିଟି ▶ପୃଷ୍ଠା-୭

**ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

## ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କର

■ ଭୁବନେଶ୍ୱର,୧।୧(ସମିସ): ୨୦୩୬ ସୁଦ୍ଧା ୫ ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନର ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ଇଂରାଜୀ ନୂଆ ବର୍ଷ ୨୦୨୬ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଚଳିତ ବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ଅଧିକାରୀମାନଙ୍କୁ ଏକାଧିକ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ତାଲିକାରେ ▶ପୃଷ୍ଠା-୭



**ନୂଆବର୍ଷ ଶୁଭେଚ୍ଛା: ନବୀନ ନିବାସରେ ଫୁଲର ପାହାଡ଼**

## ରାଜ୍ୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ନବୀନଙ୍କ ପରାମର୍ଶ

■ଭୁବନେଶ୍ୱର, ୧।୧ (ସମିସ): ଇଂରାଜୀ ନୂଆବର୍ଷ ୨୦୨୬ର ପ୍ରଥମ ଦିନରେ ଆଜି ନବୀନ ନିବାସରେପରିଲକ୍ଷିତ ହୋଇଛି ପ୍ରବଳ ଭିଡ଼। ଦଳର ବହୁ ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ, ପ୍ରଶଂସକଙ୍କ ପର୍ଯ୍ୟନ୍ତ ନବୀନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି। ନବୀନ ମଧ୍ୟ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଥିବା ବେଳେ ସମସ୍ତେ ମିଳିମିଶି ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।




ଗୁରବାର ସକାଳୁ ସକାଳୁ ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ପ୍ରବଳ ଭିଡ଼ ପରିଲିକ୍ଷିତ ହୋଇଥିଲା। ଦଳର ନେତା, କର୍ମୀ, ଶୁଭେଚ୍ଛୁମାନେ ହାତରେ ଫୁଲତୋଡ଼ା ଧରି ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ଲମ୍ବା ଲାଇନ ଲଗାଇଥିଲେ। ନିଜର ପ୍ରିୟ ନେତାଙ୍କ ଝଲକ ଟିଏ ପାଇବା ପାଇଁ ସମର୍ଥକ ବେଶ୍ ଉତ୍ସାହିତ ଥିବାବେଳେ ସମସ୍ତେ ଶୁଭେଚ୍ଛା ପ୍ରଦାନ ସହ ନବୀନଙ୍କ ସହ ଫଟୋ ଉଠାଇଥିଲେ। ନବୀନ ମଧ୍ୟ ହସ ହସ ମୁହଁରେ ସମସ୍ତଙ୍କ ▶ପୃଷ୍ଠା-୭

**ପାନୀୟ ପ୍ରିୟ ରାଜଧାନୀବାସୀ**

## ୭ ଦିନରେ ପିଇଦେଲେ ୩୨ କୋଟିର ମଦ

■ଭୁବନେଶ୍ୱର, ୧।୧ (ସମିସ): ରାଜଧାନୀବାସୀଙ୍କୁ ବାଇଆ କରିଛି ମଦ। ଦେଶୀ ଓ ବିଦେଶୀ ସାଙ୍ଗକୁ ବିୟର ବି ବିକ୍ରି ହେଉଛ ପ୍ରଚୁର। ଯୁବପିଢିଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କ, ଏପରିକି ମହିଳାବି ମଦ ସାନ୍ନିଧ୍ୟରୁ ବାଦ ପଡ଼ିନାହାନ୍ତି। ବଡ଼ଦିନରୁ ଡ଼ିସେମ୍ବର ୩୧ ତାରିଖ ମଧ୍ୟରେ ରାଜଧାନୀବାସୀ ପାଖାପାଖି ୬ ଲକ୍ଷ ଲିଟର ମଦ ପିଇଛନ୍ତି। ସାଙ୍ଗସାଥି ଏକାଠି ହେଲେ ବୋତଲ ଖୋଲୁଛି। କେଉଁଠିକି ବୁଲିବାକୁ ଗଲେ ବି ଲୋଡ଼ାପଡୁଛି ବୋତଲ। ଭୋଜିଭାତ କଲେ ମଦ ପିଉଛନ୍ତି। କେହି ସାଥୀ ନ ମିଳିଲେ ଏକୁଟିଆ ଯାଇ ବାର୍, ରେଷ୍ଟୁରାଣ୍ଟ ଆଉ ପବ୍‌ରେ ବସି ମଦ ଢୋକି ଦେଉଛନ୍ତି।

୨୦୨୫ ମସିହାର ଶେଷ ସପ୍ତାହରେ ରାଜଧାନୀବାସୀ ୩୨ କୋଟି ୫୫ଲକ୍ଷ ୧୨ ଶହ ୫୫ଟଙ୍କାର ମଦ ପିଇଛନ୍ତି। ଏହା ମଧ୍ୟରେ ରହିଛି ଅଢେଇ ଲକ୍ଷ ଲିଟର ବିଦେଶୀ ଓ ଦେଢ ଲକ୍ଷ ଲିଟର ଦେଶୀ ମଦ। ରମ୍, ବିୟର, ହ୍ୱିସ୍କିଠାରୁ ଆରମ୍ଭ କରି ବ୍ରାଣ୍ଡି, ସ୍କଚ୍ ପର୍ଯ୍ୟନ୍ତ ସବୁ ପିଇ ଯାଇଛନ୍ତି। କାଠୁଆ ଶୀତ ହେଲେ ବି ବିୟର ବ୍ୟବସାୟରେ କୌଣସି ଫରକ ପଡ଼ିନି। ଗତ ୭ଦିନ ମଧ୍ୟରେ ରାଜଧାନୀବାସୀ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ପିଇଥିବା ନେଇ ଅବକାରୀ ବିଭାଗର ସୂଚନା ଦେଇଛି। ବଡ ଦିନଠାରୁ ଜିରୋ ନାଇଟ୍ ମଧ୍ୟରେ କ୍ଲବ, ପବ୍, ଅଫ ସପ୍‌ରେ ବହୁ ସଂଖ୍ୟାରେ ଗ୍ରାହକ ଏକଜୁଟ୍ ହୋଇ ମଦ ପିଇଛନ୍ତି। ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ମଦ୍ୟପାନ କରିଛନ୍ତି ବୋଲି ସୂଚନା ମିଳିଛି।



**ଅଢେଇ ଲକ୍ଷ ଲିଟର ବିଦେଶୀ, ଦେଢ ଲକ୍ଷ ଲିଟର ଦେଶୀ ମଦ ବିକ୍ରି**

**କାଠୁଆ ଶୀତ ଦିନରେ ବି ବିକ୍ରି ହେଲା ୧.୭୮ ଲକ୍ଷ ଲିଟର ବିୟର**

ମଦ ଉପରେ ରୋକ୍ ଲାଗିବ ବୋଲି ସରକାର ଦଳ ଦାବି କରୁଥିଲେ। ମାତ୍ର ହେଲେ ବଢୁଥିବା ମଦୁଆ ସଂଖ୍ୟା ଏବଂ ମଦ ବିକ୍ରି ତଥ୍ୟ ସମସ୍ତଙ୍କୁ ଡରାଇବାରେ ଲାଗିଛି। ଜିରୋ ନାଇଟ୍ ଦିନ ରାଜଧାନୀର ସମସ୍ତ ବାର୍, ମଦ ବିକ୍ରି କରୁଥିବା ରେସ୍ତୋରାଁ, ପପ୍‌ରେ ଖଚାଖଚ ଭିଡ ହୋଇଛି। ରାତି ୧୨ଟା ବେଳେକୁ ଏତେ ଭିଡ ଯେ ପାଦ ପକାଇବାକୁ ଜାଗା ମିଳୁନଥିଲା। ▶ପୃଷ୍ଠା-୭


ଇନୋଭେଟିଭ ଆବାସିକ ବିଦ୍ୟାଳୟ

INNOVATIVE RESIDENTIAL SCHOOL – A Step towards Change – The End of Education is Character

ଏକ ପଦକ୍ଷେପ ପରିବର୍ତ୍ତନ ଆଡ଼କୁ...

Success - 2023-24



ହିମାଦ୍ରୀ ମହାନ୍ତି – Secured 552 (A1 Grade)
ଇସାନା ମିଶ୍ର – Secured 549 (A1 Grade)
ପୂଜା ସାହୁ – Secured 540 (A1 Grade)

ଲିମିଟେଡ୍ ସିଟ୍ – ପଞ୍ଜୀକରଣ ଆରମ୍ଭ

ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଉତ୍ତର ଓଡ଼ିଶାର ସର୍ବପ୍ରଥମ ଏବଂ ସର୍ବପୁରାତନ ଆବାସିକ ବିଦ୍ୟାଳୟ

୧୦୦% ପାସ୍ ହାର

Regular Assessments: Weekly, monthly and quarterly exams to monitor academic progress.

Publication Exposure: Opportunity to contribute to the school's yearly magazine.

ଶିକ୍ଷା ଓ ସଂସ୍କାରର ଯୁଗଳବନ୍ଦୀ



- ପ୍ରଥମରୁ ଦଶମ ଶ୍ରେଣୀ* ପର୍ଯ୍ୟନ୍ତ ଓଡ଼ିଆ ମାଧ୍ୟମରେ ଶିକ୍ଷା ଦାନ କରାଯାଏ।
- ଉଭୟ ପୁଅ ଝିଅଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ଅଛି। ବିଦ୍ୟାଳୟର ସମସ୍ତ ପରିସର ସିସିଟିଭି ଦ୍ୱାରା ନିରୀକ୍ଷଣ ଅନ୍ତର୍ଭୁକ୍ତ।
- ଜିଲ୍ଲା ସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ସକ୍ରିୟ ଅଂଶ ଗ୍ରହଣ
- NRTS, ପଠାଣି ସାମନ୍ତ ଆଦି ମେଧା ବୃତ୍ତିରେ ଅଂଶ ଗ୍ରହଣ
- ମାନବୀୟ ମୂଲ୍ୟବୋଧର ବୃଦ୍ଧି ନିମନ୍ତେ ପ୍ରେରଣାଦାୟୀ ପାଠ୍ୟ ଖସଡ଼ା
- ହଷ୍ଟେଲ ନୁହେଁ ଏକ ଶୈକ୍ଷିକ ତଥା ପାରିବାରିକ ବାତାବରଣ ମଧ୍ୟରେ ବସବାସ

Education is the bridge from darkness to enlightened empowerment

*T&C Apply

Meghadamburu, Satya Nagar, Balasore, Odisha 756001
+91 7873502021, +919437408589, +91 9438709427
innovativeschool2009@gmail.com
www.innovativeresidentialschool.com




ନୂଆବର୍ଷରେ ସଜେଇ ହୋଇଛି ଦୁବାଇର ବୁର୍ଜ ଖଲିଫା

# ନୂଆବର୍ଷରେ କାଶୀ, ବୃନ୍ଦାବନ, ଅଯୋଧ୍ୟାରେ ୧୦ ଲକ୍ଷ ଭକ୍ତ

■ ୫ ଲକ୍ଷ ଶ୍ରଦ୍ଧାଳୁ ରାମଲାଲାଙ୍କ ଦର୍ଶନ କଲେ
■ ବୈଷ୍ଣୋଦେବୀ ମନ୍ଦିରରେ ଅସମ୍ଭାଳ ଭିଡ଼
■ ମହାକାଳ ମନ୍ଦିରରେ ୧ ଲକ୍ଷ ଭକ୍ତ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷକୁ ଭାରତରେ ପୂରା ଧୂମ୍‌ଧାମରେ ପାଳନ କରାଯିବା ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ଦେଶବ୍ୟାପୀ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀଗୁଡିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କାଶୀ, ବୃନ୍ଦାବନ ଓ ଅଯୋଧ୍ୟାରେ ୧୦ ଲକ୍ଷ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରିଛନ୍ତି। ଅଯୋଧ୍ୟାରେ ସଂଧ୍ୟା ସୁଦ୍ଧା ୫ ଲକ୍ଷରୁ ଅଧିକ ଲୋକ ରାମଲାଲାଙ୍କ ଦର୍ଶନ କରିଥିଲେ ଓ ଏହି ସଂଖ୍ୟା ଦିନ ବଢ଼ିବା ସଙ୍ଗେ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ଏବଂ ଭିଡ଼ ମଧ୍ୟ ବଢ଼ିବାରେ ଲାଗିଛି। ମଥୁରାରେ ବାଙ୍କେ ବିହାରୀ ମନ୍ଦିର ଭକ୍ତଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି ଓ ଅପରାହ୍ଣ ୧୨ଟା ସୁଦ୍ଧା ଦେଢ ଲକ୍ଷରୁ ଅଧିକ ଲୋକ ମନ୍ଦିରରେ ଦର୍ଶନ କରିଥିଲେ। ଜାନୁଆରୀ ୫ ପର୍ଯ୍ୟନ୍ତ ନଆସିବାକୁ ମନ୍ଦିର ପ୍ରଶାସନ ଲୋକଙ୍କୁ ନିବେଦନ କରିଛି। ସେହିପରି ଉଜ୍ଜୟିନୀ ମହାକାଳ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଓ ଦଳର କିଛି ସଦସ୍ୟା ମଧ୍ୟ ଦର୍ଶନ କରିଛନ୍ତି। ଜମ୍ମୁ-କଶ୍ମୀର ବୈଷ୍ଣୋଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ବିଶୃଙ୍ଖଳା ଏଡାଇବା ପାଇଁ ବୈଷ୍ଣୋଦେବୀ ମନ୍ଦୀର ବୋର୍ଡ ପଞ୍ଜୀକରଣକୁ ସ୍ଥଗିତ ରଖିଛି।



# ନୂଆବର୍ଷ ପାଇଁ ଟାଇମ୍ସ ସ୍କୋୟାରରେ ୧୦ ଲକ୍ଷ ଲୋକ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଭାରତ ସମେତ ବିଶ୍ୱବ୍ୟାପୀ ନୂଆବର୍ଷ ୨୦୨୬ର ଜବରଦସ୍ତ ସ୍ୱାଗତ କରାଯାଇଛି। ରାଜଧାନୀ ଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଲୋକମାନେ ଅବଗଣନା ସହିତ ନୂଆବର୍ଷକୁ ଜୋରଦାର ସ୍ୱାଗତ କରିଥିଲେ। ସେହିପରି ଜମ୍ମୁ-କଶ୍ମୀରରେ ପ୍ରବଳ ତୁଷାରପାତ ଚାଲିଥିବା ବେଳେ ଲୋକେ ନୂଆବର୍ଷକୁ ସ୍ୱାଗତ କରିବାକୁ ଭୁଲି ନଥିଲେ। ନ୍ୟୁଜିଲାଣ୍ଡରେ ପ୍ରଥମେ ୨୦୨୬ ଆରମ୍ଭ ହୋଇଥିଲା। ଅକଲାଣ୍ଡର ସ୍କାଏ ଟାୱାରରେ ଜବରଦସ୍ତ ଆତସବାଜି ପ୍ରଦର୍ଶନ ହୋଇଥିଲା। ସେହିପରି ଜାପାନ, ଚୀନ୍, ସିଙ୍ଗାପୁର, ୟୁଏଇ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ମଧ୍ୟ ପାରମ୍ପରିକ କାର୍ଯ୍ୟକ୍ରମ ଓ ଆତସବାଜି ସହିତ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ଭିନ୍ନ ଭିନ୍ନ ଟାଇମ୍ ଜୋନ କାରଣରୁ ୨୯ଟି ଦେଶ ଭାରତଠାରୁ ଆଗୁଆ ନୂଆବର୍ଷ ପାଳନ କରିଥିଲେ। ଆମେରିକାର ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ନୂଆବର୍ଷ ଉତ୍ସବ ପାଳନ କରିବାକୁ ପାଖାପାଖି ୧୦ ଲକ୍ଷ ଲୋକ ଏକାଠି ହୋଇଥିଲେ। ଲୋକଙ୍କ ଉପରେ ୧ ଟନ୍‌ରୁ ଅଧିକ ରଙ୍ଗୀନ କାଗଜ ବର୍ଷା କରାଯାଇଥିଲା। ଆମେରିକା ଏହି ବର୍ଷ ନିଜର ୨୫୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ନୂଆବର୍ଷ ପାଳନ ସ୍ୱତନ୍ତ୍ର ଥିଲା। ସେହିପରି ରାଜଧାନୀ ୱାସିଂଟନ ଡିସିରେ ମଧ୍ୟ ଜବରଦସ୍ତ ଆତସବାଜି ଦେଖିବାକୁ ମିଳିଥିଲା। ବ୍ରାଜିଲର ରିଓ ଡି ଜାନେରିଓରେ, ବ୍ରିଟେନ ରାଜଧାନୀ ଲଣ୍ଡନର ଥେମ୍ସ ନଦୀକୂଳରେ ରଙ୍ଗବେରଙ୍ଗ ଆତସବାଜି ଦେଖିବାକୁ ମିଳିଥିଲା। ଫ୍ରାନ୍ସ ରାଜଧାନୀ ଏଫିଲ ଟାୱାରରେ ସୁନ୍ଦର ଆତସବାଜି ସହ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ସେହିପରି ଜର୍ମାନୀ, ନେଦରଲାଣ୍ଡସ, ୟୁଏଇ, ଚୀନ୍, ସିଙ୍ଗାପୁର, ଦକ୍ଷିଣ କୋରିଆ, ଜାପାନ, ଅଷ୍ଟ୍ରେଲିଆର ପ୍ରାୟ ସବୁ ସହରରେ ଆତସବାଜି ସହ ନୂଆବର୍ଷ ପାଳନ କରାଯାଇଥିଲା। ତେବେ ନେଦରଲାଣ୍ଡସର ଆମଷ୍ଟରଡାମ୍‌ରେ ନୂଆବର୍ଷ ପାଳନ ଅବସରରେ ଐତିହାସିକ ଭୋଣ୍ଡେଲ ଚର୍ଚ୍ଚରେ ନୂଆବର୍ଷ ପାଳନ ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା।

# ୨୦୨୭ ରେ ଦେଶରେ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

ଗୌହାଟୀରୁ କୋଲକାତା ଚାଲିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଗୌହାଟୀରୁ କୋଲକାତା ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚାଲିବ। ଏହି ଟ୍ରେନ୍‌ର ତୃତୀୟ ଏସିର ଭଡ଼ା ୨, ୩୦୦, ଦ୍ୱିତୀୟ ଏସିର ଭଡ଼ା ୩, ୦୦୦ ଓ ପ୍ରଥମ ଏସି ଭଡ଼ା ୩, ୬୦୦ ଟଙ୍କା ସ୍ଥିର କରାଯାଇଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସୂଚନା ଦେଇଛନ୍ତି। ବୈଷ୍ଣବ କହିଛନ୍ତି ଯେ, ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଟ୍ରାଏଲ, ଟେଷ୍ଟିଂ ଓ ସାର୍ଟିଫିକସନ ସମାପ୍ତ ହୋଇଛି। ସ୍ଲିପର ଟ୍ରେନ୍‌କୁ ୧, ୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁବଶୀଘ୍ର ଏହି ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ବୋଲି ବୈଷ୍ଣବ କହିଛନ୍ତି। ଏହି ବର୍ଷ ଶେଷସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରସ୍ତୁତ ହେବ। ଦୁଇ ଦିନ ପୂର୍ବରୁ ଟ୍ରେନ୍‌ର ପରୀକ୍ଷଣ କରାଯାଇଥିଲା। ଏହି ଟ୍ରେନ୍ କୋଟା- ନାଗରା ରେଳ ଟ୍ରାକ୍‌ରେ ଘଣ୍ଟାପ୍ରତି ୧୮୦ କିମି ବେଗରେ ଚାଲିଥିଲା। ଲୋକୋ ପାଇଲଟ ୪ ଗ୍ଲାସ୍ ପାଣି ରଖିଥିଲେ। ଏତେ ବେଗରେ ଟ୍ରେନ୍ ଚାଲିଥିଲେ ମଧ୍ୟ ଗ୍ଲାସ୍‌ରୁ ପାଣି ପଡ଼ି ନଥିଲା।

ସେହିପରି ଆସନ୍ତାବର୍ଷ ଅର୍ଥାତ ୨୦୨୭ ଅଗଷ୍ଟ ୧୫ରେ ଦେଶରେ ପ୍ରଥମଥର ପାଇଁ ବୁଲେଟ ଟ୍ରେନ ଚାଲିବ ବୋଲି ରେଳମନ୍ତ୍ରୀ କହିଛନ୍ତି। ବୁଲେଟ ଟ୍ରେନ୍ ପ୍ରଥମେ ସୁରତରୁ ବିଲିମୋରା ପର୍ଯ୍ୟନ୍ତ ଚାଲିବ ଓ ଏହି ସେକ୍ସନ ଖୋଲିବ। ଏହାପରେ ଭାପିରୁ ସୁରତ ସେକ୍ସନ ଖୋଲିବ। ତା'ପରେ ଭାପିରରୁ ଅହମଦାବାଦ ଓ ଥାନେରୁ ଅହମଦାବାଦ ସେକ୍ସନ ଖୋଲିବ ବୋଲି ସେ କହିଛନ୍ତି। ନୂଆପିଢ଼ିର ଟ୍ରେନ୍ ପାଇଁ ବହୁ ଦିନରୁ ଦାବି ହୋଇଆସୁଛି। ବନ୍ଦେ ଭାରତ ଚେୟାର କାର୍ ଭାରତୀୟ ରେଳବାଇ ପାଇଁ ନୂତନ ଯୁଗ ଆରମ୍ଭ କରିଛି। ଲୋକେ ଏହାକୁ ବହୁତ ପସନ୍ଦ କରିଛନ୍ତି। ଦେଶରୁ ପ୍ରତ୍ୟେକ କୋଣରୁ ବନ୍ଦେ ଭାରତ ଟ୍ରେନ୍ ପାଇଁ ଦାବି ହେଉଛି ବୋଲି ସେ କହିଛନ୍ତି। ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ସସପେନସନ ସିଷ୍ଟମ ଓ ବିଶ୍ୱସ୍ତରୀୟ ସ୍ଲିପର କୋଚ୍ ରହିଛି। ଗୌହାଟୀରୁ ହାଓଡା ରୁଟ୍‌ରେ ବିମାନ ଭଡ଼ା ୬ରୁ ୮ ହଜାର ଟଙ୍କା ରହିଛି। କେତେକ ସମୟରେ ଏହା ୧୦ ହଜାର ଟଙ୍କାରେ ପହଞ୍ଚିଥାଏ। କିନ୍ତୁ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଗୌହାଟୀରୁ ହାଓଡା ଯିବା ପାଇଁ ମାତ୍ର ୨, ୩୦୦ ଟଙ୍କା ଭଡ଼ା ପଡ଼ିବ ବୋଲି ସେ କହିଛନ୍ତି।




# ଭାରତ-ପାକିସ୍ତାନ ପରସ୍ପରକୁ ପରମାଣୁ ସୂଚନା ଦେଲେ



୩୫ ବର୍ଷରୁ ଚାଲିଆସୁଛି ଏହି ପରମ୍ପରା

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷର ପ୍ରଥମ ଦିନରେ ଅର୍ଥାତ ଗୁରୁବାର ଭାରତ ଓ ପାକିସ୍ତାନ ପରସ୍ପରକୁ ନିଜ ନିଜର ପରାମାଣୁ ଠିକଣା ସମ୍ପର୍କରେ ଠିକଣା ପ୍ରଦାନ କରିଥିଲେ। ଏହି ଠିକଣାରେ ଦୁଇ ଦେଶ ସେମାନଙ୍କ ପରମାଣୁ ଅସ୍ତ୍ର ରଖିଥାନ୍ତି। ଏହି ପ୍ରକ୍ରିୟା ତଥା ପରମ୍ପାର ଗତ ୩୫ ବର୍ଷ ହେବ ଚାଲିଆସୁଛି। ଦୁଇ ଦେଶ ନୂଆଦିଲ୍ଲୀ ଓ ଇସଲାମାବାଦ୍ ସ୍ଥିତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ତାଲିକା ଆଦାନପ୍ରଦାନ କରିଛନ୍ତି। ୧୯୮୮ ଡିସେମ୍ବର ୩୧ରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏଥିରେ ଦୁଇଦେଶ ପରସ୍ପରର ପରମାଣୁ ଠିକଣା, ଭିତ୍ତିଭୂମୀ ଉପରେ ଆକ୍ରମଣ ନ କରିବା ନେଇ ଉଲ୍ଲେଖ ରହିଛି। ଏହି ଚୁକ୍ତି ୧୯୯୧ ଜାନୁଆରୀ ୨୭ରେ ଲାଗୁ ହୋଇଥିଲା। ଏହା ଅନୁସାରେ ଦୁଇଦେଶ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷ ଜାନୁଆରୀ ୧ରେ ପରସ୍ପରକୁ ନିଜର ପରମାଣୁ ଠିକଣା ସମ୍ପର୍କରେ ଅବଗତ କରାଇଥାନ୍ତି। ୧୯୯୨ ଜାନୁଆରୀ ୧ରେ ପ୍ରଥମଥର ପାଇଁ ଏହି ତାଲିକା ବିନିମୟ କରାଯାଇଥିଲା। ଭାରତ ପାଖରେ ୧୮୦ ଓ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ବୋମା ରହିଛି ବୋଲି ଷ୍ଟକହୋମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ତରଫରୁ କୁହାଯାଇଛି।

### ହାଦି ହତ୍ୟା ଅଭିଯୁକ୍ତର ସୂଚନା

# 'ଭାରତ ନୁହେଁ; ମୁଁ ଦୁବାଇରେ ଅଛି'

ଢାକା, ୧।୧(ଏଜେନ୍ସି): ଭାରତ ଓ ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହସିନା ବିରୋଧୀ ନେତା ଭାବେ ବେଶ୍ ଜଣାଶୁଣା ଥିବା ଉସମାନ ହାଦି ହତ୍ୟା ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ମାମଲାର ମୁଖ୍ୟ ଅଭିଯୁକ୍ତ ଫୈଜଲ କରିମ ମାସୁଦ ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ମାସୁଦ ଏକ ଭିଡିଓ ଜାରିକରି କହିଛନ୍ତି ଯେ, ମୁଁ ବାଂଲାଦେଶୀ ନୁହେଁ। ମୋତେ ଓ ମୋ ପରିବାରକୁ ଅଯଥାରେ ଫସାଇ ଦିଆଯାଇଛି। ହାଦି ଜମାତର ଏକ ଅଂଶ। ଜମାତର ସଦସ୍ୟମାନେ ତାଙ୍କୁ ମାରି ଥାଇପାରନ୍ତି। ହାଦିଙ୍କ ସହିତ ତାଙ୍କର କାରବାର କେବଳ ବ୍ୟବସାୟ ଓ ରାଜନୈତିକ ପାଣ୍ଠି ସହିତ ଜଡିତ ଥିଲା। ହତ୍ୟା ପରେ ଭାରତ ପଳାଇ ଆସିଥିବା ଖବରକୁ ଫୈଜଲ ପ୍ରତ୍ୟାଖାନ କରିଛନ୍ତି। ବର୍ତ୍ତମାନ ଦୁବାଇରେ ଅଛି ଓ ମୋତେ ରାଜନୈତିକ ଷଡ଼ଯନ୍ତ୍ରରେ ଫସାଯାଉଛି ବୋଲି ଫୈଜଲ କହିଛନ୍ତି। ଅନ୍ୟପଟେ ହାଦିଙ୍କ ମୃତ୍ୟୁ ସମ୍ପର୍କରେ ବାଂଲାଦେଶ ପୁଲିସ କହିଛି ଯେ, ଫୈଜଲ ଓ ତାଙ୍କ ସହଯୋଗୀ ଆଲମଗିରି ଶେଖ ସହ ମିଶି ଡିସେମ୍ବର ୧୨ରେ ହାଦିଙ୍କୁ ଗୁଳି କରି ହତ୍ୟା କରିଥିଲେ ଓ ଏହାପରେ ଦୁହେଁ ହାଲୁଆଘାଟ ସୀମା ଦେଇ ଭାରତ ପଳାଇଯାଇଥିଲେ ଓ ବର୍ତ୍ତମାନ ସେମାନେ ମେଘାଳୟରେ ଲୁଚି ରହିଛନ୍ତି। ତେବେ ବିଏସ୍‌ଏଫ୍ ଓ ମେଘାଳୟ ପୁଲିସ ଏହି ଅଭିଯୋଗଗୁଡିକୁ ପ୍ରତ୍ୟାଖାନ କରିଥିଲେ।

# ପୁଣେରେ ଶିବସେନାର ପ୍ରାର୍ଥୀ ନିଜ ଦଳର ଅନ୍ୟ ଜଣେ ପ୍ରାର୍ଥୀଙ୍କ ଏ-ବି ଫର୍ମ ଗିଳିଲେ

ମୁମ୍ବଇ, ୧।୧(ଏଜେନ୍ସି): ମହାରାଷ୍ଟ୍ରରେ ଏବେ ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପୁଣେରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଶିବସେନାର ଜଣେ ପ୍ରାର୍ଥୀ ଉଦ୍ଧବ କାମ୍ବଲେ ନିଜ ଦଳର ଅନ୍ୟ ଜଣେ ପ୍ରାର୍ଥୀଙ୍କ ଏ-ବି ଫର୍ମ ଚିରିବା ସହ ଗିଳି ଦେଇଛନ୍ତି। ଏବେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି। ବୁଧବାର ଧନକାୱାଡି ସାହାକରନଗର ୱାର୍ଡ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି। ଏହା ପରେ ଉଦ୍ଧବଙ୍କ ବିରୋଧରେ ଭାରତୀ ବିଦ୍ୟାପୀଠ ଥାନାରେ ଅଭିଯୋଗ କରାଯାଇଛି। ଶିବସେନାରେ ଏହି ଦୁଇ ପ୍ରାର୍ଥୀଙ୍କୁ ନିଜ ପାର୍ଟି ତରଫରୁ ଏ-ବି ଫର୍ମ ଦିଆଯାଇଥିଲା। ଏହାପରେ ଦୁଇଜଣ ପ୍ରାର୍ଥୀ କାମ୍ବଲେ ଓ ମଚିନ୍ଦ୍ର ଧୱାଲେଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପୁଲିସ କହିବା ଅନୁସାରେ ଯୁକ୍ତିତର୍କ ପରେ କାମ୍ବଲେ ଧୱାଲେଙ୍କ ଏ-ବି ଫର୍ମକୁ ଚିରିବା ସହ ଗିଳି ଦେଇଥିଲେ। କାମ୍ବଲେଙ୍କୁ ଅଟକ ରଖାଯିବା ସହ ପଚରା ଉଚରା କରାଯାଉଛି ଓ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଥାଉ କି, ଏ-ବି ଫର୍ମ ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଫର୍ମ ଭାବେ ବିଚାର କରାଯାଏ। ଏହାଦ୍ୱାରା ଏକ ଦଳ ତା'ର ପ୍ରାର୍ଥୀଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ସୁଯୋଗ ଦେଇଥାଏ ଓ ଦଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପ୍ରାର୍ଥୀ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିଥାଏ। ଜାନୁଆରୀ ୧୫ରେ ମୁମ୍ବଇ ସମେତ ମହାରାଷ୍ଟ୍ରର ୨୯ଟି ମହାନଗର ନିଗମରେ ନିର୍ବାଚନ ହେବ।

### ନ୍ୟୁୟର୍କ ସିଟିର ପ୍ରଥମ ମୁସ୍‌ଲିମ ମେୟର

# କୋରାନ୍ ଛୁଇଁ ଶପଥ ନେଲେ ମମ୍‌ଦାନୀ

ନ୍ୟୁୟର୍କ୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସ୍‌ଲିମ ମେୟର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଗୁରୁବାର କୋରାନ ହାତରେ ରଖି ଶପଥ ଗ୍ରହଣ କରିଥିଲେ। ନ୍ୟୁୟର୍କ ଇତିହାସରେ ପ୍ରଥମଥର ପାଇଁ ଏପରି ହୋଇଛି। ଏପର୍ଯ୍ୟନ୍ତ ନ୍ୟୁୟର୍କ ସିଟିର ଅଧିକାଂଶ ମେୟର ହାତରେ ବାଇବେଲ୍ ଧରି ଶପଥ ଗ୍ରହଣ କରିଆସିଥିଲେ। ତେବେ ଆମେରିକାର ସମ୍ବିଧାନ ଅନୁସାରେ ଶପଥ ଗ୍ରହଣ ପାଇଁ କୌଣସି ଧାର୍ମିକ ପୁସ୍ତକ ଧରିବା ବାଧ୍ୟତାମୂଳକ ନୁହେଁ। ୩୪ ବର୍ଷୀୟ ଡେମୋକ୍ରାଟ୍ ନେତା ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସଲମାନ ଓ ପ୍ରଥମ ଦକ୍ଷିଣ ଏସୀୟ ଓ ପ୍ରଥମ ଆଫ୍ରିକୀୟ ଜନ୍ମିତ ମେୟର। ନ୍ୟୁୟର୍କ ସହରର ସିଟି ହଲ୍ ତଳେ ଏକ ବନ୍ଦ ମେଟ୍ରୋ ଷ୍ଟେସନରେ ମମ୍‌ଦାନୀ ଶପଥ ଗ୍ରହଣ କରିଥିଲେ। ଏହା ଏକ ବ୍ୟକ୍ତିଗତ ସମାରୋହ ଥିଲା ଏଥିରେ ମମ୍‌ଦାନୀଙ୍କର ପରିବାର ସଦସ୍ୟ ଯୋଗ ଦେଇଥିଲେ। ଏହାପରେ ଅପରାହ୍ଣରେ ଏକ ସାର୍ବଜନୀନ ଶପଥ ଗ୍ରହଣ ଉତ୍ସବ ଆୟୋଜନ ହୋଇଥିଲା। ମମ୍‌ଦାନୀ ଦୁଇଟି କୋରାନ ଉପରେ ହାତ ରଖି ଶପଥ ଗ୍ରହଣ କରିଥିଲେ। ଏହି ଦୁଇଟି କୋରାନ ମଧ୍ୟରୁ ଗୋଟିଏ ତାଙ୍କ ଜେଜେବାପାଙ୍କର ଥିଲା ଓ ଅନ୍ୟଟି ଏକ ଛୋଟ ପକେଟ ଆକାରର କୋରାନ ଥିଲା। ପକେଟ ଆକାରର କୋରାନ ୧୮ତମ ଶତାବ୍ଦୀର ଶେଷ କିମ୍ବା ୧୯ଶ ଶତାବ୍ଦୀ ପ୍ରାରମ୍ଭର ବୋଲି କୁହାଯାଇଛି। ଏହା ନ୍ୟୁୟର୍କ ପବ୍ଲିକ ଲାଇବ୍ରେରୀ ସ୍କୋମବର୍ଗ ସେଣ୍ଟର ଫର ରିସର୍ଚ୍ଚ ଇନ୍ ବ୍ଲାକ କଲଚରର ସଂଗ୍ରହର ଏକ ଅଂଶ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ମମ୍‌ଦାନୀ ନଭେମ୍ବର ୪ରେ ନ୍ୟୁୟର୍କ ସିଟି ମେୟର ନିର୍ବାଚନରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିଥିଲେ। ଗତ ୧୦୦ ବର୍ଷର ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ପ୍ରଥମ ମୁସ୍‌ଲିମ ମେୟର ଭାବେ ନିର୍ବାଚିତ ହୋଇ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲେ। ମମ୍‌ଦାନୀ ଭାରତୀୟ ମହିଳା ପିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ତାଙ୍କ ପିତା ହେଉଛନ୍ତି ଜଣେ ଭରାତୀୟ- ଉଗାଣ୍ଡା ଶିକ୍ଷାବିତ ଓ ରାଜନୈତକ ସମାଲୋଚକ। ସେ ଜଣେ ପ୍ରଫେସର ଭାବେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଆଫ୍ରିକୀୟ ଅଧ୍ୟୟନର ପ୍ରଫେସର।



# ୟେମେନରୁ ସୈନ୍ୟ ପ୍ରତ୍ୟାହାର କରିବ ୟୁଏଇ

ଆବୁଧାବି, ୧।୧(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ୟେମେନରୁ ତା'ର ସୈନ୍ୟ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଏଥିସହ ୟେମେନରେ ଚାଲିଥିବା ଆତଙ୍କବାଦୀ ବିରୋଧୀ ଅଭିଯାନକୁ ସମାପ୍ତ କରୁଛି ବୋଲି ୟୁଏଇ ସ୍ପଷ୍ଟ କରିଛି। ୟେମେନରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଦକ୍ଷିଣ ଟ୍ରାଞ୍ଜିସନାଲ କାଉନସିଲ (ଏସ୍‌ଟିସି)କୁ ୟୁଏଇ ସମର୍ଥନ କରୁଛି ବୋଲି ସାଉଦି ଆରବ ଅଭିଯୋଗ କରିଥିବା ବେଳେ ଏପରି ନିଷ୍ପତ୍ତି ନିଆଯାଇଛି। ପୂର୍ବରୁ ୨୪ ଘଣ୍ଟା ମଧ୍ୟରେ ୟୁଏଇ ତା'ର ସନ୍ୟ ପ୍ରତ୍ୟାହାର କରିବାକୁ ୟେମେନର ସରକାର କହିଥିଲା। ଏହାକୁ ସାଉଦି ଆରବ ମଧ୍ୟ ସମର୍ଥନ କରିଥିଲା। ମଙ୍ଗଳବାର ସାଉଦି ନେତୃତ୍ୱାଧୀନ ଏକ ମିଳିତ ସଂଗଠନ ୟେମେନର ମୁକାଲ୍ଲା ବନ୍ଦର ଉପରେ ଆକ୍ରମଣ କରିଥିଲା। ସାଉଦି ଆରବ ଦାବି କରିଥିଲା ଯେ, ମୁକାଲ୍ଲା ବନ୍ଦରରେ ପହଞ୍ଚିଥିବା ଜାହାଜ ୟୁଏଇରୁ ଅସ୍ତ୍ରଶସ୍ତ୍ର ନେଇ ଆସୁଥିଲା। ଏହି ଅସ୍ତ୍ରଶସ୍ତ୍ର ଦକ୍ଷିଣ ୟେମେନରେ ସକ୍ରିୟଥିବା ଏକ ବିଚ୍ଛିର୍ଣ୍ଣତାବାଦୀ ଗୋଷ୍ଠୀ ଦକ୍ଷିଣ ଟ୍ରାଞ୍ଜିସନାଲ କାଉନସିଲ (ଏସ୍‌ଟିସି)କୁ ଯୋଗାଇବା ପାଇଁ ଉଦିଷ୍ଟ ଥିଲା ବୋଲି ସାଉଦି ଆରବ ଦାବି କରିଛି। ଏସଟିସି ପୂର୍ବରୁ ୟେମେନ ସରକାରଙ୍କ ସହ ହୁତୀ ବିଦ୍ରୋହୀଙ୍କ ବିରୋଧରେ ଲଢ଼େଇ କରିଥିଲା। କିନ୍ତୁ ଏହି ମାସରେ ସାଉଦି ସମର୍ଥିତ ସରକାରୀ ବାହିନୀ ବରୋଧରେ ଏହା ଅଭିଯାନ ଆରମ୍ଭ କରିଛି।

# ଇନ୍ଦୋରରେ ଦୂଷିତ ପାଣି ନେଲାଣି ୧୪ ଜୀବନ

ଇନ୍ଦୋର, ୧।୧(ଏଜେନ୍ସି): ଦେଶର ସବୁଠାରୁ ସ୍ୱଚ୍ଛ ସହର ରୂପେ ପରିଚିତ ମଧ୍ୟପ୍ରଦେଶର ଇନ୍ଦୋରର ଭାଗୀରଥପୁରାରେ ଦୂଷିତ ପାଣି ପିଇ ୧୪ ଜଣ ଲୋକ ପ୍ରାଣ ହରାଇଲେଣି। ୧୪୦୦ରୁ ଅଧିକ ଲୋକ ମଧ୍ୟ ସଂକ୍ରମିତ ହେଲେଣି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ନେକ୍ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଦୂଷିତ ପାଣି ପିଇ ୧୪୦୦ ଲୋକ ସଂକ୍ରମିତ ହୋଇଛନ୍ତି ବୋଲି ଜଣାପଡ଼ିଛି। ୧୬୨ଜଣ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୨୭ଟି ସରକାରୀ ଓ ଘରୋଇ ହସ୍ପିଟାଲରେ ପୀଡିତଙ୍କ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ ଖରଗୋନ ଜିଲ୍ଲାର ଜାଲୁଦ୍‌ରୁ ନର୍ମଦା ନଦୀର ପାଣି ଇନ୍ଦୋରରେ ବ୍ୟବହାର କରାଯାଇଥାଏ।




ଇନ୍ଦୋର ମ୍ୟୁନିସପାଲ କର୍ପୋରେସନ (ଆଇଏମ୍‌ସି) କମିସନର ଦିଲୀପ କୁମାର ଯାଦବ କହିଛନ୍ତି ଯେ, ମୁଖ୍ୟ ଜଳ ଯୋଗାଣରେ ଏକ ଲିକେଜ୍ ଚିହ୍ନଟ ହୋଇଛି। ଭାଗିରଥୀପୁରାରେ ପାଇପଲାଇନ୍ ଉପରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହା ପାନୀୟ ଜଳକୁ ପ୍ରଦୂଷଣ କରିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଆଇଏମ୍‌ସି ଏବେ ପାଣି ପାଇପ ଲାଇନକୁ ଫ୍ଲସ କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ଟ୍ୟାପ ପାଣି ବ୍ୟବହାର ନ କରିବାକୁ ସମସ୍ତଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ୍ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ସ୍ୱଚ୍ଛ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଦୂଷିତ ପାଣି ପାନ କରି ବାନ୍ତି, ଝାଡାରେ ପୀଡିତ ହୋଇଥିବା ସଂକ୍ରମିତ ପୀଡିତଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ କହିଛନ୍ତି। ଶୁକ୍ରବାର ସୁଦ୍ଧା ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟରେ ପ୍ରଭାବିତ ଲୋକଙ୍କ ସଂଖ୍ୟା, ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୀଡିତଙ୍କ ସଂଖ୍ୟା ଓ ଯୋଗାଇ ଦିଆଯାଇଥିବା ଚିକିତ୍ସା ସେବା ଅନ୍ତର୍ଭୁକ୍ତ। ଇତିମଧ୍ୟରେ ଆଜି ସକାଳେ ବିଭାଗୀୟ ମନ୍ତ୍ରୀ କୈଳାଶ ବିଜୟବର୍ଗୀୟ ଭାଗୀରଥପୁରା ଅଞ୍ଚଳରେ ପହଞ୍ଚି ୭ଜଣ ମୃତକଙ୍କ ପରିବାରକୁ ୨-୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରିବାର ଲୋକେ ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ ଓ ଚେକ୍ ଆବଶ୍ୟକ ନାହିଁ ବୋଲି କହିଥିଲେ।







# ନୂଆବର୍ଷରେ ଶ୍ରୀକ୍ଷେତ୍ର ଲୋକାରଣ୍ୟ

■ ମହାପ୍ରଭୁଙ୍କ ଆଶିଷ ନେଇ ବର୍ଷ ଆରମ୍ଭ କଲେ
■ ସଅଳ ନୀତିକାନ୍ତି, ଶୀଘ୍ର ବାହାରିଲା ମହାପ୍ରସାଦ
■ ବଡ଼ଦେଉଳ, ବଡ଼ଦାଣ୍ଡ ଓ ବେଳାଭୂମି ସବୁଠି ଗହଳି

ପୁରୀ,୧।୧(ସମିସ): ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦେଉ। ପ୍ରତ୍ୟେକଙ୍କ ପାଇଁ ନୂଆ ଆଶା ଓ ସମ୍ଭାବନା ଆଣୁ। ବର୍ଷ ୨୦୨୬ର ପ୍ରଥମ ଦିନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ଏମିତି କୃପାଭିକ୍ଷା କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ନୂଆବର୍ଷ ପାଇଁ ଗୁରୁବାର ଶ୍ରୀକ୍ଷେତ୍ର ପାଲଟିଥିଲା ଜନସମୁଦ୍ର। ଜୟ ଜଗନ୍ନାଥ ଧ୍ୱନିରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ବଡ଼ଦାଣ୍ଡ ହେଉ କି ବଡ଼ଦେଉଳ ଅବା ବେଳାଭୂମି ସବୁଠି ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥିଲା। ବୁଧବାର ରାତିରୁ ଗୁରୁବାର ଦିନତମାମ୍ ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡୁଥିଲା ବଡ଼ଦାଣ୍ଡ। ଚଳଚଞ୍ଚଳ ହୋଇପଡିଥିଲା ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର ପୁରୀ। ମହାପ୍ରଭୁଙ୍କ ଦର୍ଶନ ପାଇଁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ଧାଡି। ଅନୁକୂଳ ପାଗ ସାଙ୍ଗକୁ ବର୍ଷର ପ୍ରଥମ ଦିନରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରରେ ପ୍ରାୟ ୪ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ବେଳାଭୂମିରେ ପହିଲି ସୂର୍ଯ୍ୟ ଏବଂ ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିଛନ୍ତି ଶ୍ରଦ୍ଧାଳୁ।

ଏଥର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଇଥିଲେ ସରକାର ଏବଂ ପ୍ରଶାସନ। ଭକ୍ତମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିଲେ। ବୁଧବାର ରାତି ୧୦ଟା ୨୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ୩ ଘଣ୍ଟା ୩୦ ମିନିଟ୍ ଶୋଇଥିଲେ ଠାକୁର। ରାତି ୧ଟା ୫୫ରେ ଦ୍ୱାର ଫିଟି ଥିଲା। ୨ଟା ୪୦ରେ ମଙ୍ଗଳ ଆଳତି ହୋଇ ଗୁରୁବାର ସକାଳ ୬ଟା ସୁଦ୍ଧା ପହଲି ଭୋଗ ନୀତି ବଢିଥିଲା। ୭ଟା ୪୫ରେ ସକାଳ ଧୂପ, ପୂର୍ବାହ୍ନ ୧୦ଟା ୨୦ରେ ଭୋଗମଣ୍ଡପ ସରି ଧାର୍ଯ୍ୟ ସମୟ ପୂର୍ବରୁ ବାହାରିଥିଲା ମହାପ୍ରସାଦ। ମଧ୍ୟାହ୍ନ ୧୨ଟା ୫ରେ ମଧ୍ୟାହ୍ନ ଧୂପ ସରି ୧୨ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ବଢିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବଗଲା ଧର୍ମଶାଳାଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଶେଡ୍ କରାଯାଇଥିଲା। ଭକ୍ତଙ୍କ ପାଇଁ ପାନୀୟ ଜଳ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯାଇଥିଲା। ତେବେ ରାତି ୨ଟାରେ ଦ୍ୱାରଫିଟିବା ଲାଗି ଆପାତତଃ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଦର୍ଶନ ପାଇଁ ବୁଧବାର ରାତି ୧୨ଟା ପୂର୍ବରୁ ଭକ୍ତମାନେ ଆସି ଧାଡିରେ ଠିଆ ହୋଇଥିଲେ। ଏପରି କି ରାତି ୨ଟା ବେଳକୁ ଧାଡି ମାର୍କେଟ ଛକ ଡେଇଁ ଯାଇଥିଲା। ୧ଟା ୫୫ରେ ଦ୍ୱାର ଫିଟିବା ପରେ ଭିତର ଶୋଧ ଓ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରୁଥିଲେ। ବାଇଶି ପାହାଚ, କୀର୍ତ୍ତନ ଚକଡା, ସାତପାହଚ ଦେଇ ବାହାରକାଠରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢା ପରିସର ବିଭିନ୍ନ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ପୁଲିସ ମାନବ ଶୃଙ୍ଖଳ ସହ ଦଫା ଦଫା କରି ଭକ୍ତଙ୍କୁ ଭିତରକୁ ଛାଡୁଥିଲା। କିନ୍ତୁ ଭିଡ଼ ଅଧିକ ଥିବାରୁ ପୁଲିସ କର୍ମଚାରୀଙ୍କୁ ଗହଳି ନିୟନ୍ତ୍ରଣ ପାଇଁ ନାକେଦମ ହେବାକୁ ପଡିଥିଲା। ଭୋରୁ ଧାଡି ବଳଗଣ୍ଡି ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଦର୍ଶନରେ ପୁଲିସ ଏବଂ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ନୀତି ସଅଳ ସାଙ୍ଗକୁ ମହାପ୍ରସାଦ ଶୀଘ୍ର ବାହାରିଥିଲା। ଭକ୍ତମାନେ ଆନନ୍ଦରେ ମହାପ୍ରସାଦ ପାଇ ଖୁସି ହୋଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ୭୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

## ପହିଲି ସୂର୍ଯ୍ୟ ଦର୍ଶନ ପାଇଁ ବେଳାଭୂମିରେ ଭିଡ଼

ପୁରୀ,୧।୧(ସମିସ): ବିଦାୟ ନେଇଛି ବର୍ଷ ୨୦୨୫। ନୂଆ ଆଶା, ଉତ୍ସାହ, ଉଦ୍ଦୀପନା ନେଇ ଧରାପୃଷ୍ଠରେ ପାଦ ଥାପିଛି ୨୦୨୬। ଏହି ଇଂରାଜୀ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପୁରୀରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ବେଶ୍ ଗହଳି ହୋଇଥିଲା। ସକାଳୁ ନବବର୍ଷର ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ କରିବା ଲାଗି ପୁରୀ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ଭିଡ଼ ଜମିଥିଲା। ହଜାର ହଜାର ସଂଖ୍ୟାରେ ଲୋକେ ସୂର୍ଯ୍ୟୋଦୟକୁ ଅପେକ୍ଷା କରିଥିଲେ। ପହିଲି ସୂର୍ଯ୍ୟ ଦେଖିବା କ୍ଷଣି ସମସ୍ତେ ଖୁସି ହୋଇଥିଲେ। ହେଲେ କୁହୁଡ଼ି ଯୋଗୁ ସୂର୍ଯ୍ୟଙ୍କ ଦର୍ଶନ ବିଳମ୍ବ ହୋଇଥିଲା। ସକାଳ ୭ଟା ୨ରେ ମହୋଦଧିରୁ ମଥା ଟେକି ସାମାନ୍ୟ ଝାପ୍‌ସା ଦେଖାଯାଉଥିଲେ ସୂର୍ଯ୍ୟଦେବତା। ଅନ୍ୟପକ୍ଷରେ କୁହୁଡି ଯୋଗୁ ସକାଳେ ଶ୍ରୀମନ୍ଦିର ପତିତପାବନ ବାନା ବି ସ୍ପଷ୍ଟ ଦେଖାଯାଉ ନ ଥିଲା।

## ୨୦୨୫ରେ ବୁଲିଲେ ୪୦ ଲକ୍ଷ ପର୍ଯ୍ୟଟକ

■ ପୂର୍ବବର୍ଷର ରେକର୍ଡ ଭାଙ୍ଗିଲା ଗତବର୍ଷ ପର୍ଯ୍ୟଟକ ଆଗମନ
■ ଭିଡ଼ ଦେଖି ଟିକଟ କାଉଣ୍ଟର ଲୁହାବାଡ଼ ବନ୍ଦ କଲେ କର୍ତ୍ତୃପକ୍ଷ

ନନ୍ଦନକାନନ,୧।୧(ସମିସ): ନୂଆ ବର୍ଷର ପ୍ରଥମ ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ୩୭ ହଜାର ୨୬୦ ଖଣ୍ଡ ଟିକଟ ବିକ୍ରି ହୋଇଛି। ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନ ପାଇଁ ୩୦୦୯ ଖଣ୍ଡ ଟିକେଟ ବିକ୍ରି ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୨୦୨୫ବର୍ଷରେ ନନ୍ଦନକାନନକୁ ମୋଟ ୪୦ଲକ୍ଷ ୨୦ହଜାର ୫୩୯ଜଣ ପର୍ଯ୍ୟଟକ ଆସିଛନ୍ତି। ଏଥିମଧ୍ୟରୁ ୩୮ ଲକ୍ଷ ୪୩ ହଜାର ୨୮ ଜଣ ଦର୍ଶକ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ୧ ଲକ୍ଷ ୭୭ ହଜାର ୫୧୧ ଜଣ ପର୍ଯ୍ୟଟକ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଥିଲେ। ୨୦୨୪ବର୍ଷରେ ମୋଟ ୩୭ ଲକ୍ଷ ୯ ୯ ହଜାର ୪୫୨ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୪ ଅପେକ୍ଷା ୨୦୨୫ରେ ୨ଲକ୍ଷ ୨୧ହଜାର ୮୭ଜଣ ପର୍ଯ୍ୟଟକ ଅଧିକ ଆସିଥିବା ନେଇ ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ତେବେ ୨୦୨୬ ବର୍ଷର ପ୍ରଥମ ଦିନ ୧୨ଟା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଅବସ୍ଥା ଏମିତି ହୋଇଥିଲା କି ଟିକଟ କାଉଣ୍ଟର ପ୍ରବେଶ ପଥ ଲୁହା ଫାଟକ ବନ୍ଦ କରିବାକୁ ପଡିଥିଲା। ଟିକଟ କାଉଣ୍ଟର ପାଖରେ ଭିରେ ଆଉ ପର୍ଯ୍ୟଟକ ଜଗା ହୋଇ ନ ଥିଲେ। କିଛି ପର୍ଯ୍ୟଟକଙ୍କୁ ସେଠାରୁ ଛାଡିଲା ପରେ ଥାକ ଥାକକି ପର୍ଯ୍ୟଟକଙ୍କୁ ଭିତରେ ପ୍ରବେଶ କରିବାକୁ ଦିଆଯାଇଥିଲା।

# ନୂଆବର୍ଷ ସକାଳକୁ ଗିଳିଦେଲା କୁହୁଡ଼ି



■ ପୂର୍ବାହ୍ନ ୧୧ଯାଏ ରାଜଧାନୀ ଅନ୍ଧାର
■ ଘନକୁହୁଡ଼ିରେ ଦିଶିଲାନି ମୁହଁକୁ ମୁହଁ
■ ଡିସେମ୍ବରରେ ସବୁଠୁ ଅଧିକ କୁହୁଡ଼ି
■ ଜାନୁଆରୀରେ ବି ଜାରି ରହିବ ଶୀତ

ଭୁବନେଶ୍ୱର,୧।୧(ସମିସ): ନୂଆବର୍ଷର ପ୍ରଥମ ଦିନ (ଗୁରୁବାର) ସକାଳକୁ ଗିଳିଦେଲା ଘନ କୁହୁଡ଼ି। ପୂର୍ବାହ୍ନ ୧୧ଟା ଯାଏଁ କୁହୁଡ଼ିର ଚଦରରେ ଢାଙ୍କି ହୋଇଗଲା ସାରା ଓଡ଼ିଶା। ବୁଧବାର ରାତିରୁ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ି ଆରମ୍ଭ ହୋଇ ଗୁରୁବର ଦିନ ପ୍ରାୟ ୧୦ ଟା ପର୍ଯ୍ୟନ୍ତ ଲାଗି ରହିଥିଲା। କୁହୁଡ଼ିର ପ୍ରଭାବ ଏତେ ଅଧିକ ରହିଥିଲା ଯେ ଅନେକ ସ୍ଥାନରେ ମୁହଁକୁ ମୁହଁ ଦିଶୁ ନ ଥିଲା। ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଥିଲେ ମଧ୍ୟ ଗୁରୁବାର ସକାଳୁ ଏହାର ବାସ୍ତବତା ଯୋଗୁଁ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ଅନ୍ୟପଟେ ଆଇଏମ୍‌ଡି ସୂଚନା ଅନୁଯାୟୀ, ଗତ ଡିସେମ୍ବର ମାସରେ ଦେଶରେ ଓଡ଼ିଶାରେ ସବୁଠୁ ଅଧିକ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ୩୧ ଦିନ ମଧ୍ୟରୁ ମୋଟ୍ ୨୬ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶା ତଳକୁ ଆସାମ, ମେଘାଳୟ ଓ ହିମାଚଳ ପ୍ରଦେଶ ରହିଛି। ଏଠାରେ ୨୩ ଦିନ ଲେଖାଏଁ କୁହୁଡ଼ି ହୋଇଥିବା ବେଳେ ପୂର୍ବ ଉତ୍ତର ପ୍ରଦେଶରେ ୨୨ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ଅନୁଭୂତ ହୋଇଥିବା କୁହୁଡ଼ି ଦିନ ସଂଖ୍ୟା ମଧ୍ୟରେ ରାଉରକେଲାରେ ସର୍ବାଧିକ ଦିନ କୁହୁଡ଼ି ଅନୁଭୂତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ମୁଖ୍ୟତଃ ନିର୍ମଳ ଆକାଶ ରହୁଛି। ଏହାସହ ଗୁରୁଚାପ ବଳୟର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଥିବା ବେଳେ ରାଜ୍ୟକୁ କିଛି କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁପ୍ରବାହ ରହୁଛି। ଏହିସବୁ କାରଣ ପାଇଁ ରାଜ୍ୟରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି।


ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଶୁକ୍ରବାର ସନ୍ଧ୍ୟାରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁରରେ ଅତି ଘନ କୁହୁଡ଼ି ଆଶଙ୍କା ସହ ପୁରୀ, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଗଜପତି ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

ଅନ୍ୟପଟେ ନଭେମ୍ବର, ଡିସେମ୍ବର ପରେ ଜାନୁଆରୀରେ ମଧ୍ୟ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ। ଆଇଏମ୍‌ଡି ପକ୍ଷରୁ ଜାନୁଆରୀ ମାସ ପାଇଁ ତାପମାତ୍ରା ଆକଳନ କରାଯାଇ କୁହାଯାଇଛି, ଜାନୁଆରୀରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ଏଥିପାଇଁ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଅନ୍ୟପଟେ ଜାନୁଆରୀ ପ୍ରଥମ ସପ୍ତାହରେ କିଛି ମାତ୍ରାରେ ଶୀତ କମିଲେ ମଧ୍ୟ ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ହ୍ରାସ ପାଇବ। ଫଳରେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ରାଜ୍ୟରେ ଶୀତ ଲହରୀ ଅନୁଭୂତ ହେବା ନେଇ ଆକଳନ କରାଯାଇଛି।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନବନିଯୁକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ




ଭୁବନେଶ୍ୱର,୧।୧(ସମିସ): ନବବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ଓଡ଼ିଶାବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।



# ତାଳପତ୍ରରେ ଜୀବନ୍ତ ହେଉଛି ୫୦୦ ବର୍ଷର ଐତିହ୍ୟ

## ଲୁପ୍ତପ୍ରାୟ ପୋଥି ଲେଖନ କଳାର ପୁନରୁଦ୍ଧାର କରୁଛନ୍ତି ଅମିୟ



ମାହାଙ୍ଗା,୧।୧(ସମିସ): ଆଧୁନିକତାର ଚକାଚକ ମଧ୍ୟରେ ଯେତେବେଳେ ଆମର ପ୍ରାଚୀନ କଳା ଓ ସଂସ୍କୃତି ବିଲୁପ୍ତ ହେବାକୁ ବସିଛି, ସେତିକିବେଳେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଷୁମା ଗ୍ରାମର ଅମିୟ ପ୍ରସାଦ ମହାପାତ୍ର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଦୀର୍ଘ ୫୦୦ ବର୍ଷ ତଳର ତାଳପତ୍ର ପୋଥି ଲେଖନ କଳାକୁ ପୁନର୍ଜୀବିତ କରିବା ପାଇଁ ସେ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମହାପୁରୁଷମାନଙ୍କ ଦ୍ୱାରା ପ୍ରଣୀତ ଗୀତା, ମହାଭାରତ, ଭାଗବତ ଓ ମାଳିକା ଭଳି ଅମୂଲ୍ୟ ଗ୍ରନ୍ଥଗୁଡ଼ିକୁ ସେ ନିଜ ଜେଜେବାପାଙ୍କ ଅମଳର ପାରମ୍ପରିକ ଲେଖନୀ ସାହାଯ୍ୟରେ ତାଳପତ୍ରରେ ପୁନଃ ଲିପିବଦ୍ଧ କରୁଛନ୍ତି। ଏହି କଠିନ ସାଧନା ମଧ୍ୟରେ ସେ ଶ୍ରୀମଦ୍ ଭାଗବତ, ଗୀତଗୋବିନ୍ଦ ଓ ରାମାୟଣ ଭଳି ଅନେକ ଗ୍ରନ୍ଥ ସମାପ୍ତ କରିବା ପରେ ଏବେ ବଳରାମ ଦାସଙ୍କ "ବ୍ରହ୍ମ ପୁରାଣ' ଲେଖିବାରେ ମଗ୍ନ ଅଛନ୍ତି। ପୋଥି ପ୍ରସ୍ତୁତିର ପ୍ରକ୍ରିୟା ଅତ୍ୟନ୍ତ ଧୈର୍ଯ୍ୟସାଧ୍ୟ ଓ ବୈଜ୍ଞାନିକ। ଅମିୟ ପ୍ରଥମେ ତାଳଗଛରୁ ଉନ୍ନତମାନର ମଞ୍ଜି ପତ୍ର ସଂଗ୍ରହ କରି ତାକୁ ପାଗ କରିବା ପାଇଁ ପ୍ରାୟ ୧୫ ରୁ ୩୦ ଦିନ ପର୍ଯ୍ୟନ୍ତ ପଙ୍କ ବା ପୋଖରୀ ପାଣିରେ ବୁଡ଼ାଇ ରଖନ୍ତି। ପତ୍ରଟି ନରମ ଓ ଲେଖିବା ଉପଯୋଗୀ ହେବା ପରେ ଏହାକୁ ଆବଶ୍ୟକୀୟ ଆକାରରେ କାଟି ମଝିରେ ଛିଦ୍ର କରାଯାଏ ଏବଂ ବାଉଁଶ ବତା ବା କାଠ ପଟା ସାହାଯ୍ୟରେ ପୋଥି ଆକାରରେ ବନ୍ଧାଯାଏ। କେବଳ ପୋଥି ଲେଖିବା ନୁହେଁ, ବରଂ ଅନ୍ୟମାନଙ୍କ ପାଖରେ ଥିବା ପୁରୁଣା ଓ ନଷ୍ଟ ହେବାକୁ ବସିଥିବା ଗ୍ରନ୍ଥଗୁଡ଼ିକୁ ମଧ୍ୟ ସେ ସଂଗ୍ରହ କରି ସୁରକ୍ଷିତ ରଖୁଛନ୍ତି। ତାଙ୍କର ଏହି ନିଶା ଓ ଭଗବତ୍ ଭକ୍ତି ଯୋଗୁଁ ସେ ୨୦୨୫ ମସିହା ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ଭାଗବତ ମେଳଣରେ ୨୭ ଜଣ ଗାଦୀଶ୍ୱରଙ୍କୁ ନିଜ ହାତଲେଖା "ଶ୍ରୀ ଗୀତଗୋବିନ୍ଦ' ପୋଥି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପୋଥି ଲେଖନ ବ୍ୟତୀତ ଅମିୟ ଜଣେ ସୁସାହିତ୍ୟିକ ଓ ପ୍ରବଚକ ଭାବେ ମଧ୍ୟ ବେଶ୍ ପରିଚିତ। ସେ ଗୋସ୍ୱାମୀ ତୁଳସୀଦାସଙ୍କ "ଶ୍ରୀ ରାମଚରିତମାନସ'କୁ ଓଡ଼ିଆ ନବାକ୍ଷରି ଛନ୍ଦରେ ଅନୁବାଦ କରୁଥିବା ବେଳେ ତାଙ୍କର "ମାନସ ନବାକ୍ଷରି' (ସୁନ୍ଦରାକାଣ୍ଡ) ପୁସ୍ତକଟି କଟକର ଶ୍ରୀ ତାରିଣୀ ପ୍ରେସ୍‌ରେ ପ୍ରକାଶିତ ହୋଇସାରିଛି। ଗ୍ରାମାଞ୍ଚଳରେ ହଜିଯାଉଥିବା ଭଗବତ ଟୁଙ୍ଗିର ପରମ୍ପରାକୁ ପୁନର୍ଜୀବିତ କରିବା ଏବଂ ଯୁବପିଢ଼ିଙ୍କୁ ନିଜ ଐତିହ୍ୟ ସହ ଯୋଡ଼ିବା ପାଇଁ ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଅଞ୍ଚଳବାସୀଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଓଡ଼ିଆ ଭାଷାର ଅସ୍ମିତା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅମିୟଙ୍କ ଏହି ଲେଖନୀ ଚାଳନା ଆଗାମୀ ଦିନରେ ଏକ ଆଲୋକବର୍ତ୍ତିକା ସଦୃଶ କାର୍ଯ୍ୟ କରିବ।

# ନୀଳଗିରିରେ କୁମ୍ଭୀର ଆତଙ୍କ

## ଇଟାଭାଟି ଶ୍ରମିକ ଗୁରୁତର

ନୀଳଗିରି, ୧।୧ (ସମିସ)



ନୀଳଗିରିରେ କୁମ୍ଭୀର ଆତଙ୍କ ଦେଖିବାକୁ ମିଳିଥିବା ବେଳେ ଜଣେ ଅଣଓଡ଼ିଆ ଇଟା ଭାଟି ଶ୍ରମିକ ଆକ୍ରମଣର ଶିକାର ହୋଇ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ନୀଳଗିରି ମୀରିଗିଣିରେ ଥିବା ଲକ୍ଷ୍ମୀ ଇଟାଭାଟିରେ ଝାଡ଼ଖଣ୍ଡ ରାଜ୍ୟ ବସନ୍ତରାୟ ଅଞ୍ଚଳର ପଞ୍ଚୁ ମାଝୀର ପୁଅ ମୁନା ମାଝୀ ଶ୍ରମିକ ଭାବେ କାର୍ଯ୍ୟ କରିଥିଲେ । ଗୁରୁବାର ସକାଳେ ପ୍ରାୟ ଆଠଟା ସମୟରେ ସେ ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ହଠାତ୍ ଏକ କୁମ୍ଭୀର ସଦୃଶ ଜନ୍ତୁ ମୁନା ମାଝୀର ଡାହାଣ ଗୋଡର ପାଦକୁ କାମୁଡି ଗୁରୁତର କରିଥିବାର ଦେଖିବାକୁ ମିଳିଛି । ପରେ ଗୁରୁତର ଅବସ୍ଥାରେ ଶ୍ରମିକମାନେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ । ଏବେ ସେ ଚିକିତ୍ସାଧୀନ ରହିଛନ୍ତି । ଖବରପାଇ ନୀଳଗିରି ବନ ଅଧିକାରୀ ମନ୍ୱାର ଖାଁ ମେଡିକାଲରେ ପହଞ୍ଚି ମୁନା ମାଝୀ ସହ ଘଟଣା ବାବଦରେ ପଚାରି ବୁଝି ଥିବା ବେଳେ ବିଭିନ୍ନ ଜନ୍ତୁଙ୍କର ଡେମୋ ମୋବାଇଲରେ ଦେଖାଇଥିଲେ । ପରେ ଡାକ୍ତରଙ୍କ ସହ ଘଟଣା ବାବଦରେ ପଚାରି ବୁଝିଛନ୍ତି । ମୁନା ମାଝୀର ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଗୁରୁତର ଅବସ୍ଥାରେ ଶ୍ରମିକ ଜଣକ ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ଇଟା ଭାଟି ମାଲିକଙ୍କ ଆସି ନ ଥିବାର ମୁନା ମାଝୀ ପ୍ରକାଶ କରିଛନ୍ତି । ତେବେ ଏ ନେଇ ବନ ବିଭାଗ ପକ୍ଷରୁ ସମ୍ପୃକ୍ତ ଇଟା ଭାଟି ମାଲିକଙ୍କୁ ପୋଖରୀରୁ ପାଣି ବାହାର କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଖୋଦ୍ ନୀଳଗିରି ବନ ଅଧିକାରୀ ମନ୍ୱାର ଖାଁ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିବା ସହ ଆବଶ୍ୟକ ପଡ଼ିଲେ ପୋଖରୀରୁ ପାଣି ବାହାର କରାଯିବ ବୋଲି ପ୍ରକାଶ କରିଛନ୍ତି । ଏହି ଖବର ଶୁଣିବା ପରେ ଉକ୍ତ ପୋଖରୀକୁ କେହି ଶ୍ରମିକ ଯାଉ ନ ଥିବା ବେଳେ କୁମ୍ଭୀର ଆତଙ୍କ ସୃଷ୍ଟି କରିଛି ।

# ଅଷ୍ଟମ ଶ୍ରେଣୀ ଛାତ୍ରର ଆତ୍ମହତ୍ୟା

ନୀଳଗିରି, ୧।୧ (ସମିସ): ଖୁବ୍ ଧୁମ୍‌ଧାମରେ ନୂଆବର୍ଷ ପାଳନ କରାଯାଉଥିବା ବେଳେ ଏକ ୧୩ ବର୍ଷର ଅଷ୍ଟମ ଶ୍ରେଣୀର ଛାତ୍ର ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିବା ଘଟଣା ସମସ୍ତଙ୍କୁ ଆଖି ଲୁହରେ ଭରି ଦେଇଛି । କ'ଣ ପାଇଁ ଆତ୍ମହତ୍ୟା କଲା, ତାହାର କାରଣ ଅସ୍ପଷ୍ଟ ଥିବା ବେଳେ ନୀଳଗିରି ପୁଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଜାରି ରଖିଛନ୍ତି ।

ନୀଳଗିରି ଥାନା ଅନ୍ତର୍ଗତ ନରସିଂହପୁର ପଞ୍ଚାୟତ ପୁରୁଣାଗାଁର ରାମକୃଷ୍ଣ ମହାପାତ୍ରଙ୍କ ଏକମାତ୍ର ପୁଅ ଅଙ୍କିତ ମହାପାତ୍ର (୧୩) ନୀଳଗିରିରେ ଭଡ଼ା ଘରେ ମାଆ ସହିତ ରହି ଆସୁଥିଲେ । ପୁଅ ଅଙ୍କିତ ଜାମୁଡ଼ିଆସ୍ଥିତ ଆଦର୍ଶ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥିଲା । ଗୁରୁବାର ଦିନ ପ୍ରାୟ ଦୁଇଟା ସମୟରେ ମାଆ ମନ୍ଦିର ଯାଇଥିବାର ସୁଯୋଗ ନେଇ ଅଙ୍କିତ ଶୋଇବା ଘରେ ଫ୍ୟାନରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବାର ମା' ଦେଖିବାକୁ ପାଇଥିଲେ । ଗାଁ ଲୋକ ଶୁଣିବା କ୍ଷଣି ଫ୍ୟାନରୁ ଗାମୁଛା ଖୋଲି ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ମେଡିକାଲ ପରିସରଟି କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା । ନୀଳଗିରି ପୁଲିସ ମେଡିକାଲରେ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ କରାଯାଇଛି ।

# ପିକ୍‌ନିକ୍ ବସ୍ ଦୁର୍ଘଟଣାଗ୍ରସ୍ତ, ସମସ୍ତେ ସୁରକ୍ଷିତ ଉଦ୍ଧାର

ବାଲେଶ୍ୱର, ୧।୧(ସମିସ): ନୂଆବର୍ଷ ସକାଳେ ଏକ ପିକନିକ୍ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ବାଲେଶ୍ୱରରୁ ଏକ କଂପ୍ୟୁଟର ଇନଷ୍ଟିଚ୍ୟୁଟର କିଛି ପିଲାମାନଙ୍କୁ ନେଇ ବାହାବଳପୁରସ୍ଥିତ ଦୁବଲାଗଡ଼ିକୁ ପିକନିକ କରିବା ପାଇଁ ଏକ ବସ୍ ଆଜି ଭୋର ସମୟରେ ଯାଉଥିଲା । ତେବେ ବସ୍‌ଟି ସଦର ବ୍ଲକ ସୁଲପଟା ନିକଟରେ ପହଁଚିବା ପରେ ଘନ କୁହୁଡି ହେତୁ କିଛି ରାସ୍ତା ଦେଖାଯାଉନଥିଲା । ଫଳରେ ବସ୍‌ଟି ସୁଲପଟା ପୋଲ ନିକଟସ୍ଥ ଏକ କେନାଲକୁ ପଶିଯାଇଥିଲା । ବସ୍‌ରେ ପାଖାପାଖି ୫୦ପିଲା ରହିଥିଲେ । ବସ୍ ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧି ହେତୁ ଏକ ନିଶ୍ଚିତ ବଡ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଯାଇଛି । ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତ ପିଲାମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି ।



# ନିଆରା ଢଙ୍ଗରେ ନୂତନ ବର୍ଷ ପାଳିଲେ ବସ୍ତା ବିଧାୟିକା

ଲଙ୍ଗଳେଶ୍ୱର, ୧।୧(ସମିସ): ନବବର୍ଷ ୨୦୨୬କୁ ସବୁଆଡେ ହର୍ଷଉଲ୍ଲାସରେ ପାଳନ କରୁଥିବା ବେଳେ ବସ୍ତାର ବିଧାୟିକା ସୁବାସିନୀ ଜେନା ଏହାକୁ ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି । ଆଜି



ଲଙ୍ଗଳେଶ୍ୱରସ୍ଥିତ ବାସଭବନରେ ଦଳୀୟ କର୍ମୀମାନଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ବସ୍ତା ବ୍ଲକ ନାଇକୁଡ଼ି ପଞ୍ଚାୟତ ବାଯ୍ଯା ଗ୍ରାମର ଭିନ୍ନକ୍ଷମ ବୃଦ୍ଧ ଶ୍ୟାମସୁନ୍ଦର ସାହୁଙ୍କୁ ଏକ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ ପ୍ରଦାନ କରିଥିଲେ । ସେହିଭଳି ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରୁ ଆବେଦନ କରିଥିବା ଭିନ୍ନକ୍ଷମ ଯୁବକ ଯୁବତୀ ମାନଙ୍କୁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇ ବ୍ୟାଟେରୀ ଚାଳିତ ତିନି ଚକିଆ ସାଇକେଲ ପ୍ରଦାନ କରାଯିବ ବୋଲି ବିଧାୟିକା ପ୍ରକାଶ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଉପସ୍ଥିତ ରହି ସମସ୍ତଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତି, ବାଲିଆପାଳ ବ୍ଲକ ବିଜେଡ଼ି ଗୋବିନ୍ଦ ପ୍ରସାଦ ଦାସ, ନାଇକୁଡ଼ି ପଞ୍ଚାୟତ ବିଜେଡ଼ି ସଭାପତି ବେଣୁଧର ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା, ଜିଲ୍ଲାପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ସଭ୍ୟା ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

















































# ରାତିରେ ନାଚ-ଗୀତ; ସକାଳେ ଦିଅଁ ଦର୍ଶନ



■ ଜମିଲା ଜିରୋ ନାଇଟ୍, ଝୁମିଲେ ଯୁବଗୋଷ୍ଠୀ
■ ଦୁଇଦିନ ଧରି ଉତ୍ସବ ପାଳନରେ ମସ୍‌ଗୁଲ ବାରିପଦା ସହର

ବାରିପଦା/ରାଇରଙ୍ଗପୁର, ୧୧(ସମିସ): ୨୦୨୫କୁ ବିଦାୟ ଦେଇ ୨୦୨୬ ପ୍ରଥମ ଦିନ ଅତିବାହିତ ହୋଇଛି। ବିଦାୟୀ ବର୍ଷର ଶେଷ ଓ ନୂଆବର୍ଷର ପ୍ରାରମ୍ଭ ଦିବସରେ ବାରିପଦାରେ ଦେଖିବାକୁ ମିଳିଛି ଉତ୍ସବର ମାହୋଲ। ବୁଧବାର ରାତିରେ ଜିରୋ ନାଇଟ୍ ସେଲିବ୍ରେସନ ହୋଇଥିବାବେଳେ ଗୁରୁବାର ସକାଳେ ଦିଅଁ ଦର୍ଶନ ପାଇଁ ରାଇରଙ୍ଗପୁର ସହରରେ ମନ୍ଦିରରେ ଭିଡ଼ ପରିଲକ୍ଷିତ ହୋଇଛି। ନବବର୍ଷ ପ୍ରଥମ ଦିନରେ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନେ ଭଗବାନଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି।

ରାତିରେ ଜିରୋ ନାଇଟ୍ ପାଇଁ ମଣ୍ଡପ, ରେସ୍ତୋରାଁ ଓ ହୋଟେଲରେ ପାଳନ କରି ନବବର୍ଷକୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ ବୁଧବାର ସନ୍ଧ୍ୟାରୁ ନୂଆ ବର୍ଷର କାଉଣ୍ଟଡାଉନ୍ ସହିତ ବାରିପଦା ସହର ଦୁଲୁକିଛି। ବିଭିନ୍ନ ହୋଟେଲ ଓ ଅନୁଷ୍ଠାନ, ଯୁବକ ସଂଘରେ ରଙ୍ଗବେରଙ୍ଗର ଲାଇଟ୍‌ର ସାଜସଜ୍ଜା ସହିତ ଖାଦ୍ୟପେୟର ମଧ ବ୍ୟବସ୍ଥା କରାଯାଇଥିଲା। ଆଉ ଡିଜେର ତାଳେ ତାଳେ ଯୁବଗୋଷ୍ଠୀ ଝୁମି ଉଠିଥିଲେ। ରକ୍‌ଷ୍ଟାରଙ୍କ ଗୀତ, ଡିଜେ ଓ ରଙ୍ଗୀନ ଆଲୋକ ମଧ୍ୟରେ ସମସ୍ତେ ମତୁଆଲା ହୋଇଯାଇଥିଲେ। ଅନେକ ଉତ୍କଣ୍ଠା ମଧ୍ୟରେ ନବବର୍ଷକୁ ସ୍ୱାଗତ ଜଣାଇବାକୁ ରାତି ୧୨କୁ ଅପେକ୍ଷା କରି ରହିଥିଲେ। ବାରିପଦା ସହରରେ ଜିରୋ ନାଇଟ୍ ସେଲିବ୍ରେଶନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସଙ୍ଗୀତ ତାରକାମାନେ ଉପସ୍ଥିତ ଥିଲେ। ଭଳି କି ଭଳି ଖାଦ୍ୟପେୟ ସହ ବାଣ ଫୁଟାଇ ମନୋରଞ୍ଜନର ସହିତ ନବବର୍ଷକୁ ସ୍ୱାଗତ କରିଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଇଥିଲା। ରାତିତମାମ୍ ନାଇଟ୍ ପାଟ୍ରୋଲିଂ ସମେତ ଜିରୋ ନାଇଟ୍‌ରେ ମଦପିଇ ଉତ୍ପାତଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ସହରର ସ୍ଥାନେ ସ୍ଥାନେ ପୁଲିସ ମୁତୟନ କରାଯାଇଥିଲା। ମଦ୍ୟପ ଓ ଦୁର୍ବୃତ୍ତମାନଙ୍କ ଉପଦ୍ରବକୁ ରୋକିବା ପାଇଁ ମଦୁଆ ଧରପଗଡ଼ ଗାଡ଼ି ମଧ ବୁଲିଥିଲା। ଜିରୋ ନାଇଟ୍‌କୁ ସୁରୁଖୁରୁରେ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ।

## ନବବର୍ଷରେ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ନବବର୍ଷ ପାଇଁ ବାରିପଦା ସହରର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ସକାଳୁ ଦିଅଁ ଦର୍ଶନ ପାଇଁ ବାରିପଦା ସହରର ଶ୍ରୀଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ଅମ୍ବିକା ମନ୍ଦିର, ରାଧାମୋହନ ମନ୍ଦିର, ଜ୍ୱାଳାମୁଖୀ ମନ୍ଦିର, ବାରୁଣେଶ୍ୱର ମନ୍ଦିର, ଲାଲବଜାର ଓ ପାଲବଣି ତାରିଣୀ ମନ୍ଦିର, ଶନିମନ୍ଦିର, ସାଇ ମନ୍ଦିର ଆଦିରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ରାଇରଙ୍ଗପୁର ସହର ଅଁଳାଡୁବାସ୍ଥିତ ମଠରେ ଶ୍ରୀରଘୁନାଥଜୀଉ ଓ କପିଳେଶ୍ୱର ବାବା ମନ୍ଦିର, ଗଡ଼ସ୍ଥିତ ଐଶ୍ୱନେଶ୍ୱର ମହାଦେବ ମନ୍ଦିର, ମୁର୍ମୁ ଛକସ୍ଥିତ ପୁରନେଶ୍ୱର ମହାଦେବ ମନ୍ଦିର, କୁଚେଇବୁଡ଼ିସ୍ଥିତ ଲକ୍ଷ୍ମୀ ମନ୍ଦିର, ରାଇରଙ୍ଗପୁର ବାଳିକା ଉଚ୍ଚ ବିଦ୍ୟାଳୟଓ ରେଳବାଇ ଫାଟକ ନିକଟସ୍ଥ ଶନିଦେବ ମନ୍ଦିର ଏବଂ ଜଗନ୍ନାଥ ମନ୍ଦିର ଆଦିରେ ଶ୍ରଦ୍ଧାଳୁମାନଙ୍କ ସମାଗମ ଦେଖିବାକୁ ମିଳିଥିଲା। ବର୍ଷର ପ୍ରଥମ ଦିନରେ ଠାକୁର ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ଏହାସହିତ ପରିବାର ଲୋକଙ୍କ ଆଶିଷ କାମନା କରିଛନ୍ତି। ଅସମ୍ଭାଳ ଭିଡ଼ ପାଇଁ ସହରରେ ଟ୍ରାଫିକ୍ ସମସ୍ୟା ପାଇଁ ବଡ଼ଯାନ ପାଇଁ ବ୍ଲକିଂ କରାଯାଇଥିଲା। ମନ୍ଦିରମାନଙ୍କରେ ଠେଲାପେଲା ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା। ଟ୍ରାଫିକ୍ ଓ ଶାନ୍ତି ଶୃଙ୍ଖଳା ପାଇଁ ମନ୍ଦିରରେ ପୁଲିସ ମୁତୟନ କରାଯାଇଥିଲା।



## ପିକ୍‌ନିକ୍ ପାଇଁ ଜମ୍ବିରା ଡ୍ୟାମ୍ ଲୋକାରଣ୍ୟ



ଶୁଳିଆପଦା, ୧୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଦେଉଳିଠାରେ ଥିବା ଜମ୍ବିରା ଡ୍ୟାମ୍‌ରେ ଗୁରୁବାର ନୂଆ ବର୍ଷ ଉପଲକ୍ଷେ ବଣଭୋଜି କରିବା ପାଇଁ ବହୁ ଜନସମାଗମ ହୋଇଥିଲା। ଅନେକ ଦୋକାନ ବଜାର ବସିଥିଲା। କିନ୍ତୁ ଜମ୍ବିରା ଡ୍ୟାମ୍‌କୁ ଆସୁଥିବା ପର୍ଯ୍ୟଟକମାନେ ପିଇବାପାଣି, ଶୌଚାଳୟ, ବସିବା ପାଇଁ ବେଞ୍ଚ ଆଦିର ବହୁଳ ଆବଶ୍ୟକ ହେଉଥିବା ଦର୍ଶାଇଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କେମିତି ଏ ଡ୍ୟାମ୍‌ର ସୌନ୍ଦର୍ଯ୍ୟକରଣ କରାଯିବ ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ଚାନ୍ଦୁଆ ଥାନା ପକ୍ଷରୁ ପୁଲିସ ମୁତୟନ କରାଯାଇଥିଲା। ପ୍ରାୟ ୫୦ ହଜାର ଲୋକଙ୍କ ସମାଗମ ହୋଇଥିବା ସୂଚନା ମିଳିଛି।

## ଏମ୍‌ବିଏସ୍ କେନ୍ଦୁଆ ଫୁଟ୍‌ବଲ୍ ପ୍ରତିଯୋଗିତା
# କିଙ୍ଗ ପାଝାଲ ଚାମ୍ପିଅନ



ବହଳଦା, ୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ବଡ଼ପଳସା ଗ୍ରାମପଞ୍ଚାୟତ କେନ୍ଦୁଆ ଗ୍ରାମର ମାରାଂବୁରୁ ସେମଲେଦ୍ କ୍ଲବ୍ ପକ୍ଷରୁ ୧୪ତମ ବାର୍ଷିକ ଫୁଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମାରାଂବୁରୁ ସେମଲେଦ୍ କ୍ଲବ୍ କେନ୍ଦୁଆ ପକ୍ଷରୁ ଆୟୋଜିତ ଏହି ୧୪ତମ ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତାରେ ଓଡ଼ିଶା ଓ ଝାଡ଼ଖଣ୍ଡ ଅଞ୍ଚଳରୁ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର କିଙ୍ଗ ପାଝାଲ (ଘଣଚାଟୋଲା) ଦଳ ଓ ଝାଡ଼ଖଣ୍ଡ (ଲାନ୍ଦୁପ) ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ କିଙ୍ଗ ପାଝାଲ ଦଳ ବିଜୟୀ ହୋଇ ପ୍ରଥମ ସ୍ଥାନ ଅକ୍ତିଆର କରି ୨୫ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିବାବେଳେ ଝାଡ଼ଖଣ୍ଡ ବଦ୍ରା ବ୍ରଦର୍ସ ଦଳ ଉପ ବିଜେତା ହୋଇ ୧୫ ହଜାର ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ଜାମଦା ସ୍ପୋର୍ଟିଂ ଦଳ ଏବଂ ସୋରେନ୍ ସ୍ପୋର୍ଟିଂ ଦଳକୁ କ୍ରମଶଃ ତୃତୀୟ ଓ ଚତୁର୍ଥ ପୁରସ୍କାର ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ବଡ଼ପଳସା ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୋପିନାଥ ହାଁସଦା, ସାମ୍ବାଦିକ ବସନ୍ତ ସାଣ୍ଡିଲ, ମେଘ୍ରାୟ ବାସ୍କେ, ହେମ କିସ୍କୁ, ଈଶ୍ୱର ବାସ୍କେ, ସୁଗଦା କିସ୍କୁ, ରାମରାୟ ବାସ୍କେ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପ୍ରଭାସ କୁମାର ପ୍ରତିଯୋଗିତାର ଧାରାବିବରଣୀ ପ୍ରଦାନ କରିଥିଲେ। ମାରାଂବୁରୁ ସେମଲେଦ କେନ୍ଦୁଆ କ୍ଲବ୍‌ର ସଭାପତି ସୁଶିଲ ବାସ୍କେ, ଉପସଭାପତି ଝୁଟୁ ହେମ୍ବ୍ରମ, ସମ୍ପାଦକ ଗୋପାଲ ବଦ୍ରା, ସହସମ୍ପାଦକ ମୁଚିରାମ ହେମ୍ବ୍ରମ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିବାବେଳେ ଏଥିରେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆଦିଆମରା ଯୁବକ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା



ଶୁଳିଆପଦା, ୧୧(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ଝାଲିଆମରା ପଞ୍ଚାୟତସ୍ଥିତ ଖଇଖିଆର ଏଡିଏନ୍‌କେ ଯୁବକ ସଂଘ ପକ୍ଷରୁ ୬ଦିନ ଧରି ଚାଲିଥିବା ବିଭିନ୍ନ ପ୍ରକାରର ଖେଳ, ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ କ୍ରିକେଟ, ଫୁଟବଲ, ଡାବଲ ନାଚ, ପୁରୁଷ ଓ ମହିଳା ଦୌଡ଼, ଝିଲାପି ଖେଳ, ଛୁଞ୍ଚି ସୂତା, ଆଧୁନିକ ନାଚ ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ଥର ପାଇଁ ମୀନା ବଜାର ବସିଥିବାରୁ ଓ ବିଭିନ୍ନ ଦୋକାନବଜାର ଲୋକଙ୍କୁ ଖୁବ୍ ଆକୃଷ୍ଟ କରିଥିଲା। ସମ୍ପାଦକ ଉଜ୍ୱଳ ମିଶ୍ର, ସଭାପତି ସୁପ୍ରକାଶ ଧଳ ସମେତ ଶତାଧିକ ସଦସ୍ୟ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସ୍ଥାନୀୟ ସରପଞ୍ଚ ସୁଶାନ୍ତ ଟୁଡୁ, ଅନ୍ତର୍ଯ୍ୟାମୀ କାନୁନ୍‌ଗୋ, ସୁନାମ ରାଜ, ବାପିଶ୍ୱର ମାରାଣ୍ଡି, ଅମିତ ସି, ମନୋଜ ସି, ଅଜୟ ରାଜ୍‌ଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ।

## ୧୯୮୬ ମ୍ୟାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ



ଉଦଳା, ୧୧(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ଉଦଳା ହାଇସ୍କୁଲ ୧୯୮୬ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ ଉତ୍ସବ ଅତୁଲ ବାବୁଙ୍କ ପଡ଼ିଆରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ, ଧୂପ ଓ ଦୀପ ଅର୍ଘ୍ୟ ପ୍ରଦାନ ପୂର୍ବକ ସଭା କାର୍ଯ୍ୟ ସୀମାନ୍ତ ତ୍ରିପାଠୀଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା। ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ସମସ୍ତ ବନ୍ଧୁ ପରସ୍ପର ମଧ୍ୟରେ ଭାବର ଆଦାନପ୍ରଦାନ କରିଥିଲେ। ସୁଶାନ୍ତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ରବୀନ୍ଦ୍ର ପରିଡ଼ା, ପ୍ରଭାତ ସାହୁ, ତାପସ ଜେନା, ଶୀତେନ ଦତ୍ତ, ବୁଲୁ ପାଲ୍, ତରୁଣ ମହାପାତ୍ର, ହରପ୍ରସାଦ ଦାସ ଓ ସତ୍ୟପ୍ରକାଶ ବସା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ୭ ଦିନିଆ ଚିକିତ୍ସାମୂଳକ ଯୋଗ ଶିବିର



ବାରିପଦା, ୧୧(ସମିସ): ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର, ବାରିପଦା ପକ୍ଷରୁ ୨୫ରୁ ୩୧ ଡିସେମ୍ବର ପର୍ଯ୍ୟନ୍ତ ବାରିପଦା ଷ୍ଟାଡିୟମ୍‌ରେ ୭ ଦିନିଆ ଥେରାପ୍ୟୁଟିକ୍ ୱିଣ୍ଟର୍ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆୟୁର୍ବେଦ ବିଶେଷଜ୍ଞ ଡ. ଶଶୀକାନ୍ତ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ପତଞ୍ଜଳି ଯୋଗ ସମିତିର ଯୋଗ ଥେରାପିଷ୍ଟ ଡ. ଦିଲ୍ଲୀପ କୁମାର ପାଣ୍ଡା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଖାଦ୍ୟ ଓ ଜୀବନଶୈଳୀ, ପାଚନ କ୍ରିୟା, ଯୋଡ଼ ଓ ମେରୁଦଣ୍ଡ ଦେଖଭାଳ, ଓଜନ କମାଇବା, ଶ୍ୱାସକ୍ରିୟା ପ୍ରଣାଳୀ, ସାଧାରଣ ଫିଟ୍‌ନେସ୍ ଓ ଧ୍ୟାନ ସମ୍ବନ୍ଧୀୟ ଯୋଗାଭ୍ୟାସ ଓ ଚିକିତ୍ସାମୂଳକ ସୂଚନା ପ୍ରଦାନ କରାଯାଇଥିଲା। ଏହି ଯୋଗ ଶିବିରରେ ଯୋଗ ଶିକ୍ଷକ ଜ୍ୟୋତି ରଞ୍ଜନ ଦାସ ଓ ସ୍ୱରୂପା ସାହୁଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ଦିଆଯାଇଥିଲା। ୫୦ରୁ ଅଧିକ ଭିନ୍ନଭିନ୍ନ ବୟସ ଶ୍ରେଣୀର ଅଂଶଗ୍ରାହୀମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅଂଶଗ୍ରାହୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ସୁସ୍ଥ ଜୀବନ ପାଇଁ ନିୟମିତ ଯୋଗାଭ୍ୟାସର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା।

ସଡ଼କ ସୁରକ୍ଷା ମାସ କାର୍ଯ୍ୟକ୍ରମ

## ଟ୍ରାଫିକ୍ ନିୟମ ଅନୁପାଳନ ନେଇ ଶପଥପାଠ

ରାଇରଙ୍ଗପୁର, ୧୧(ସମିସ): ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯିବ। ଏହି ଅବସରରେ ରାଇରଙ୍ଗପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଆନୁକୂଲ୍ୟରେ ଗୁରୁବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



ରାଇରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ସଡ଼କ ସୁରକ୍ଷା ନେଇ ସଚେତନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଉପଜିଲ୍ଲାପାଳ ସୌମ୍ୟ ରଞ୍ଜନ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଗୋକୁଳାନନ୍ଦ ସାହୁ ଏବଂ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରିଣୀ ଚିନ୍ମୟୀ ମହାନ୍ତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଉପସ୍ଥିତ ସମସ୍ତେ ସଡ଼କରେ ଯାତାୟାତ କରିବା ସମୟରେ ଟ୍ରାଫିକ୍ ନିୟମକୁ ଅନୁପାଳନ କରିବା ନେଇ ଶପଥପାଠ କରିଥିଲେ। ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ଶୋଭାଯାତ୍ରାକୁ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ଶୋଭାଯାତ୍ରା ସହର ପରିକ୍ରମା କରି ଟ୍ରାଫିକ୍ ସିଗ୍‌ନାଲ ଓ ନିୟମକୁ କଡ଼ାକଡ଼ି ମାନି ସୁରକ୍ଷିତ ଢଙ୍ଗରେ ଗାଡ଼ି ଚାଳନା କରି ନିଜ ଜୀବନକୁ ସୁରକ୍ଷିତ ରଖିବା ସହିତ ନିଜ ପରିବାରକୁ ସୁରକ୍ଷିତ ରଖିବା ନେଇ ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଶେଷ କରି ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା ନ କରିବା, ଅତ୍ୟଧିକ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ବାପା-ମାଆମାନେ ସେମାନଙ୍କର କିଶୋର କିଶୋରୀ ପିଲାମାନଙ୍କୁ ଗାଡ଼ି ଚାଳନାରୁ ନିବୃତ ରଖିବା, ଦୁଇ ଚକିଆ ଯାନ ଚାଳନା ସମୟରେ ଚାଳନାକାରୀ ସହିତ ଗାଡ଼ି ପଛରେ ବସିଥିବା ଲୋକ ଉଭୟେ ହେଲ୍‌ମେଟ୍ ପିନ୍ଧିବା ତଥା ଦୁଇ ଚକିଆ ଯାନରେ ୩ଜଣ ବସି ଗାଡ଼ି ଚାଳନା ନ କରିବା ଆଦି ସଚେତନ କରିଥିଲେ। ଏହାସହିତ ଡ୍ରାଇଭିଂ ଲାଇସେନ୍ସ ତଥା ଗାଡ଼ିର କାଗଜପତ୍ର ଇତ୍ୟାଦି ଉଚିତ୍ ସମୟରେ ନବୀକରଣ କରେଇବା ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଜୟ ରାମ, ରାଇରଙ୍ଗପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀଙ୍କ ସମେତ ଟ୍ରକ୍ ମାଲିକ ସଙ୍ଘ, ଅଟୋ ମାଲିକ ସଙ୍ଘ ସମେତ ଆଞ୍ଚଳିକ ପରିବହନ ବିଭାଗର କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ସତ୍ୟସାଇ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବେତନଟୀ, ୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକର ରାଇକମାସ୍ଥିତ ସତ୍ୟସାଇ ଶିକ୍ଷକେନ୍ଦ୍ରର ପଞ୍ଚମ ବାର୍ଷିକ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ବିଦ୍ୟାଳୟର ପ୍ରତିଷ୍ଠାତା ଉପେନ୍ଦ୍ର କୁମାର ମହାନ୍ତଙ୍କ ଆୟୋଜନରେ ଏକ ସ୍ୱତନ୍ତ୍ର ବୈଠକରେ ମୁଖ୍ୟ ଅତିଥି ଭାବରେ ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କୁମାର କର, ମୁଖ୍ୟବକ୍ତା ଭାବରେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ରବୀନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅପର୍ଣ୍ଣା ସାହୁ, ସ୍ଥାନୀୟ ସରପଞ୍ଚ ସ୍ୱପ୍ନା ସିଂ, ଓଷ୍ଟା ଶିକ୍ଷକ ସଙ୍ଘ ଜିଲ୍ଲା ସମ୍ପାଦକ କିଶୋର କୁମାର ଆଚାର୍ଯ୍ୟ, ବିଦ୍ୟାଳୟ ପରିଚାଳନା କମିଟିର ସାଧାରଣ ସମ୍ପାଦକ ଅଞ୍ଜଳି ମହାନ୍ତ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନଞ୍ଜୟ ମହାନ୍ତଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ଖେଳ ଓ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମଞ୍ଚରେ ମୁଖ୍ୟ ଅତିଥିମାନଙ୍କ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

## ରାଜ୍ୟ ପ୍ରତିଯୋଗିତାରେ ଉତ୍କଳ କରାଟେ ସ୍କୁଲର ସଫଳତା



ବାରିପଦା, ୧୧(ସମିସ): ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ୧୫ତମ ସର୍ବଭାରତୀୟ ଓପନ କରାଟେ ଚାମ୍ପିଅନ୍‌ସିପ୍-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ସୁକୋକାଇ କରାଟେ ୟୁନିଅନ ତଥା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାଂସି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଚାମ୍ପିଅନ୍‌ସିପ୍‌ରେ ବାରିପଦା ଉତ୍କଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାରଗାଡାହିସ୍ଥିତ ଯୁବ୍‌ଲି ପେଟ୍ରୋଲ ପମ୍ପ ପାଖ)ରୁ ତଥା କ୍ୟୋନ୍‌ସି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରଶିକ୍ଷକ ରେଂସି ସୁଶାନ୍ତ ବାରିକ ଏବଂ କୋଚ୍ ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୨୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ଜୟଦୀପ ମହାନ୍ତ, ପ୍ରୀୟଂଶି ବାସୁରି, ହରିପ୍ରକାଶ ନାରାୟଣ ରାଉଳ, ସାଇ ପରିନିତା ମଣ୍ଡଳ, ସାଇ ସୂର୍ଯ୍ୟାଂଶୁ ସାହୁ ପ୍ରମୁଖ କାତାରେ ସ୍ୱର୍ଣ୍ଣ, ଆଦିର୍ ଦେ, କାବ୍ୟାଂଶ କୁମାର ଗିରି, ଜିଜ୍ଞାଶା ବାସୁରି କାତାରେ ରୌପ୍ୟ, ବିଶ୍ୱାମିତ୍ର ସିଂ, ଇତିଶ୍ରୀ ନାୟକ, ସାଇଓମ୍ ମହାପାତ୍ର, ଅଞ୍ଜଳି ଟୁଡୁ, ଶୁଭଙ୍କର ପ୍ରତିହାରୀ, ଦୀପକ କୁଅଁର, ତନିଶା ମହାନ୍ତ, ଏସନ୍ ମହାନ୍ତ, ଜେ. ପବନ ନନ୍ଦନ, କିଷ୍କିନ୍ଧ୍ୟା ମୁର୍ମୁ, ବୈଭବ ପଟ୍ଟନାୟକ, ରିତିକାରାଣୀ ବେହେରା, କ୍ରିଶଦିପ କୁଣ୍ଡୁ, ରିତେଶ କମିଲା ଆଦି କାତାରେ କାଂସ୍ୟ ପଦକ ଏବଂ ସେହିପରି ଜୟଦୀପ ମହାନ୍ତ, ଏସନ୍ ମହାନ୍ତ, ରିତିକାରାଣୀ ବେହେରା, ସୂର୍ଯ୍ୟକାନ୍ତ ପୌଲ ଆଦି କୁମିତେରେ ସ୍ୱର୍ଣ୍ଣ, କ୍ରିଶଦିପ କୁଣ୍ଡୁ, ରିତେଶ କମିଲା, ସାଇ ସୂର୍ଯ୍ୟାଂଶୁ ସାହୁ, ବିଶ୍ୱାମିତ୍ର ସିଂ ଆଦି କୁମିତେରେ ରୌପ୍ୟ, ବିଶ୍ୱାମିତ୍ର ସିଂ, ଇତିଶ୍ରୀ ନାୟକ, ସାଇଓମ୍ ମହାପାତ୍ର, ପ୍ରିୟାଂଶୁ ମିଶ୍ର, ଅଞ୍ଜଳି ଟୁଡୁ, ଶୁଭଙ୍କର ପ୍ରତିହାରୀ, ଦୀପକ କୁଅଁର, ତନିଶା ମହାନ୍ତ, କିଷ୍କିନ୍ଧ୍ୟା ମୁର୍ମୁ, ଆରୋହୀ ମହାପାତ୍ର, ଜେ. ପବନ ନନ୍ଦନ, ହରିପ୍ରକାଶ ନାରାୟଣ ରାଉଳ, ଜିଜ୍ଞାଶା ବାସୁରି, କ୍ରିଷ୍ଣା ମୁଖୀ, ପ୍ରୀୟଂଶି ବାସୁରୀ, ପ୍ରୀୟଂଶୀ ହେମ୍ବ୍ରମ, ଆଦିର୍ ଦେ, ସାଇ ପରିନିତା ମଣ୍ଡଳ, ଅଲେ ଇଲିଆନା ଗାଗରେଇ, ଆରାଧ୍ୟା ମହାରଣା, ବୈଭବ ପଟ୍ଟନାୟକ ଆଦି କୁମିତେରେ କାଂସ୍ୟ ପଦକ ହାସଲ କରିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଆସିଥିବା ଉପନିର୍ଦ୍ଦେଶକ କରୁଣାକର ହେମ୍ବ୍ରମ, ସମ୍ପାଦକ ଯଦୁନାଥ ନାୟକ ଏବଂ ରଞ୍ଜନ ପୃଷ୍ଟି କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସିଟିଜେନ୍ ଫୋରମ୍‌ର ବାର୍ଷିକ ଉତ୍ସବ ଓ ମୟୂରଭଞ୍ଜ ମିଶ୍ରଣ ଦିବସ

# ରାଜ୍ୟ ଓ ଦେଶ ପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ

ବାରିପଦା, ୧୧(ସମିସ): ନବ ବର୍ଷରେ ମୟୂରଭଞ୍ଜ ସିଟିଜେନ୍ ଫୋରମ୍‌ର ୧୬ତମ ବାର୍ଷିକ ଉତ୍ସବ ଓ ୭୭ତମ ମୟୂରଭଞ୍ଜ ମିଶ୍ରଣ ଦିବସ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଫୋରମ୍‌ର ସଭାପତି ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୋରମ୍‌ର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ ସ୍ୱାଗତ ଅଭିଭାଷଣରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ଦ୍ୱିତୀୟ ଅଧ୍ୟାୟକୁ ସାର୍ବଜନୀନ ସହ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କହିଥିଲେ। ଫୋରମ୍‌ର ପୃଷ୍ଠପୋଷକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଉପସ୍ଥିତ ରହି ଜିଲ୍ଲାର ବିକାଶ ଓ ଉନ୍ନତି ଦିଗରେ ସମସ୍ତଙ୍କ ପ୍ରଚେଷ୍ଟା ଜାରି ରହିବା ଉଚିତ୍ ବୋଲି କହିଥିଲେ। ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା ସମ୍ପର୍କରେ ବହୁ ଅପ୍ରକାଶ୍ୟ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ ଯୋଗଦେଇ ରାଜ୍ୟ ଓ ଦେଶ ପାଇଁ ମୟୂରଭଞ୍ଜର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ସାହିତ୍ୟ, କଳା, ସଂସ୍କୃତି ଓ ଗମନାଗମନ କ୍ଷେତ୍ରରେ ମହାରାଜାମାନଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ବରିଷ୍ଠ ଆଇଏଏସ୍ ଅଧିକାରୀ ବିଜୟ ପୃଷ୍ଟିଙ୍କ ପ୍ରେରିତ ମୟୂରଭଞ୍ଜ ମିଶ୍ରଣର ତଥ୍ୟ ଉପସ୍ଥାପନ କରାଯାଇଥିଲା।



୨ ଜଣଙ୍କୁ ସିଟିଜେନ୍ ଆୱାର୍ଡ-୨୦୨୫

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଅଧ୍ୟାପକ ସନ୍ଦିପ କୁମାର ଚାନ୍ଦ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରାଜକିଶୋର ଆଚାର୍ଯ୍ୟ, ରଞ୍ଜନ ବାନାର୍ଜୀ, ସାଇ ପ୍ରକାଶ ମହାନ୍ତି, କୃତୀ ଶିକ୍ଷକ ଶଶୀଧର ବିଶ୍ୱାଳ ପ୍ରମୁଖ ଆଲୋଚନାରେ ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମା କାର୍ଯ୍ୟକାରୀ, ଶିମିଳିପାଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ଆର୍ମସ୍ ଆକ୍ଟ ଲାଗୁ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ସମାପ୍ତି, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ମଧ୍ୟରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା, ବାରିପଦାରେ ବୁଢ଼ାବଳଙ୍ଗ ଆଡ଼ିବନ୍ଧ ଯୋଜନାର ଶୁଭାରମ୍ଭ, ରାସଗୋବିନ୍ଦପୁର ଏୟାରପୋର୍ଟ ନିର୍ମାଣ ପାଇଁ ସରକାର ଜୋର୍ ଦେବାକୁ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଫୋରମ୍ ତରଫରୁ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ ଓ ମହାତ୍ମା ଗାନ୍ଧୀ ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ ଆଦିତ୍ୟ ପଟ୍ଟନାୟକଙ୍କୁ ମୟୂରଭଞ୍ଜ ସିଟିଜେନ୍ ଆୱାର୍ଡ-୨୦୨୫, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଭୁଦତ୍ତ ଦାସ ବିବରଣୀ ପାଠ ଏବଂ ସଦସ୍ୟ ମନୋଜ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ପରସ୍ପରର ପରିପୂରକ ବୋଲି ଭୁଲି ଯାଉଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି ।
-ମଦର ଟେରେସା

## ଭ୍ୟାକ୍‌ସିନ୍ ଭୟ

ଅମୃତ ଯଦି ବିଷ ପାଲଟେ, ଔଷଧ ଯଦି ରୋଗ ସୃଷ୍ଟି କରେ, ଟିକା ଯଦି ସଂକ୍ରମଣକୁ ଜନ୍ମ ଦିଏ ତେବେ ଅତ୍ୟାଧୁନିକ ଭେଷଜ ବିଜ୍ଞାନ ଯୁଗରେ ଏହାକୁ କେବଳ ଏକ ବିଡ଼ମ୍ବନା ନୁହେଁ, ବ୍ୟତିକ୍ରମ ବୋଲି କହିବାକୁ ହେବ । ଦୁର୍ଭାଗ୍ୟବଶତଃ ଏଭଳି ଏକ ଅଲୋଡ଼ା ବ୍ୟତିକ୍ରମ ଓ ବିଡ଼ମ୍ବନା ସହିତ ଭାରତର ନାମ ପୁଣି ଥରେ ଯୋଡ଼ି ହୋଇଯାଇଛି । ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବଜାରରେ ବିକ୍ରି ହେଉଥିବା ଭାରତରେ ଉତ୍ପାଦିତ 'ଅଭୟରାବ୍' ନାମକ ଏକ ଆଣ୍ଟିରାବିଜ୍ ଟିକା(କୁକୁର, ବିରାଡ଼ି, ବିଲୁଆ, ବାଦୁଡ଼ି, ମାଙ୍କଡ଼ ଆଦି ପ୍ରାଣୀ କାମୁଡ଼ା ଜନିତ ପ୍ରାଣଘାତୀ ସଂକ୍ରମଣରୁ ସୁରକ୍ଷା ପାଇଁ ପ୍ରତିଷେଧକ) ନେଇ ସେଠାକାର କେତେକ ବ୍ୟକ୍ତି ସଂକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଏପରିକି ଯେଉଁମାନେ ପ୍ରତିଷେଧକ ରୂପେ ଆଗୁଆ 'ଅଭୟରାବ୍' ନେଇସାରିଛନ୍ତି ସେମାନେ ଟିକା ପ୍ରଭାବକୁ କାଟିବା ପାଇଁ ତୁରନ୍ତ ଡାକ୍ତରୀ ଚିକିତ୍ସା କରାଇବାକୁ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ ଓ ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଜରୁରୀ ପରାମର୍ଶ ଦେଇଛି । ଏପରିକି ଭାରତରୁ ସେଠାକୁ ଯାଉଥିବା ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ସମ୍ପୃକ୍ତ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟମାନେ ମାର୍ଗଦର୍ଶିକା ଜାରି କରିଥିବା ସୂଚନା ମିଳିଛି ।

ସାଂଘାତିକ ତଥା ଉଦ୍‌ବେଗଜନକ ତଥ୍ୟ ହେଲା ଏହି ଟିକା ପ୍ରସ୍ତୁତକାରୀ କମ୍ପାନୀ 'ହ୍ୟୁମାନ୍ ବାୟୋଲଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍' ହେଉଛି ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ । ଗତ ନଭେମ୍ବର ମାସରୁ 'ଅଭୟରାବ୍'ର କେତେକ ନକଲି ବା ଭେଜାଲ୍ ଟିକା ଭାରତର ବିଭିନ୍ନ ସହରର ଔଷଧ ବଜାରକୁ ଆସିଥିବା ଜଣାପଡ଼ିବା ପରେ ଆମେରିକାର 'ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍‌ସନ୍' ପକ୍ଷରୁ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଛି । ବିଶେଷକରି ଗତ ଅକ୍ଟୋବର ମାସରୁ ଆମେରିକା ଆସିଥିବା ଭାରତୀୟ ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ଆମେରିକାରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି ।

ଏଠାରେ ଦୁଇଟି ପ୍ରସଙ୍ଗ ଉଦ୍‌ବେଗ ସୃଷ୍ଟି କରୁଛି । ପାଶ୍ଚାତ୍ୟ ଦେଶମାନେ 'ଅଭୟରାବ୍' ଭେଜାଲ୍ ହୋଇଥିବା ବ୍ୟାଚ୍‌ର ଘାତକ ଚରିତ୍ର ବିଷୟରେ ସତର୍କ ସୂଚନା ଜାରି କରିସାରିଥିବା ବେଳେ ଭାରତରେ ସେଭଳି ନିଷ୍ଠା ଦେଖାଯାଇନାହିଁ । ଯେଉଁ ପୀଡ଼ିତମାନେ ଉକ୍ତ ବିବାଦୀୟ ବ୍ୟାଚ୍‌ର ଟିକା ନେଇସାରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନାହାନ୍ତି । ଦ୍ୱିତୀୟ ପ୍ରସଙ୍ଗଟି ସାମଗ୍ରିକ ଭାବେ ଦେଶର ଭାବମୂର୍ତ୍ତି, ବିଶ୍ୱସନୀୟତା ଓ ଅର୍ଥନୀତି ସହିତ ଜଡ଼ିତ । ଭାରତୀୟ ଔଷଧ ନିର୍ମାତାଙ୍କ କଫ୍‌ଶିରପ୍ ଖାଇ ୨୦୨୪ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା । କିନ୍ତୁ ଏହି ଘଟଣା ପରେ ଭାରତର ଔଷଧର ମାନ ଯାଞ୍ଚ ଲାଗି ଥିବା କର୍ତ୍ତୃପକ୍ଷ ଯେତିକି ତତ୍ପର ହେବା କଥା ସେଥିରେ ବୋଧହୁଏ ଅଭାବ ରହିଗଲା । ତେଣୁ ଏବେ ପୁଣି ଟିକା କ୍ଷେତ୍ରରେ ଭାରତ ଅପବାଦ ମୁଣ୍ଡାଇଛି ।

କମ୍ପାନୀ ପକ୍ଷରୁ (୪କଇ୨୪୦୧୪) ବ୍ୟାଚ୍‌ର ନକଲି ଟିକା ବଜାରରେ ବିକ୍ରି ହୋଇଥିବା ସ୍ୱୀକାର କରିଥିବା ବେଳେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ସ୍ପଷ୍ଟୀକରଣ ଦେଇଛି । 'ଅଭୟରାବ୍' ଭାରତୀୟ ଟିକା ବଜାରରେ ୪୦% ଅଂଶ ଦଖଲ କରିଛି । ତେଣୁ ଯେଉଁମାନେ ସେହି ଟିକା ନେଇସାରିଛନ୍ତି ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ କେବଳ ଭଗବାନଙ୍କ ଭରସାରେ ରହିଛି । ଅପରପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଅଭିଯୋଗ ମିଳିବା ମାତ୍ରେ ଦିଲ୍ଲୀ, ମୁମ୍ବାଇ, ଆଗ୍ରାର ଔଷଧ ବଜାରରେ ଚଢ଼ଉ କରାଯାଇଥିଲା ଏବଂ 'ଅଭୟରାବ୍'ର ଉକ୍ତ ବ୍ୟାଚ୍‌ର ସମସ୍ତ ଔଷଧକୁ ଜବତ କରାଯାଇଥିଲା । କିନ୍ତୁ ପରୀକ୍ଷା ପରେ ସେଥିରେ ସେଭଳି କିଛି ହାନିକାରକ କିମ୍ବା ଭେଜାଲ୍ ଉପାଦାନ ନଥିବା ଜଣାପଡ଼ିଥିଲା । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପାଶ୍ଚାତ୍ୟ ବିକଶିତ ଦେଶମାନେ ଯାହାକୁ ଉଦ୍‌ବେଗଜନକ ଭାବେ ଚିହ୍ନିତ କରିଛନ୍ତି ତାହାକୁ ଭାରତୀୟ କର୍ତ୍ତୃପକ୍ଷ ନିର୍ଭେଜାଲ୍ ପ୍ରମାଣପତ୍ର ଦେଇଦେଲେ କିପରି । ହୁଏତ ଏଥିସହିତ ଦେଶର ଭାବମୂର୍ତ୍ତି ଓ ଅର୍ଥନୀତି ଜଡ଼ିତ ଥିବାରୁ କର୍ତ୍ତୃପକ୍ଷ ଚାପରେ 'ଅଭୟରାବ୍'ର ଉକ୍ତ ବିବାଦୀୟ ବ୍ୟାଚ୍‌କୁ ଅପବାଦମୁକ୍ତ କରିଦେଇଥାଇ ପାରନ୍ତି ।

ଆମ ଦେଶର ଔଷଧ ବଜାରର କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର । ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ପ୍ରତିଶତ । କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ । ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ । ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ । କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି । କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ କିମ୍ବା ଭେଜାଲ୍ ବୋଲି ଜଣାପଡୁଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି । ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ ।

ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି । ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି । କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି । ଏ ଦିଗରେ ମଧ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରିବା ଦିଗରେ ଚିନ୍ତା କରିବାର ସମୟ ଆସିଯାଇଛି । ମାନବ ଜୀବନର ସୁରକ୍ଷା ସର୍ବୋପରି ।

## ସ୍ୱତନ୍ତ୍ର କ୍ଷମତା ଓ ବେତନ ବୃଦ୍ଧିର ଯଥାର୍ଥତା

ସୌଭାଗ୍ୟ ସୁନ୍ଦରରାୟ

ଗତ ୪ ବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟର କର୍ମଚାରୀମାନେ ନିୟମିତ ବର୍ଦ୍ଧିତ ବେତନ ବ୍ୟତିରେକ ୩ରୁ ୬ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ହାରରେ ବର୍ଦ୍ଧିତ ଭତ୍ତା ପାଇଛନ୍ତି । ଏପରିକି ଗୋଟିଏ ବର୍ଷରେ ଜଣେଜଣେ କର୍ମଚାରୀଙ୍କୁ ୨ରୁ ୩ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ଭତ୍ତା ପ୍ରଦାନ କରାଯାଇଛି । ଫଳରେ କର୍ମଚାରୀଙ୍କ ବେତନ ସ୍ୱାଭାବିକ ଦରମା ହାରଠାରୁ ପ୍ରାୟ ୧୫୦% ବୃଦ୍ଧି ପାଇଛି । ତେବେ ଏହା କିପରି ସମ୍ଭବ? ଏଇଥିପାଇଁ ସମ୍ଭବ ଯେ, ଏ ବାବଦରେ ପ୍ରଧାନ ବିଚାରପତିଙ୍କ ଇଚ୍ଛାଧୀନ କ୍ଷମତା ରହିଛି । ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କ ଦୃଷ୍ଟିକୁ ଏହି ବିଷୟ ଆସିଥିଲା । ଫଳରେ ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତିଙ୍କୁ ନେଇ ପୂର୍ଣ୍ଣାଙ୍ଗ ଅଦାଲତରେ ଏ ବିଷୟର ତର୍ଜମା କରାଯାଇଥିଲା ଏବଂ ଅତିରିକ୍ତ ବେତନ ହାର ରଦ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବିଷୟର ତର୍ଜମା କରୁଥିବା ଅଧିକାଂଶ ବିଚାରପତି ଅନୁଭବ କରିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟ ଏକ ରାଜତନ୍ତ୍ର ନୁହେଁ କି ପ୍ରଧାନ ବିଚାରପତି ରାଜା ନୁହନ୍ତି । ଏହି ନିଷ୍ପତ୍ତି ପରେ ହଠାତ୍ କର୍ମଚାରୀଙ୍କ ଦରମା ହ୍ରାସ ପାଇବାରୁ ଏ ବିଷୟଟି ଲୋକଲୋଚନକୁ ଆସିଲା । ଏଣିକି ସର୍ବୋଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ଦରମା ବୃଦ୍ଧି ନିଷ୍ପତ୍ତି ଏକାକୀ ପ୍ରଧାନ ବିଚାରପତି ନେଇପାରିବେ ନାହିଁ । ସମସ୍ତ ବିଚାରପତି ମିଳିତ ଭାବେ ଏ ବାବଦରେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି ।

ଏବେ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ଆସିବା । ଓଡ଼ିଶା ବିଧାନସଭା ଇତିମଧ୍ୟରେ ଗୃହର ସଦସ୍ୟଙ୍କ ଦରମା ପ୍ରାୟ ୩ ଗୁଣ ବୃଦ୍ଧି କରିଛନ୍ତି । ମୁଖ୍ୟମନ୍ତ୍ରୀ ୩ ଲକ୍ଷ ୭୪ ହଜାର, ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ୩ ଲକ୍ଷ ୬୮ ହଜାର, କ୍ୟାବିନେଟ ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ୩ ଲକ୍ଷ ୬୨ ହଜାର ଟଙ୍କା ବେତନ ପାଇବେ । ଏହା ହେଲା ବିଧାନସଭାର ଇଚ୍ଛାଧୀନ କ୍ଷମତା । ବିଧାୟକମାନଙ୍କୁ ସର୍ବାଧିକ ପରିମାଣର ବେତନ ପ୍ରଦାନ କରିବାରେ ଓଡ଼ିଶା ଏବେ ଦେଶର ୧ ନମ୍ବର ରାଜ୍ୟ । ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ୧୧ ଜଣିଆ କମିଟିର ସୁପାରିସକ୍ରମେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଏହାକୁ ସମର୍ଥନ କରିଥିଲେ । ବିରୋଧୀ ଦଳ ନେତା ବର୍ଦ୍ଧିତ ଦରମା ନେବାକୁ ମନା କରିଥିଲେ । କମିଟିର ସଦସ୍ୟ ଥିବା ଲକ୍ଷ୍ମଣ ମୁଣ୍ଡା ଅତ୍ୟଧିକ ଦରମା ବୃଦ୍ଧିକୁ ନାପସନ୍ଦ କରିଥିଲେ । ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପାଇଁ ବର୍ଦ୍ଧିତ ବେତନ ହାର କମ୍ ଥିଲା । ପରେ ଦେଖାଗଲା ଯେ ବିଜେପି ଓ ବିଜେଡି ବିଧାୟକମାନେ ଏହି ବେତନ ବୃଦ୍ଧିକୁ ନାପସନ୍ଦ କଲେ । ତା' ହାଲେ ଏହି ବିଲ ଗୃହରେ କିପରି ଗୃହୀତ ହେଲା? ଦିଲ୍ଲୀ ଚାପରେ ବୋଧହୁଏ ବିଜେପି ବିଧାୟକଗଣ ଏବେ ବେତନ ବୃଦ୍ଧିର ପୁନର୍ବିଚାର କଥା ଉଠାଇଛନ୍ତି ।

ପ୍ରଥମତଃ, ବିଧାୟକମାନେ ନିଜକୁ ଜନସେବକ ବୋଲି କହୁଛନ୍ତି । ସେମାନେ ବିଧାନସଭାରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିଥା'ନ୍ତି । କେଉଁ କାରଣ ପାଇଁ ଜନସେବକଙ୍କ ନିମନ୍ତେ ଦରମା ନିଅଣ୍ଟ ହେଉଛି ଏହି ପରିପ୍ରେକ୍ଷୀରେ ତାହାର ତର୍ଜମା ହେବାର ଆବଶ୍ୟକତା ରହିଛି । ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକମାନେ କାହିଁକି ଟଙ୍କା ବାଣ୍ଟନ୍ତି? ଏହା ଭୋଟ ବ୍ୟାଙ୍କ ଓ କର୍ମୀଙ୍କୁ ଧରି ରଖିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ ।

ଉପରୋକ୍ତ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଉଛି ଯେ ଏସବୁ ଇଚ୍ଛାଧୀନ ବ୍ୟବସ୍ଥାର ଦୁରୁପଯୋଗ । ଆମର ସାମ୍ବିଧାନିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଇଚ୍ଛାଧୀନ କ୍ଷମତା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି । ଏହି ଇଚ୍ଛାଧୀନ କ୍ଷମତାଟି କ'ଣ ତାହା ଆଲୋଚନା କରାଯିବାର ସମୟ ଏବେ ଆସିଛି । ଯାହା ଜଣାଯାଏ ଏକ ଜରୁରୀ ପରିସ୍ଥିତିର ମୁକାବିଲା ବା ସମାଜର ବୃହତ୍ତର କଲ୍ୟାଣ ଦୃଷ୍ଟିରୁ ଇଚ୍ଛାଧୀନ କ୍ଷମତା ବଳରେ ନିଷ୍ପତ୍ତି ନିଆଯିବା ନିମନ୍ତେ ଏହି ବ୍ୟବସ୍ଥାଟି ରହିଛି । କିନ୍ତୁ ଦେଖାଯାଉଛି ଏହି କ୍ଷମତାର ପ୍ରୟୋଗ ଅବିଚାରିତ ଭାବେ କରାଯାଉଛି । ଇଚ୍ଛାଧୀନ କୋଟା ବଳରେ କେନ୍ଦ୍ର ପେଟ୍ରୋଲିମ ମନ୍ତ୍ରାଣାଳୟ ୨୦୦୦ ମସିହାରୁ ଯେଉଁ ପେଟ୍ରୋଲ ପମ୍ପ, ଏଲପିଜି ଓ କିରାସିନି ଏଜେନ୍ସି ବଣ୍ଟନ କରିଥିଲେ ୨୦୦୨ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାହାକୁ ରଦ୍ଦ କରିଥିଲେ । ସେତେବେଳେ ବ୍ୟବସ୍ଥାଗତ ସ୍ୱଚ୍ଛତା ପାଇଁ ଏହା କରାଯାଇଥିଲା । ଓଡ଼ିଶାରେ ମଧ୍ୟ ଅତୀତରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀଙ୍କ ନିକଟରେ ଥିବା ଇଚ୍ଛାଧୀନ ଜମି ଆବଣ୍ଟନ କୋଟା କ୍ଷମତା ରଦ୍ଦ କରାଯାଇଛି ।

ଏବେ ଦେଶରେ ପ୍ରାୟ ୨ କୋଟି ସରକାରୀ କର୍ମଚାରୀ କାର୍ଯ୍ୟରତ । ଏଥିମଧ୍ୟରୁ ୫୦ ଲକ୍ଷ କର୍ମଚାରୀ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଅବଶିଷ୍ଟ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି । ଏହି କର୍ମଚାରୀମାନେ କ'ଣ ନିଜର ବେତନ ଧାର୍ଯ୍ୟ କରିପାରୁଛନ୍ତି? ପ୍ରତି ୧୦ ବର୍ଷରେ କର୍ମଚାରୀଙ୍କ ଦରମା ବୃଦ୍ଧିର ପରମ୍ପରା ରହିଛି । କର୍ମଚାରୀଙ୍କ ଶେଷ ଦରମା ବୃଦ୍ଧି ୨୦୧୬ ମସିହାରେ ହୋଇଥିଲା । ଏଣୁ ପରବର୍ତ୍ତୀ ଦରମା ବୃଦ୍ଧି ୨୦୨୬ ମସିହାରୁ ହେବା କଥା । ତାହା କାହିଁକି ହୋଇପାରୁ ନାହିଁ? ଏଥିପାଇଁ କିଛି ନିୟମାବଳୀ ରହିଛି । ମନ୍ତ୍ରିମଣ୍ଡଳର ଅନୁମୋଦନ, ବେତନ ଆୟୋଗ ଗଠନ, ଆୟୋଗର ସର୍ତ୍ତାବଳୀ, ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ, ରିପୋର୍ଟ ଗ୍ରହଣ ଆଦି ଲମ୍ବା ପ୍ରଶାସନିକ ବ୍ୟବସ୍ଥା ରହିଛି ।

ନିକଟରେ ୮ମ ବେତନ ଆୟୋଗ ଗଠନ ହୋଇଛି । ଏହାର ଅଧ୍ୟକ୍ଷ ରହିଛନ୍ତି ଅବସରପ୍ରାପ୍ତ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇ । ସଦସ୍ୟ ଅଛନ୍ତି ପ୍ରଫେସର ପୁଲକ ଘୋଷ । ସଦସ୍ୟ ସଚିବ ଅଛନ୍ତି ପଙ୍କଜ ଜୈନ । ଏ ତିନି ଜଣଙ୍କ ମଧ୍ୟରେ ପଙ୍କଜ ଜୈନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଜଣେ କର୍ମଚାରୀ । ତେବେ ଦରମା ବୃଦ୍ଧି ନିଷ୍ପତ୍ତି ନେବା ପ୍ରକ୍ରିୟାରେ ତାଙ୍କର ବିଶେଷ ଭୂମିକା ନାହିଁ । ସେ କେବଳ ସରକାରଙ୍କ ପକ୍ଷରୁ ଅନ୍ୟ ଦୁଇ ସଦସ୍ୟଙ୍କୁ ସହାୟତା କରିବେ । ଦୁଇ ସଦସ୍ୟଙ୍କ ମଧ୍ୟରୁ ଜଣେ ବିଚାର ବିଭାଗରୁ ଆସିଥିବା ବେଳେ ଅନ୍ୟଜଣେ ଶିକ୍ଷା ବିଭାଗରୁ ଆସିଛନ୍ତି । ପ୍ରଫେସର ଘୋଷ ଆଇଆଇଏମ, ବାଙ୍ଗାଲୋରର ଅଧ୍ୟାପକ । ଏ କ୍ଷେତ୍ରରେ ସମସ୍ତ ସଦସ୍ୟ ପଦବୀରେ ଯଦି ସରକାରୀ କର୍ମଚାରୀଙ୍କୁ ନିଆଯାଇଥା'ନ୍ତା ତା'ହେଲେ ସମସ୍ୟାଟି ଏଇଆ ହୋଇଥା'ନ୍ତା ଯେ, ସବୁ କର୍ମଚାରୀ-ସଦସ୍ୟ ନିଜ ସ୍ୱାର୍ଥ ନିମନ୍ତେ ଦରମା ହାର ଯଥେଷ୍ଟ ବୃଦ୍ଧି କରିବାକୁ ସୁପାରିସ କରି ଅବିଳମ୍ବେ ରିପୋର୍ଟ ଦାଖଲ କରିଥା'ନ୍ତେ । କିନ୍ତୁ ଆମର ବିଧି ବ୍ୟବସ୍ଥାରେ ତାହା ସମ୍ଭବ ନୁହେଁ । ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ଗଠିତ କମିଟି କାହିଁକି ଅନୁରୂପ ହେଉନାହିଁ? କମିଟି ଗଠନ, ଅର୍ଥ ବିଭାଗର ମଞ୍ଜୁରୀ ଆଦି ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା । ଓଡ଼ିଶା ବିଧାୟକଙ୍କ ଶେଷ ଭତ୍ତା ବୃଦ୍ଧି ୨୦୧୭ ମସିହାରେ ହୋଇଥିଲା । କର୍ମଚାରୀଙ୍କ ଦରମା ମଧ୍ୟ ୨୦୧୬ ମସିହାରେ ହୋଇଥିଲା । ତା' ହେଲେ ବିଧାୟକଙ୍କ ଦରମା ଓ ଭତ୍ତା କେଉଁ ଆଧାରରେ ୮ ବର୍ଷରେ ୩ ଗୁଣ ବୃଦ୍ଧି ପାଇଲା? ତେଣୁ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ବିଧାନସଭା, ଲୋକସଭା ଓ ରାଜ୍ୟସଭା ସଦସ୍ୟଙ୍କ ବେତନ ଭତ୍ତା ନିର୍ଦ୍ଧାରଣର କରାଯିବାର ଆବଶ୍ୟକତା ରହିଛି ।

ସମ୍ବିଧାନର ଧାରା ୧୪୨ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି । ଧାରା ୨୦୦ ଓ ୨୦୧ ରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି । ଏହି ଅଖଣ୍ଡ କ୍ଷମତାର ଅର୍ଥ କ'ଣ ଇଚ୍ଛାଧୀନ ବୋଲି ଧରିବାକୁ ପଡ଼ିବ? ଅର୍ଥାତ ରାଜ୍ୟପାଳ ଓ ରାଷ୍ଟ୍ରପତି ନିଜ ଇଚ୍ଛା ଅନୁଯାୟୀ ସମୟରେ ବିଧାନସଭା କିମ୍ବା ସଂସଦ ଅନୁମୋଦିତ ବିଲ ଅନୁମୋଦନ କରିବେ । ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଧାରା ୧୪୨କୁ ଇଚ୍ଛା ଅନୁଯାୟୀ ପ୍ରୟୋଗ କରପାରିବେ । ତାମିଲନାଡୁର ୧୦ଟି ବିଲ ଅନୁମୋଦିତ 'ଧରି ନିଆଗଲା' ବୋଲି ଧାରା ୧୪୨ର ପ୍ରୟୋଗ ବଳରେ ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଲେ ତାହାକୁ ୫ ଜଣିଆ ଖଣ୍ଡପୀଠ ପରବର୍ତ୍ତୀ ଅବସ୍ଥାରେ ନାକଚ କରିଥିବା ଦେଖାଗଲା ।

ଏଣୁ ଇଚ୍ଛାଧୀନ ବା ସ୍ୱତନ୍ତ୍ର କ୍ଷମତାକୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ଦେଖାଯିବାର ଆବଶ୍ୟକତା ରହିଛି । ନ୍ୟାୟପାଳିକା, ବ୍ୟବସ୍ଥାପିକା ବା କାର୍ଯ୍ୟପାଳିକା ନିକଟରେ କିଛିକିଛି ସ୍ୱତନ୍ତ୍ର କ୍ଷମତା ରହିଛି । ଏହି ସ୍ୱତନ୍ତ୍ର କ୍ଷମତା ଯଦି ସମାଜ କଲ୍ୟାଣ ଦିଗରେ ଉପଯୋଗ ନହୋଇ ନିଜସ୍ୱ ବା ମୁଷ୍ଟିମେୟ ସ୍ୱାର୍ଥରେ ଉପଯୋଗ ହେବ ଏହାକୁ କ୍ଷମତାର ଦୁରୁପଯୋଗ ବୋଲି ଧରିବାକୁ ପଡ଼ିବ ।

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

## ସମ୍ପର୍କର ନୂଆ ଦିଗ

ଡ. ସୁଶାନ୍ତ କୁମାର ପରିଡ଼ା

ବିଶ୍ୱ ରାଜନୀତିରେ କେତେକ ରାଜିନାମା ଔପଚାରିକ ଥାଏ । ଆଉ କେତେକ ନୂଆ ଦିଗର ସୂଚନା ଦିଏ । ଇଥିଓପିଆ ସହିତ ଭାରତର ନୂତନ ଦ୍ୱିପାକ୍ଷିକ ସମ୍ପର୍କ ଏହି ଦ୍ୱିତୀୟ ପର୍ଯ୍ୟାୟର । ଶୀତଳ ଯୁଦ୍ଧ ପରେ ଭାରତ ଅଧିକ ଧ୍ୟାନ ଦେଇଥିଲା ଆମେରିକା, ୟୁରୋପ, ରୁଷ ଓ ପୂର୍ବ-ଏସିଆ ଉପରେ । କିନ୍ତୁ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଭାରତ ଆଫ୍ରିକାକୁ ଭବିଷ୍ୟତର ଏକ ମୁଖ୍ୟ ସାଥୀ ଭାବରେ ଦେଖୁଛି ।

ଭାରତ ଆଫ୍ରିକା ସହ କେବଳ ବ୍ୟବସାୟ କିମ୍ବା ସମ୍ପଦ ଉପରେ ଭିତ୍ତି କରି ସମ୍ପର୍କ ଗଢ଼ିବାକୁ ଚାହୁଁନାହିଁ; ଭାରତ ଚାହୁଁଛି ଦୀର୍ଘକାଳୀନ, ସମାନତାମୂଳକ ଓ ଆତ୍ମୀୟ ସମ୍ପର୍କ । ସାମ୍ପ୍ରତିକ ଭାରତୀୟ ବିଦେଶନୀତିର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ବ୍ୟକ୍ତିଗତ ସମ୍ପର୍କ ଓ ମାନବୀୟ ଭାବନାକୁ ଗୁରୁତ୍ୱ । ଇଥିଓପିଆ ଯାତ୍ରାରେ ମଧ୍ୟ ସେଇ ଭାବନା ପ୍ରକାଶ ପାଇଛି । ଭାରତ ନିଜକୁ 'ବଡ଼ ଭାଇ' ଭାବେ ପ୍ରସ୍ତୁତ କରୁନାହିଁ, ବରଂ 'ସହଯାତ୍ରୀ' ଭାବେ ପ୍ରସ୍ତୁତ କରୁଛି । ଇଥିଓପିଆ ଆଜି ଅର୍ଥନୀତିକୁ କୃଷି ଉପରୁ ଶିଳ୍ପ ଓ ସେବା କ୍ଷେତ୍ର ଦିଗକୁ ନେଇଯିବାକୁ ଚେଷ୍ଟା କରୁଛି । ରେଳପଥ, ସଡ଼କ, ବିଦ୍ୟୁତ, ଶିଳ୍ପ ପାର୍କ ଏହି ସବୁ କ୍ଷେତ୍ରରେ ବଡ଼ ନିବେଶ ଦରକାର । ଏଠି ଭାରତୀୟ କମ୍ପାନୀମାନଙ୍କ ପାଇଁ ଅନେକ ସୁଯୋଗ ରହିଛି । କିନ୍ତୁ ଭାରତର ଭୂମିକା କେବଳ ନିବେଶକ ଭାବରେ ନୁହେଁ । ଭାରତ ଇଥିଓପିଆକୁ ବୈଷୟିକ ସହଯୋଗ, ଦକ୍ଷତା ବିକାଶ ଓ ମାନବ ସମ୍ପଦ ତିଆରିରେ ସାହାଯ୍ୟ କରିପାରେ । ଆଇଟି, ଡିଜିଟାଲ ପେମେଣ୍ଟ, ଇ-ଗଭର୍ନାନ୍ସ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତର ଅନୁଭବ ଇଥିଓପିଆ ପାଇଁ ବହୁତ ମୂଲ୍ୟବାନ । ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଭାରତ ଏକ ଭରସାଯୋଗ୍ୟ ସାଥୀ । ଇଥିଓପିଆ ପରି ଦେଶରେ ଶସ୍ତା ଓ ଉଚ୍ଚ ଗୁଣମାନର ଔଷଧ ଏକ ବଡ଼ ଆବଶ୍ୟକତା, ଯାହାକୁ ଭାରତ ପୂରଣ କରିପାରେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ଆଡିସ୍ ଆବାବାର ମହାତ୍ମା ଗାନ୍ଧୀ



ହସ୍ପିଟାଲର କ୍ଷମତା ବୃଦ୍ଧିରେ ସହଯୋଗ କରିବ । ବିଶେଷତଃ ମାତୃ ସ୍ୱାସ୍ଥ୍ୟ ଓ ନବଜାତ ଶିଶୁ ସେବାକୁ ଆହୁରି ଉନ୍ନତ କରିବା ଉପରେ ଗୁରୁତ୍ୱ ଦିଆଯିବ । ଏହାଛଡ଼ା ଇଥିଓପିଆର ହଜାର ହଜାର ଛାତ୍ରଛାତ୍ରୀ ଆଜି ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢୁଛନ୍ତି । ସେମାନେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସେତୁ ଭାବେ କାମ କରିବେ । ତେଣୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇସିସିଆର ଛାତ୍ରବୃତ୍ତି ସଂଖ୍ୟାକୁ ଦଇଗୁଣା କରାଯାଇଛି । ଆଇଟିଇସି କାର୍ଯ୍ୟକ୍ରମ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶେଷ ସଂକ୍ଷିପ୍ତ ଅବଧିର ପାଠ୍ୟକ୍ରମ ଆରମ୍ଭ କରାଯିବ, ଯାହା ଇଥିଓପିଆର ଯୁବ ପେସାଦାରମାନଙ୍କୁ ଆଗାମୀ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ କରିବ । ସାଂସ୍କୃତିକ ଦୃଷ୍ଟିରୁ ଭାରତ ଓ ଇଥିଓପିଆରେ ଅନେକ ସାଧାରଣତା ରହିଛି । ଧର୍ମୀୟ ବହୁବିଧତା, ପୁରାତନ ପରମ୍ପରା, ପରିବାରମୁଖୀ ସମାଜ ଏହି ସବୁ ଦିଗ ଦୁଇ ଦେଶକୁ ନିକଟ କରେ । ଏହି ସାଂସ୍କୃତିକ ସମ୍ପର୍କ ଆର୍ଥିକ ଓ ରାଜନୈତିକ ସମ୍ପର୍କକୁ ଅଧିକ ଦୃଢ଼ କରେ ।

ଆଜି ଆଫ୍ରିକା ଉପରେ ବିଶ୍ୱର ସମସ୍ତ ବଡ଼ ଶକ୍ତିଙ୍କ ନଜର ରହିଛି । କେହି ଖଣିଜ ସମ୍ପଦ ପାଇଁ, କେହି ରଣନୀତିକ ଅଞ୍ଚଳ ପାଇଁ, କେହି ବଜାର ପାଇଁ । ଏମିତି ପରିସ୍ଥିତିରେ ଆଫ୍ରିକାକୁ ଏକ ସମାନତାମୂଳକ ସହଯୋଗୀ ଦରକାର । ଭାରତ ସେଇ ଭୂମିକା ନେବାକୁ ଚେଷ୍ଟା କରୁଛି । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ 'କୌଶଳଗତ ସହଯୋଗ'(ଷ୍ଟ୍ରାଟେଜିକ୍ ପାର୍ଟନର) ମାନ୍ୟତା ଦିଆଯାଇଛି, ଯାହା ଦୁଇ ଦେଶର ମିତ୍ରତାରେ ଗୁରୁତ୍ୱପୂର୍ଣ୍ଣ ଭାବେ ପରିଗଣିତ କରାଯାଉଛି । ଇଥିଓପିଆର ବିଦେଶ ମନ୍ତ୍ରଣାଳୟରେ ଏକ ଡାଟା ସେଣ୍ଟର ସ୍ଥାପନ, ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ପ୍ରଶିକ୍ଷଣ ସହଯୋଗ ଏବଂ କଷ୍ଟମ୍ସ କ୍ଷେତ୍ରରେ ପାରସ୍ପରିକ ପ୍ରଶାସନିକ ସହଯୋଗ ସମ୍ବନ୍ଧୀୟ ଚୁକ୍ତି ଦୁଇଦେଶ ମଧ୍ୟରେ ସ୍ୱାକ୍ଷର ହୋଇଛି । ଜି୨୦ କମନ୍ ଫ୍ରେମୱର୍କ ଅନୁସାରେ ଇଥିଓପିଆର ଋଣ ପୁନର୍ଗଠନ ସମ୍ବନ୍ଧୀୟ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି, ଯାହା ଭାରତ ଇଥିଓପିଆ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବ ।

ଇଥିଓପିଆ ଆଫ୍ରିକାର ଏକ ବିଶେଷ ଦେଶ । ଏହା କେବେ ଉପନିବେଶ ହୋଇନଥିଲା । ଏହାର ଇତିହାସ, ସଂସ୍କୃତି ଓ ସ୍ୱାଭିମାନ ଆଫ୍ରିକାର ଅନ୍ୟାନ୍ୟ ଦେଶଙ୍କ ପାଇଁ ଏକ ପ୍ରେରଣା । ଆଫ୍ରିକୀୟ ସଂଘର ମୁଖ୍ୟାଳୟ ଆଡିସ୍ ଆବାବାରେ ଥିବା କାରଣରୁ ଇଥିଓପିଆ କେବଳ ଏକ ଦେଶ ନୁହେଁ, ସମ୍ପୂର୍ଣ୍ଣ ଆଫ୍ରିକାର ଏକ କୂଟନୀତିକ କେନ୍ଦ୍ର । ଏହି ପୃଷ୍ଠଭୂମିରେ ଭାରତ-ଇଥିଓପିଆ ସମ୍ପର୍କ ଉଭୟ ଦେଶ ଓ ବିଶ୍ୱ ରାଜନୀତି ପାଇଁ ଏକ ବିଶେଷ ଗୁରୁତ୍ୱ ବହନ କରେ । ଏହି ବୁଝାମଣା ଯଦି କାଗଜରେ ସୀମିତ ନ ରହି, କାର୍ଯ୍ୟରେ ପରିଣତ ହୁଏ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ସମ୍ପୂର୍ଣ୍ଣ ବିକାଶଶୀଳ ବିଶ୍ୱ ପାଇଁ ଏକ ଉଦାହରଣ ହେବ । ଭାରତ ଓ ଇଥିଓପିଆ ଦୁଇଟି ଦେଶ ଯଦି ସମାନତା, ସମ୍ମାନ ଓ ଭରସା ଉପରେ ଭିତ୍ତି କରି ଆଗକୁ ବଢ଼ନ୍ତି, ତେବେ ଏହି ସମ୍ପର୍କ ଆଗାମୀ ଦଶକରେ ଆଫ୍ରିକାଏସିଆ ସହଯୋଗର ଏକ ମଡେଲ୍ ହୋଇଉଠିପାରିବ ।

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

## କୋଣ୍ଡାଲା ରାୟଡୁ ଓ ବିଛା ମଜାର୍

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

ବିଚିତ୍ର ବିଶ୍ୱାସ

ବିଛାପୂଜନ ସମ୍ପର୍କିତ ଅନ୍ୟ ଏକ ମନ୍ଦିର ଆନ୍ଧ୍ରପ୍ରଦେଶର କୁରନୁଲ୍ ଜିଲ୍ଲାର କୋଡ୍ଡୁମୁରୁରେ ଅଛି, ଯେଉଁଠାରେ ଭକ୍ତମାନେ ଜୀବନ୍ତ ବିଛାକୁ ନେଇ ଠାକୁରଙ୍କୁ ଅର୍ପଣ କରନ୍ତି । କୋଡ୍ଡୁମୁରୁର ପାହାଡ଼ ଶିଖରରେ ଥିବା ଏହି ମନ୍ଦିର 'କୋଣ୍ଡାଲା ରାୟଡୁ' ନାମରେ ପ୍ରସିଦ୍ଧ । ଏହି ମନ୍ଦିର ଭଗବାନ ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ସମର୍ପିତ । ଠାକୁରଙ୍କୁ ଜୀବନ୍ତ ବିଛା ଅର୍ପଣ କଲେ ଆଶୁ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ କରାଯାଏ । ତେଣୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିବା ପୂର୍ବରୁ ପାହାଡ଼ ଉପରକୁ ଯାଇ ଜୀବନ୍ତ ବିଛା ଖୋଜି ହାତରେ ଧରି ମନ୍ଦିରକୁ ଆସନ୍ତି । ବିଛାକୁ ଧରିବା ପାଇଁ କୌଣସି ବସ୍ତୁର ଉପଯୋଗ ମଧ୍ୟ ହୁଏନାହିଁ । ଠାକୁରଙ୍କ କୃପାରୁ ବିଛା ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଭକ୍ତମାନେ କୁହନ୍ତି । ଭକ୍ତମାନଙ୍କ ବିଶ୍ୱାସ ଏତେ ଗଭୀର ଯେ, ଆଜିପର୍ଯ୍ୟନ୍ତ ସେଭଳି କୌଣସି ପ୍ରତିକୂଳ ଘଟଣା ଦେଖିବାକୁ ମିଳିନାହିଁ । ତେଣୁ ପିଲାମାନେ ମଧ୍ୟ ହାତରେ ବିଛା ଧରି ମନ୍ଦିରକୁ ଯାଉଥିବାର ଦେଖିବାକୁ ମିଳେ । ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି । ଶ୍ରାବଣ ମାସର ତୃତୀୟ ସୋମବାରରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଥାଏ ।

ସେହିଭଳି ଉତ୍ତର ପ୍ରଦେଶର ଅମରୋହାଠାରେ ଥିବା ହଜରତ ଶାହ ବିଲାୟତ ନାମକ ଦର୍‌ଗାହରେ ମଧ୍ୟ ଅସଂଖ୍ୟ ବିଛା ଦେଖାଯାଆନ୍ତି । ଏଠାକୁ ଆସୁଥିବା ଲୋକମାନଙ୍କ ପାଦ ପାଖରେ ସେହିସବୁ ବିଷାକ୍ତ ବିଛାଗୁଡ଼ିକ ବିଚରଣ କରୁଥିଲେ ମଧ୍ୟ କେହି ଭୟଭୀତ ହୁଅନ୍ତି ନାହିଁ । ସେଠାରେ ଥିବା ବିଛାଗୁଡ଼ିକ ବିଗତ ୮୦୦ ବର୍ଷ ଧରି ବଞ୍ଚି ରହିଛନ୍ତି ଏବଂ କାହାକୁ ଦଂଶନ କରନ୍ତି ନାହିଁ ବୋଲି କୁହାଯାଏ । ଏହି ଦର୍‌ଗାହର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏଠାକୁ ବାହାରର କୌଣସି ବିଛା ଆସିଯିବା ପରେ ତା'ର ସ୍ୱଭାବରେ ଆପେ ଆପେ ପରିବର୍ତ୍ତନ ହୋଇଯାଏ । କେହି ମଧ୍ୟ କୌଣସି ବିଛାକୁ ବିନା ଅନୁମତିରେ ବାହାରକୁ ନେଇପାରିବେ ନାହିଁ ବୋଲି ନିୟମ ରହିଛି । ତେଣୁ ଲୋକମାନେ ଏହି ସ୍ଥାନକୁ 'ବିଛା ମଜାର୍' ମଧ୍ୟ କହିଥା'ନ୍ତି ।

୮୫୦ ବର୍ଷ ପୁରୁଣା ଏହି ଦର୍‌ଗାହ ସମ୍ପର୍କିତ ଜନଶ୍ରୁତି ରହିଛି ଯେ, ହଜରତ ସୈୟଦ ଶରଫ ଉଦ୍ଦିନ ଶାହ ବିଲାୟତ ସୁଦୂର ଇରାନ୍‌ରୁ ଏଠାକୁ ଆସିଥିଲେ । ତାଙ୍କର ଗୁରୁ କହିଥିଲେ ଯେ, 'ଯେଉଁଠାରେ ତୁମକୁ ରୋହୁ ମାଛ ଓ ଆମ୍ବ ଖାଇବାକୁ ମିଳିବ, ସେଠାରେ ତୁମର ଯାତ୍ରା ସମାପ୍ତ ହେଲା ବୋଲି ଭାବିନେବ ।' ଅମରୋହାଠାରେ ପହଞ୍ଚିବା ପରେ ତାଙ୍କୁ ଜଣେ ବୃଦ୍ଧା ରୋହୁମାଛ ସହିତ ଆମ୍ବ ଓ ରୁଟି ଖାଇବା ପାଇଁ ଦେଇଥିଲେ । ସେହିଦିନଠାରୁ ସେ ଅମରୋହାରେ ରହିଗଲେ । ଏକଦା ଜଣେ ବୃଦ୍ଧ ତାଙ୍କ ପାଖକୁ ଆସି କହିଲେ, 'ଏଠାରେ ବହୁତ ସାପ ଓ ବିଛା ଅଛନ୍ତି, ଯେଉଁ କାରଣରୁ ଲୋକମାନେ ସବୁବେଳେ ଭୟଭୀତ ହୋଇ ରହୁଛନ୍ତି ଏବଂ ଆପଣଙ୍କ ପାଖକୁ ଆସିବା ପାଇଁ ଅସୁବିଧା ହେଉଛି ।' ଏହାର ଉତ୍ତରରେ ହଜରତ ଶାହ ବିଲାୟତ କହିଲେ ଯେ, 'ମୋର ଦର୍‌ଗାହରେ ସାପ ଓ ବିଛା ରହିଲେ ମଧ୍ୟ କାହାକୁ ସେମାନେ ଦଂଶନ କରିବେ ନାହିଁ ।' ତେଣୁ ଏଠାକୁ ଆସୁଥିବା ଲୋକମାନଙ୍କର ବିଛା କିମ୍ବା ସାପ ପ୍ରତି ଭୟ ନଥାଏ । ଏହି ଦର୍‌ଗାହର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ ଗୋଟିଏ ବିଛାକୁ ମାତ୍ର କିଛି କ୍ଷଣ ପାଇଁ ଦର୍‌ଗାହ ବାହାରକୁ ନେବାକୁ ଅନୁମତି ମିଳିଥାଏ । କିନ୍ତୁ ଗୋଟିଏ ମିନିଟ୍‌ରୁ ଅଧିକ ହେଲେ ଉକ୍ତ ବ୍ୟକ୍ତି ବିଛା ଦଂଶନରେ ମୃତ୍ୟୁବରଣ କରିଥାଏ । ଏଭଳି ଆଲୌକିକତାଭରା ଏହି ଦର୍‌ଗାହକୁ ଦୂରଦୂରାନ୍ତରୁ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ମନସ୍କାମନା ପୂରଣ କରିବାକୁ ଆସିଥା'ନ୍ତି । (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ଲୋକାର୍ପଣ ହେଲା ରାଇରଙ୍ଗପୁର ଇଗ୍ନୋ




- ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଶୁଭାରମ୍ଭ କରିଲେ ରାଷ୍ଟ୍ରପତି
- ଅସ୍ଥାୟୀ କ୍ୟାମ୍ପସ୍‌ରେ ଆରମ୍ଭ ହେଲା ଶିକ୍ଷାଦାନ
- ଆଦିବାସୀ ବହୁଳ ଅଞ୍ଚଳରେ ବୃଦ୍ଧି ପାଇବ ଶିକ୍ଷାର ମାନଦଣ୍ଡ

ରାଇରଙ୍ଗପୁର,୧।୧(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୋ) ର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର ଗୁରୁବାର ରାଇରଙ୍ଗପୁରରେ ଲୋକାର୍ପଣ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ୍‌ରେ ଯୋଡ଼ି ହୋଇ ଲୋକର୍ପଣ କରିଛନ୍ତି। ଭର୍ଚୁଆଲରେ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦକ୍ଷତା ବିକାଶ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଇଗ୍ନୋ କୁଳପତି ପ୍ରଫେସର ଉମା କଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।

ରାଇରଙ୍ଗପୁର ଟାଉନ୍ ହଲ୍‌ଠାରେ ଇଗ୍ନୋ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଇଗ୍ନୋ ଜରିଆରେ ଅନେକ ଡିଷ୍ଟାନ୍ସ କୋର୍ସର ଶିକ୍ଷା ଗ୍ରହଣ କରାଯାଇଥାଏ। ରାଇରଙ୍ଗପୁରରେ ଏହା ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ଶିକ୍ଷାର ମାନ ବୃଦ୍ଧି କରିବା ନିମନ୍ତେ ଅନେକ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ଶିକ୍ଷା ଓ ଦକ୍ଷତା ବିକାଶ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ରାଇରାଙ୍ଗପୁରରେ ଏହି କେନ୍ଦ୍ର ସ୍ଥାପନା ହେବା ଦ୍ୱାରା ସ୍ଥାନୀୟ ଯୁବକ, ଯୁବତୀ, ବ୍ୟକ୍ତି, ଗୃହିଣୀ ଓ ଶିକ୍ଷାରୁ ବଞ୍ଚିତ ଲୋକମାନଙ୍କ ପାଇଁ ନୂଆ ସମ୍ଭାବନାର ଦ୍ୱାର ଖୋଲିଛି। ଏହା ମାଧ୍ୟମରେ ମୁକ୍ତ ଓ ଦୂରଶିକ୍ଷା ପ୍ରଣାଳୀ ଦ୍ୱାରା ଉଚ୍ଚଶିକ୍ଷା ସହିତ ଦକ୍ଷତାମୂଳକ ତାଲିମ ଲୋକମାନଙ୍କ ଦ୍ୱାରା ସହଜରେ ଗ୍ରହଣ କରାଯିବା ସମ୍ଭବ ହେବ। ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିକ୍ଷା ହେଉଛି ଏକ ସଶକ୍ତ ଓ ସମାବେଶୀ ରାଷ୍ଟ୍ର ଗଠନର ମୂଳ ଆଧାର। ଆଦିବାସୀ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ସୁବିଧା ପହଞ୍ଚିବା ନିମନ୍ତେ ଇଗ୍ନୋ ପରି ପ୍ରତିଷ୍ଠାନଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଭାଷଣରେ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ଶିକ୍ଷାକୁ ସୁଗମ ଏବଂ କୌଶଳମୁଖୀ କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ରାଇରାଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଏବଂ କୌଶଳ କେନ୍ଦ୍ର ସ୍ଥାପନା ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ବୋଲି କହିଛନ୍ତି।

ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗ୍ନୋ ପକ୍ଷରୁ ଓଡ଼ିଶାର ୪ଟି ଜୋନ୍‌ରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯାଇଛି। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିଛି। ଉକ୍ତ ଜିଲ୍ଲାର ସମସ୍ତ ଇଗ୍ନୋ ପରୀକ୍ଷା କେନ୍ଦ୍ର ଏହି ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ। ବର୍ତ୍ତମାନ ଅସ୍ଥାୟୀ ଭାବେ ନିୟମିତ ବଜାରସ୍ଥିତ ମଣ୍ଡପ ପରିସରରେ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଗକୁ ସ୍ଥାୟୀ କ୍ୟାମ୍ପସ୍ ହେବାକୁ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧.୨୫ ଏକର ଜମି ଚିହ୍ନଟ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେଲେ କେନ୍ଦ୍ର ସ୍ଥାପନ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଆଞ୍ଚଳିକ କେନ୍ଦ୍ର ସହିତ ଦକ୍ଷତା ବିକାଶ କେନ୍ଦ୍ର ଆରମ୍ଭ ହୋଇଛି। ଯାହାକି ଯୁବକ/ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବାରେ ସହାୟକ ହେବ।

## ବିଦ୍ୟୁତ୍ ସଂସ୍ପର୍ଶରେ ଅଢେଇ ବର୍ଷ ଶିଶୁର ମୃତ୍ୟୁ

ଯାଜପୁର,୧।୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ତାଳପଦା ଗାଁରେ ଅଭାବନୀୟ ଘଟଣା ଘଟିଛି। ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ରାକେଶ ସାହୁଙ୍କ ପୁଅ ଓମପ୍ରକାଶ ସାହୁ ବାଡ଼ିରେ ସକାଳେ ଖେଳୁଥିବା ସମୟରେ ସେଠାରେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ତାକୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ୋଶୀ ମାନସ ପଣ୍ଡା ନିଜ ବାଡ଼ି ଧାନ ଖଳାରେ ଧାନ ମେସିନ ଲଗାଇ ଧାନ ଅମଳ କରୁଥିଲେ। ସେ ଟ୍ରାନ୍ସଫର୍ମରରୁ ହୁକ ପକାଇ ବିଦ୍ୟୁତ୍ ଆଣି



ଥିବାବେଳେ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ୩ ଓ ୪ ତାରିଖରେ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ବୈଠକ

# ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା

ଭୁବନେଶ୍ୱର,୧।୧(ସମିସ): ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା ଗସ୍ତରେ ଆସିବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ। ଓଡ଼ିଶାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ସମାବେଶରେ ପ୍ରିୟଙ୍କା ଯୋଗଦେବେ। ଯଦିଓ ଏହି ସମାବେଶ କେଉଁଠାରେ ହେବ ତାହା ସ୍ଥିର ହୋଇନାହିଁ, ତେବେ ପ୍ରିୟଙ୍କାଙ୍କ ଗସ୍ତ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ସୂଚନା ଦେଇଛନ୍ତି। ରାଜ୍ୟ କଂଗ୍ରେସର ୨୦୨୬ର ରଣନୀତିକୁ ନେଇ ପିସିସି ସଭାପତି କହିଛନ୍ତି, ଏବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ କଂଗ୍ରେସ ପ୍ରାୟ ୧୦ବଡ଼ ସମାବେଶ କରିବା ନେଇ ଯୋଜନା କରିଛି। ଏହି କ୍ରମରେ ପ୍ରଥମ ସମାବେଶ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ। ରାଜ୍ୟରେ ନାରୀ ନ୍ୟାୟ ପାଇଁ କଂଗ୍ରେସ କାର୍ଯ୍ୟ କରୁଛି। ଓଡ଼ିଶା ବର୍ତ୍ତମାନ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତିଦିନ ମହିଳା ହିଂସା ବଢ଼ୁଥିବାରୁ ସରକାରଙ୍କ ଉପରେ ଚାପ ପକାଇବାକୁ ମହିଳା ସମାବେଶ ଆୟୋଜନ ପାଇଁ ଦଳ ଚିନ୍ତା କରିଛି। ମହିଳା ଅଧିକାର ଏବଂ ସୁଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଦଳର ଲକ୍ଷ୍ୟ। ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସକୁ

### ବର୍ଷକରେ ୧୦ ବଡ଼ ସମାବେଶ କରିବ କଂଗ୍ରେସ

ପ୍ରେରଣା ଦେବ ଏବଂ ସେମାନଙ୍କୁ ରାଜନୈତିକ ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରୋତ୍ସାହିତ କରିବ ବୋଲି ଭକ୍ତ କହିଛନ୍ତି। ପ୍ରିୟଙ୍କାଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତା ଯେମିତି କି ରାହୁଲ ଗାନ୍ଧୀ, ଏଆଇସିସି ଅଧକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ମଧ୍ୟ ଓଡ଼ିଶା ଗସ୍ତରେ ଆସିବେ। ସେମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସମାବେଶରେ ଅଂଶଗ୍ରହଣ କରିବେ। ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ବାରମ୍ବାର ଆସିବେ।

ଆସନ୍ତା ୩ ତାରିଖ ସନ୍ଧ୍ୟାରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ ବସିବାର ସୂଚନା ରହିଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ରହିଛି। ଅନ୍ୟପଟେ ଆସନ୍ତା ୪ରେ ଦଳର ଦଳର ବିଧାୟକ, ବିଭିନ୍ନ ପଦାଧିକାରୀ ଓ ଜିଲ୍ଲାସଭାପତିମାନଙ୍କର ମଧ୍ୟ ଏକ ବୈଠକ ରହିଛି। ପିସିସି ସଭାପତି ଆହୁରି କହିଛନ୍ତି ବର୍ତ୍ତମାନ କଂଗ୍ରେସକୁ ନେଇ ଅଧିକ ଚର୍ଚ୍ଚା ହେଉଛି। କଂଗ୍ରେସ ଉପରକୁ ଉଠୁଥିବାରୁ ଏହି ଚର୍ଚ୍ଚା ହେଉଛି। ୨୦୨୭ରେ ପଞ୍ଚାୟତ ନିର୍ବାଚନ ହେବ। ଆସନ୍ତା ୬ ମାସ ମଧ୍ୟରେ ବିଭିନ୍ନ ଜିଲ୍ଲା ଓ ଜୋନାଲ୍ କମିଟି ଗଠନ ଶେଷ ସହ ପଞ୍ଚାୟତ ନିର୍ବାଚନ ପାଇଁ ଯେଉଁ ପ୍ରକ୍ରିୟା ଓ ପଦକ୍ଷେପ ନିଆଯିବା କଥା ତାହା ଗ୍ରହଣ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

## କୁହୁଡ଼ି ଯୋଗୁଁ ବିମାନ ସେବା ବାଧାପ୍ରାପ୍ତ

# ୫ ବିମାନର ଗତିପଥ ପରିବର୍ତ୍ତନ

### ୩୧ ହଜାର ଫୁଟ୍ ଉପରେ ଦେଢ଼ ଘଣ୍ଟା ଚକ୍କର କାଟିଲା ବିମାନ

ଭୁବନେଶ୍ୱର,୧।୧(ସମିସ): ସକାଳୁ ସକାଳୁ ଘନ କୁହୁଡିରେ ଢାଙ୍କି ହୋଇଥିଲା ଭୁବନେଶ୍ୱର। ଏହା ପ୍ରଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଘନ କୁହୁଡି ପାଇଁ ୫ ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ୩ ଟି ରାୟପୁରକୁ ଏବଂ ୨ ଟି ବିମାନକୁ କୋଲକାତାକୁ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୩ ଟି ବିମାନ ଦିଲ୍ଲୀରୁ ଆସୁଥିବା ବେଳେ ଗୋଟିଏ ଚେନ୍ନାଇ ଏବଂ ଗୋଟିଏ ବେଙ୍ଗାଲୁରୁରୁ ଆସୁଥିଲା। ସକାଳ ସାଢେ ୬ ଟା ବେଳେ ରନୱେରେ ଦୃଶ୍ୟମାନ କ୍ଷମତା ମାତ୍ର ୫୦ ମିଟର ଥିଲା, ସେଥିପାଇଁ ବିମାନ ଉଡି ପାରିନଥିଲା। ଅତି କାମରେ ଦୃଶ୍ୟମାନ ୫-୫୦ ମିଟର ରହିଲେ ବିମାନ ଉଡାଣ ହୋଇଥାଏ। ହେଲା ଏହା କମ୍ ରହିଥିବାରୁ ଆଜି ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ଗୋଟିଏ ବିମାନ ୩୧ ହଜାର ଫୁଟ୍ ଉପରେ ପ୍ରାୟ ଦେଢ଼ ଘଣ୍ଟା ଚକ୍କର କାଟିବା ପରେ ବିମାନଟି ଅବତରଣ କରିପାଥିଲା। ସେ ମୁମ୍ବାଇରୁ ଆସିଥିଲେ। ସେହିପରି ଭୁବନେଶ୍ୱରରୁ ଡେରାଡୁନ ସକାଳ ୬ ଟା ରେ ଥିବା ବିମାନ ଦିନ ୧୦ ଟାରେ ଉଡାଣ କରିଛି। ଜୟପୁର ଉଦ୍ଦେଲା ବିମାନ ମଧ୍ୟ ବିଳମ୍ବରେ ଉଡାଣ ଭରିଛି। ପ୍ରୋଟୋକଲ ଅନୁସାରେ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଗକୁ କୁହୁଡି ଜାରି ରହିବ। ଅଧିକ କୁହୁଡି ହେବା ଯୋଗୁଁ ବିମାନ ସେବାରେ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି, ଯାତ୍ରୀମାନେ ଯେଭଳି କୌଣସି ଅସୁବିଧାରେ ନପଡ଼ନ୍ତି ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ ଯାଞ୍ଚ କରିବାକୁ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱିଜରଲାଣ୍ଡ ରିସୋର୍ଟରେ...

ଅଞ୍ଚଳର ଆଲପ୍ସର କେନ୍ଦ୍ରରେ ଅବସ୍ଥିତ ଏକ ବିଳାସପୂର୍ଣ୍ଣ ସ୍କି ରିସର୍ଟ ସହର। ଏହି ସହର ବ୍ରିଟିଶ ପର୍ଯ୍ୟଟକଙ୍କର ଅତିପ୍ରିୟ। ଚଳିତ ଜାନୁଆରୀ ଶେଷରେ କ୍ରାନ୍ସ-ମୋଣ୍ଟାନା ରିସର୍ଟରେ ଏଫ୍‌ଆଇଏସ୍ ବିଶ୍ୱକପ୍ ନାମକ ଏକ ସ୍ପିଡ ସ୍କିଙ୍ଗ ଇଭେଣ୍ଟ ଆୟୋଜନ ହେବ। ଛୁଟିର ଋତୁରେ କ୍ରାନ୍ସ- ମୋଣ୍ଟାନା ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

### ମହଙ୍ଗା ହେବ...

ରାଜ୍ୟର କେନ୍ଦୁପତ୍ର ଶିଳ୍ପ ଓ ଏହା ସହ ଜଡ଼ିତ ଶ୍ରମିକଙ୍କୁ କ୍ଷତିଗ୍ରସ୍ତ କରିବ। ସମ୍ପ୍ରତି ଓଡ଼ିଶା ସମେତ ଅନେକ ରାଜ୍ୟର ଲକ୍ଷଲକ୍ଷ ଶ୍ରମିକ କେନ୍ଦୁପତ୍ର ଶିଳ୍ପ ସହ ଜଡ଼ିତ। ଉଚ୍ଚ ଶୁଳ୍କ ଯୋଗୁଁ ବଜାର ପ୍ରଭାବିତ ହେବା ଦ୍ୱାରା ଏହି ଶ୍ରମିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆକଳନ କରାଯାଉଛି। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶା ପରି ଅନେକ ରାଜ୍ୟ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି। ବିଭିନ୍ନ ନିର୍ବାଚନ ସମୟରେ କେନ୍ଦୁପତ୍ରରୁ ଜିଏସ୍‌ଟି ହ୍ରାସ ପଶ୍ଚିମ ଓଡ଼ିଶାରେ ନିର୍ବାଚନୀ ପ୍ରସଙ୍ଗ ବି ହୋଇଛି। ମାତ୍ର ଜିଏସ୍‌ଟି ହ୍ରାସ ପରିବର୍ତ୍ତେ ଏହା ଉପରେ ସେସ ବୃଦ୍ଧି ଏହି ଶିଳ୍ପକୁ ପ୍ରଭାବିତ କରିପାରେ ବୋଲି ଆକଳନ କରାଯାଉଛି।

### ଲକ୍ଷ୍ୟ ହାସଲ...

ଓଡ଼ିଶାକୁ ରଖିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଏକ ଉତ୍ତରଦାୟୀ ପ୍ରଶାସନର ଭୂମିକା ନିଭାଇବା ପାଇଁ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ବିଚାର କରିବାକୁ ପଡ଼ିବ। ସମାଜର କୌଣସି ଲୋକ ଯେପରି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସବୁସ୍ତରରେ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର ସହ ସମସ୍ୟାର ସମାଧାନ ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନରେ ଦୁର୍ନୀତିଗ୍ରସ୍ତ, ଅପାରଗ ତଥା ଦାୟିତ୍ୱହୀନ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସବୁପ୍ରକାର ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ସହ ସରକାରୀ ସ୍ତରରେ ନୋଟିସ, ଚିଠି ଓ ବିଜ୍ଞପ୍ତିକୁ ଓଡ଼ିଆରେ ଲେଖାଯିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ନିର୍ଦ୍ଦେଶ ପାଳନ ନ ହେଲେ ଖିଲାପକାରୀଙ୍କୁ କୈଫିୟତ ତଲବ ପାଇଁ ବି କୁହାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବା ସହ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟ ସ୍ୱାର୍ଥ ପାଇଁ...

ଶୁଭେଚ୍ଛା ଗ୍ରହଣ କରିବା ସହ ଶୁଭକାମନା ପ୍ରଦାନ କରିଥିଲେ। ବରିଷ୍ଠ ନେତାଙ୍କ ମଧ୍ୟରେ ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ଡ. ଅରୁଣ କୁମାର ସାହୁ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁ, ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ସୁଖସମୃଦ୍ଧି କାମନା କରିବା ସହ ଦଳର କର୍ମୀମାନଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବିରୋଧୀ ଦଳର ଭୂମିକାକୁ ନିଷ୍ଠାର ସହ ପାଳନ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶରେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇଥିଲା। ମହାବାତ୍ୟା ପରେ ନବୀନଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ରୂପ ଦେଇଛି। କ୍ଷମତାରେ ନ ଥିଲେ ମଧ୍ୟ ସେ ରାଜ୍ୟବାସୀଙ୍କ ପାଇଁ ଅହରହ ଚିନ୍ତା କରୁଛନ୍ତି। ଆଜି ନୂଆବର୍ଷରେ ସେ ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେବା ଜାରି ରଖିଛି। ତାଙ୍କ ନେତୃତ୍ୱ ପଛରେ ସମସ୍ତେ ଠିଆ ହୋଇଛନ୍ତି ଓ ରହିଥିବେ ବୋଲି ସେ କହିଛନ୍ତି।

### ୭ ଦିନରେ ପିଇଦେଲେ...

ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ କୌଶସ ଆପଣାଇ ଥିଲେ। ରାଜଧାନୀରେ ଏଭଳି ମଦ ବିକ୍ରିକୁ ମଦ ବିରୋଧୀ ସଂଗଠନ ପକ୍ଷରୁ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପ୍ରତ୍ୟେକ ୨ କିଲୋମିଟର ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ମଦ ଦୋକାନ ଖୋଲିବେ ତେବେ ମାତ୍ର କିଛି ବର୍ଷ ମଧ୍ୟରେ ସବୁ ମଦୁଆ ହୋଇଯିବେ। ରାଜଧାନୀରେ ଅରାଜକତା ବଢ଼ିବ।

### ବାଂଲାଦେଶରେ ଆଉ...

ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ ଗଛରେ ଟାଙ୍ଗି ଜାଳି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ଦୁଇ ଜଣ ହିନ୍ଦୁ ବ୍ୟକ୍ତି ହତ୍ୟାକାଣ୍ଡର ଶିକାର ହୋଇଥିଲେ। ସେମାନେ ହେଲେ ଅମୃତ ମଣ୍ଡଳ ଓ ବ୍ରଜେନ୍ଦ୍ରର ବିଶ୍ୱାସ। ସୂଚନାଯୋଗ୍ୟ ଯେ ଭାରତ ବିରୋଧୀ ନେତା ହାଦିଙ୍କ ମୃତ୍ୟୁ ପାଇଁ ବିଭିନ୍ନ ଚରମପନ୍ଥୀ ସଂଗଠନ ଭାରତକୁ ଦାୟୀ କରୁଛନ୍ତି। ସେମାନେ ଅଭିଯୋଗ କରୁଛନ୍ତି ଯେ ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଭାରତରେ ଲୁଚିଛନ୍ତି। ଏଥିପାଇଁ ସେମାନେ ଠୋରେ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରୁଥିବା ସନ୍ଦେହ କରାଯାଉଛି।


**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ**

ନବ ବର୍ଷ - ୨୦୨୬ ଓ ବିଶ୍ୱ ପ୍ରସିଦ୍ଧ ୭୮ତମ ବରଗଡ଼ ବିରାଟ ଧନୁଯାତ୍ରା ଉପଲକ୍ଷେ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ। ଏହି ଅଞ୍ଚଳର ସମସ୍ତ ପରିବାର ହସଖୁସିରେ ଓ ଆନନ୍ଦଉଲ୍ଲାସରେ ଏହି ଯାତ୍ରାକୁ ଉପଭୋଗ କରନ୍ତୁ। ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମ୍ଭର ଏକାନ୍ତ କାମ୍ୟ।

ଶ୍ରୀଯୁକ୍ତ ଭକ୍ତେଶ୍ୱର ମଳିକ
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ
ସଭାପତି



O-1920

Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Road work**

**Bid Identification No. SECTC-II-25 of 2025-26 dt. 30.12.2025**

1. Number of the work :- 05 (Five) numbers Building
2. Estimated Cost. (Approx) :- Rs. 43.52 lakh to 43.68 lakh
3. Period of completion :- 06 (Six) calendar month
4. Date & time of sale & receipt of bid document online :- From: 08.01.2026 at 11:00 AM To: 27.01.2026 at 5:30 PM
5. Date & time of opening of bids :- 28.01.2026 at 11:30 AM
6. Name and address of Inviting Officer :- O/o the Superintending Engineer, R. W. Division-II, Cuttack, Nayabazar, Cuttack-753004

Further details can be seen from the State Govt. portal https://tendersorissa.gov.in

OIPR-25095/11/043/2526

*Superintending Engineer*
*R.W. Division-II, Cuttack*



O-1919

Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**
**O/O THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Building Work**

**Bid Identification No. SECTC-II-24of 2025-26 dt. 30.12.2025**

1. Number of the work :- 12 (Twelve) number of Buildings for the year 2025-2026
2. Estimated Cost. (Approx) :- Rs. 58.71 lakh to Rs. 77.77 lakh
3. Period of completion :- 12 (Twelve) calendar months
4. Date & time of sale & receipt of bid document online :- From: 08.01.2026 at 11:00AM To:27.01.2026 at 5:30 PM
5. Date & time of opening of Technical bid :- 28.01.2026 at 11:30 AM
6. Date & time of opening of Finanical bid :- To be intimated later on
7. Name and address of Inviting Officer Superintending Engineer, R. W. Division-II, Cuttack, Nayabazar, Cuttack-753004

Further details can be seen from the State Govt. portal https://tendersorissa.gov.in

OIPR-25095/11/042/2526

*Superintending Engineer*
*R.W. Division-II, Cuttack*



**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ**
NOTIFIED AREA COUNCIL, KHALLIKOTE, GANJAM
Email: nackhallikote@gmail.com, ☎: 06810-295333(O), Pin No. 761030

**ଅଭିନନ୍ଦନ ବାର୍ତ୍ତା**

ଅଦ୍ୟ ତା.୦୧ ଜାନୁୟାରୀ ୨୦୨୬ରିଖ ନବ ବର୍ଷ ଅଭିନନ୍ଦନ ଉପଲକ୍ଷେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ ଏବଂ ଜନ ସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛି ଯେ,

- ପଲିଥିନ ବ୍ୟବହାର କରନ୍ତୁ ନହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ। ପଲିଥିନ ବ୍ୟବହାର କରିବା ନଜରକୁ ଆସିଲେ ଆଇନ ଅନୁଯାଇ ଆର୍ଥିକ ଦଣ୍ଡ ପ୍ରଦାନ କରାଯିବ।
- ପରିଷଦର ଟିକସ, ଗୃହାଟିକସ, ଦୋକାନ ଭଡା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ନିଅନ୍ତୁ।
- ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ।
- ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ ପୃଥକ କରି ରଖନ୍ତୁ। ପରିଷଦ ଦ୍ୱାରା ବ୍ୟବହାର କରାଯାଉଥିବା ଅଳିଆ ସଂଗ୍ରହ ଯାନରେ ରଖିଥିବା ଅଳିଆକୁ ପକାନ୍ତୁ ଏବଂ ସରକାରଙ୍କ ଦ୍ୱାରା ପ୍ରଯୋଜିତ ସ୍ୱଚ୍ଛଭାରତ ଅଭିଜନରେ ସାମିଲ ହୁଅନ୍ତୁ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା– ଗୋଡି, ବଲି, ଇଟା ଓ ପଥର ଇତ୍ୟାଦି ଜମା କରି ରଖନ୍ତୁ ନହିଁ।
- ଗୃହପାଳିତ ପଶୁ ଯଥା – ଗାଈଗୋରୁ, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡନ୍ତୁ ନହିଁ।
- ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ।
- ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନର ୫ ମିଟର ପରିମିତ ଅଞ୍ଚଳକୁ ସଫସୁତୁରା କରି ରଖନ୍ତୁ।

**ବିକାଶ ପଥେ ଖଲ୍ଲିକୋଟ –**

ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନାଗୁଡିକର ସଫଳ ରୂପାୟନ ଓ ପରିଷଦର ନିଜସ୍ୱ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ଖଲ୍ଲିକୋଟର ବିକାଶ ଧାରାରେ ସାମିଲ କରି ଜନସାଧାରଣଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପହଞ୍ଚାଇବା ହିଁ ଆମ ସଭିଙ୍କ ଏକମାତ୍ର ଲକ୍ଷ୍ୟ।

*"ଆସନ୍ତୁ ଆମ୍ଭେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢି ତୋଳିବା"*

ଇଂ ନିରଞ୍ଜନ ବେହେରା
ଅଧ୍ୟକ୍ଷ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ।

ଶ୍ରୀ ସନ୍ଦୀପ ଖଡଙ୍ଗା
କାର୍ଯ୍ୟନିର୍ବାହୀ ଅଧିକାରୀ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ।



**କେନ୍ଦ୍ରାପଡା ଜିଲ୍ଲାର ଚାଷୀଭାଇମାନଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ମାନଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୫ - ୨୬ ଖରିଫ ବର୍ଷ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ସାଧାରଣ ଓ ଗ୍ରେଡ୍ 'ଏ' ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ତା ୦୯.୦୧.୨୦୨୬ ରିଖ ଠାରୁ ତା ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଯୋଗାଣ ନିଗମ ଜରିଆରେ ଜିଲ୍ଲାର ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି। ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନେ ନିକଟସ୍ଥ (PACS)ରେ ନାମ ପଞ୍ଜିକରଣ କରିଥିବା ବାଧ୍ୟତା ମୂଳକ ଅଟେ।

ନିମ୍ନରେ ଏଫ୍.ଏ.କ୍ୟୁ. ସାଧାରଣ ଧାନର ମାନ ଓ ଦର ପ୍ରଦତ୍ତ କରାଗଲା। ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଦୁର୍ଗନ୍ଧ ମୁକ୍ତ କିସମର ହୋଇଥିବା ଆବଶ୍ୟକ।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ)ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଅଗ୍ରିମ ଟୋକନ୍ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସକାଳ ୮ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବାର ମାନଙ୍କରେ ଧାନ ବିକ୍ରୟ କରିପାରିବେ। ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ। (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| ❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ 'ଏ' ଧାନ ନିମନ୍ତେ) | ୬.୦% |
| ❖ ଆଦ୍ରତା ବା ଜାଳୀୟ ଅଂଶ | ୧୭.୦% |
| ସରକାରଙ୍କଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ :- | |
| ❖ ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୨୩୬୯.୦୦ } ୩୧୦୦.୦୦ |
| ❖ ଓ ଅତିରିକ୍ତ ଇନପୁଟ୍ କୁଇଣ୍ଟାଲ ପ୍ରତି ଦର | ଟ. ୮୦୦.୦୦ |
| ❖ ଗ୍ରେଡ଼ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୨୩୮୯.୦୦ |

**ଧାନ କ୍ରୟ ଦିବସ** : ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ସାପ୍ତାହିକ ଧାର୍ଯ୍ୟ ବାରରେ (ସାପ୍ତାହିକ ୩ ଦିନ) ଧାନ କ୍ରୟ କରାଯିବ।

ଚାଷୀଭାଇମାନେ ସେମାନଙ୍କର ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି କ୍ରୟକାରୀ ସଂସ୍ଥା ସମ୍ବନ୍ଧରେ କିଛି ଅଭିଯୋଗ ଥିଲେ ସେମାନେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ସମବାୟ ନିବନ୍ଧକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ।

୧). ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ - ୨୨୦୫୪୪ (୦୬୭୨୭)
୨). ଅତିରିକ୍ତ ଜିଲ୍ଲାପାଳ ତଥା ନୋଡ଼ାଲ ଅଧିକାରୀ - ୨୩୨୬୦୧ (୦୬୭୨୭)
୩). ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡ଼ା - ୯୪୩୮୨୦୦୦୪୭
୪). ସି.ସି.ସି.ବି. ନୋଡାଲ ଅଫିସର, କେନ୍ଦ୍ରାପଡ଼ା - ୨୩୨୨୨୬ (୦୬୭୨୭)
୫). ଏ. ଆର୍. ସି. ଏସ୍., କେନ୍ଦ୍ରାପଡ଼ା - ୨୩୨୦୫୮ (୦୬୭୨୭)/୯୮୬୧୭୭୮୫୧୪/୭୯୭୮୮୨୭୧୨୭
୬). ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା - ୯୭୭୬୪୫୭୭୨୬

ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସମସ୍ତ ସହଯୋଗ ପାଇଁ ଅନୁରୋଧ

ଜିଲ୍ଲା ପ୍ରଶାସନ,
କେନ୍ଦ୍ରାପଡା

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା



**AFFIDAVIT**

I, Ram Chandra Pradhan, aged about 56 years, S/o- Nimai Charan Pradhan resident of At- Gulipatana, Po/ps- Umerkote, Dist- Nabarangpur, Pin- 764073, Odisha do hereby declare by this affidavit No. 01, dtd- 01/01/2026, that now onwards I shall be known as **RAMACHANDRA PRADHAN** for all future purposes.

**AFFIDAVIT**

I, Sangeeta Badajena, aged about 56 years, W/o- Dibyasingha Badajena, resident of At- Majhisahi, Jobra, PO- College Square, Ps- Malgodown, DIst- Cuttack, Odisha declared by this affidavit No. 76AA 495027, dtd- 31/12/2025 that now onwards I shall be known as **SANGITA BADAJENA** for all future purposes.

**AFFIDAVIT**

I Sanjaya Kumar Agrawalla, S/O- Niranjan Agrawalla, resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No. 2551, dated- 26/12/2025 that now onwards I shall be known as **SANJAY AGRAWAL** for all future purposes.

**NOTICE**

By virtue of an affidavit sworn before Executive Magistrate, Cuttack Sadar on Dated 11/11/2025, I, Reshama Bibi, W/o- Abdul Wazid, Resident of Village: Mugabhanga, Po- Phulnakhara, Ps-Cuttack Sadar, Dist- Cuttack, Odisha,754001 , I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as **"RESHAMA BIBI"** for all purposes.

**AFFIDAVIT**

I Anju Agrawalla, W/O- Sanjay Agrawal resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No- 2550, dated- 26/12/2025 that now onwards I shall be known as **ANJU AGRAWAL** for all future purposes.

**AFFIDAVIT**

By virtue of an affidavit (CF No. 28, dt- 31/12/2025) sworn before The Executive Magistrate, Bhubaneswar, I, **Manoj Das,** S/o- Late Surendra Nath Das, resident of At- Nandipada, PO- Maraigaon, PS- Nandipada, Dist- Keonjhar, PIN- 758083, Odisha declare that I have changed my minor son's name from **Sai Sujit Das to Sujat Kumar Das.** Henceforth, he shall be known as **Sujat Kumar Das** (new name) for all purposes.

**Manoj Das**

**ଜିରୋ ନାଇଟ୍‌ରେ ମୟୂରଭଞ୍ଜ ପୁଲିସର ବ୍ୟାପକ ଧରପଗଡ଼**


# ୨୪୫ ଗାଡ଼ିରୁ ୨.୭୮ ଲକ୍ଷ ଜରିମାନା ଆଦାୟ



**ବରିପଦା,୧।୧(ସମିସ):** ନୂଆବର୍ଷର ପୂର୍ବ ରାତି ବା ଜିରୋ ନାଇଟ୍‌ରେ ମୟୂରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ଏକ ବଡ଼ ଧରଣର ନାକା ଚେକିଂ ଓ ବ୍ଲକିଂ ଅଭିଯାନରେ ବ୍ୟାପକ ଧରପଗଡ଼ କରାଯାଇଛି। ଜିଲ୍ଲାର ୩୨ଟି ଥାନା ଅଞ୍ଚଳରେ ସନ୍ଧ୍ୟା ୬ଟାରୁ ରାତି ୩ଟା ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ, ଅବାଧ ଗୋରୁ, ଖଣିଜ ପଦାର୍ଥ ପରିବହନ, ଅବକାରୀ ଓ ମାଦକଦ୍ରବ୍ୟ ମାମଲା ରୋକିବା ଏବଂ ଅସାମାଜିକ ଓ ଅପରାଧୀମାନଙ୍କ ଗତିବିଧି ଉପରେ ନଜର ରଖିବା ଉଦ୍ଦେଶ୍ୟରେ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲୀଙ୍କ ନିର୍ଦ୍ଦେଶରେ ଯାଞ୍ଚ କରାଯାଇଥିଲା। ଏହି ଅଭିଯାନରେ ମୋଟ୍ ୨୪୫ଟି ଯାନବାହନ ଯାଞ୍ଚ କରାଯାଇ ୨ ଲକ୍ଷ ୭୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାଛଡ଼ା ମଦ୍ୟପାନ କରି ଯାନବାହନ ଚଳାଇବାର ୭ଟି ମାମଲା ରୁଜୁ ହୋଇଛି। ଅବକାରୀ ମାମଲାରେ ୧୭ଟି ମାମଲା ରୁଜୁ ହୋଇଥିବାବେଳେ, ମୋଟ ୧୪୬.୫ ଲିଟର ଆଇଡି ମଦ ଓ ୧୭.୮୨୦ ଲିଟର ଅନ୍ୟ ମଦ ଜବତ ହୋଇଛି। ଏହାସହିତ ୧୭୫୦ କିଲୋଗ୍ରାମ୍ ମହୁଲ ପୋଚ ନଷ୍ଟ କରାଯାଇଛି। ଅବାଧ ଖଣିଜ ପରିବହନ ଓ କାଠ ଚୋରା କାରବାର ଉପରେ ଚଢ଼ଉ କରାଯାଇ ୬ଟି ବାଲି ବୋଝେଇ ଟ୍ରାକ୍ଟର ଓ ଏକ ପିକ୍‌ଅପ୍ ଭ୍ୟାନ୍‌ରୁ ୨୦ଟି କାଠ ଗଣ୍ଡି ଜବତ ହୋଇଛି। ଏହି ଘଟଣାରେ ମୋଟ୍ ୬ଟି ମାମଲା ଦାୟର ହୋଇଛି। ଜିଲ୍ଲା ପୁଲିସ ପକ୍ଷରୁ କୁହାଯାଇଛି ଯେ ଏହି ଅଭିଯାନ ଦ୍ୱାରା ଅପରାଧିକ ଗତିବିଧି ଉପରେ ନିୟନ୍ତ୍ରଣ ରଖାଯାଇପାରିଛି ଏବଂ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ ହୋଇଛି। ଭବିଷ୍ୟତରେ ମଧ୍ୟ ଏପରି ଅଭିଯାନ ଜାରି ରହିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ପୂର୍ବତନ ନଗରପାଳଙ୍କ ପରଲୋକ

**ବାରିପଦା,୧।୧(ସମିସ):** ବାରିପଦାର ପୂର୍ବତନ ନଗରପାଳ କାର୍ତ୍ତିକେଶ୍ୱର ଦାଶ(୯୧)ଙ୍କର ବୁଧବାର ସକାଳେ ଦେଉଳସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଶଙ୍କର ନନା ଭାବେ ପରିଚିତ ଥିଲେ। ପ୍ରଜା ସୋସାଲିଷ୍ଟ ପାର୍ଟିରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ୧୯୭୭ରୁ ୧୯୯୭୯ ମସିହା ପର୍ଯ୍ୟନ୍ତ ବାରିପଦାର ପୌରପରିଷଦର ନଗରପାଳ ଭାବେ ସଫଳ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ସମୟରେ ସହରର ବହୁ ଉନ୍ନୟନମୂଳକ କାର୍ଯ୍ୟ ପ୍ରତିପାଦିତ ହୋଇଥିଲା। ସେ ଅନେକ ସଂଗଠନ ଓ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ସେ ଜନତା ଦଳରେ ଯୋଗଦେଇଥିଲେ। ୧୯୯୩ ପରଠାରୁ ରାଜନୀତିରୁ ଓହରିଯାଇ ସମାଜସେବାରେ ମନୋନିବେଶ କରିଥିଲେ। ୨୦୦୯ରେ ତାଙ୍କର ଧର୍ମପତ୍ନୀଙ୍କ ବିୟୋଗ ଘଟିଥିଲା। ମୃତ୍ୟୁ ବେଳକୁ ପାଖରେ ପୁଅ, ଝିଅ, ପୁତୁରା, ବୋହୂ, ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତିଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ତାଙ୍କର ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦେଇଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବାରୁଣୀ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୁଅ ଦେବାଶିଷ ଦାଶ ମୁଖାଗ୍ନି ଦେଇଥିଲେ।



**ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କିତ ପ୍ରସ୍ତୁତି ବୈଠକ**

# ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ହାସଲ ପ୍ରତି ସତର୍କତା

**ବାରିପଦା,୧।୧(ସମିସ)**

ବୁଧବାର ଅପରାହ୍ଣରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧ୍ୟକ୍ଷତାରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ବୈଠକରେ ଉପସ୍ଥିତ ଥିବା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ଜାତୀୟ ସଡ଼କ ସୁରକ୍ଷା ମାସ ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେବ ବୋଲି ଅବଗତ କରିଥିଲେ। ଏହି ମାସ ପାଳନର ଆଭିମୁଖ୍ୟ ଓ ଏହାର ସବିଶେଷ କାର୍ଯ୍ୟଧାରା ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ଆକସ୍ମିକ ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟକୁ ପୂରଣ ଦିଗରେ ଗୁରୁତ୍ୱାରୋପ ଦିଆଯାଇଛି। ଏହାକୁ ସୁନିଶ୍ଚିତ କରିବା ପାଇଁ ରାସ୍ତାରେ ଯାନବାହନ ଚଳାଇବା ସମୟରେ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ପାଳନ ନିମନ୍ତେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ପ୍ରାଥମିକତା ଦିଆଯିବା ନେଇ ଆଲୋଚନା ହୋଇଥିଲା।

ବିଶେଷ କରି ଗାଡ଼ି ଚଳାଇବା ସମୟରେ ଟ୍ରାଫିକ୍ ସିଗ୍‌ନାଲ ଏବଂ ନିୟମକୁ କଡ଼ାକଡ଼ି ମାନି ସୁରକ୍ଷିତ ଢଙ୍ଗରେ ଗାଡ଼ି ଚାଳନା କରି ନିଜ ଜୀବନକୁ ସୁରକ୍ଷିତ ରଖିବା ସହିତ ନିଜ ପରିବାରକୁ ସୁରକ୍ଷା ଓ ଅନ୍ୟମାନଙ୍କ ଜୀବନକୁ ସୁରକ୍ଷିତ ରଖିବା ନେଇ ଜନସାଧାରଣଙ୍କ ମଧ୍ୟରେ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯିବ।



ଏଗୁଡ଼ିକ ମଧ୍ୟରେ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚାଳନା ନ କରିବା, ଦୁଇ ଚକିଆ ଯାନ ଚାଳନା ସମୟରେ ଚାଳନାକାରୀ ସହିତ ଗାଡ଼ି ପଛରେ ବସିଥିବା ଲୋକ ଉଭୟେ ହେଲ୍‌ମେଟ୍ ପିନ୍ଧିବା ତଥା ଦୁଇ ଚକିଆ ଯାନରେ ତିନି ଜଣ ବସି ଗାଡ଼ି ଚାଳନା ନ କରିବା, ମଦ୍ୟପାନ କରି ନିଶାଶକ୍ତ ହୋଇ ଗାଡ଼ି ନ ଚଳେଇବା, ଅତ୍ୟଧିକ ଦ୍ରୁତଗତିରେ ଯାନ ନ ଚଳେଇବା ଆଦି ଉପଯୁକ୍ତ କାର୍ଯ୍ୟକ୍ଷମ ସ୍ଥିତିରେ ରଖିବା ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ବିପଦମୁକ୍ତ ଜୀବନ ବଞ୍ଚିବା ପାଇଁ ପରାମର୍ଶ ଦିଆଯିବ। ବିଭିନ୍ନ ଛକ, ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ସ୍ଥାନୀୟ ବଜାର, ସାପ୍ତାହିକ ହାଟ ଓ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ଦ୍ରୁତ ଗତିରେ ଗାଡ଼ି ଚାଳନାକୁ ରୋକିବା ପାଇଁ ଏହାର ନିକଟବର୍ତ୍ତୀ ହେବା ପୂର୍ବରୁ ରାସ୍ତାର ଉଭୟ ପାଖରେ ସତର୍କତାସୂଚକ ନୂତନ ସାଇନ୍‌ବୋର୍ଡ ଦୃଶ୍ୟମାନ ସ୍ଥାନରେ ଲଗାଇବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମରେ ଏନ୍‌ଜିଓମାନଙ୍କୁ ସଂଶ୍ଳିଷ୍ଟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନୁଷ୍ଠିତ ବୈଠକରେ ପରିବହନ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ରାଜ୍ୟ ରାଜପଥ କର୍ତ୍ତୃପକ୍ଷ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ, ଘରୋଇ ବସ୍ ମାଲିକ ସଙ୍ଘର ସଦସ୍ୟ, ଟ୍ରକ୍ ମାଲିକ ସଙ୍ଘର ସଦସ୍ୟ, ଅଟୋରିକ୍ସା ମାଲିକ ସଙ୍ଘର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଆଦିବାସୀ ପୂଜକଙ୍କ ଭତ୍ତା ପ୍ରସ୍ତାବକୁ ସେଙ୍ଗେଲର ସ୍ୱାଗତ

**ବାରିପଦା,୧।୧(ସମିସ):** ଆଦିବାସୀ ସେଙ୍ଗେଲ ଅଭିଯାନ ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୁହାଯାଇଛି ଯେ ଗତ ଡିସେମ୍ବର ୨୩ରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଆଦିବାସୀ ପୂଜକମାନଙ୍କ ଭତ୍ତା ବ୍ୟବସ୍ଥା କରିବା ଏବଂ ପୂଜାସ୍ଥଳୀର ବିକାଶ ଓ ସୁରକ୍ଷା ପ୍ରତି ଧ୍ୟାନ ଦେବା ପାଇଁ ଜନଜାତି ଉପଦେଷ୍ଟା ପରିଷଦକୁ ପ୍ରସ୍ତାବ ଦେବା ସେଙ୍ଗେଲ ପକ୍ଷରୁ ସ୍ୱାଗତ କରାଯାଇଛି। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବରେ ସ୍ୱଷ୍ଟତା ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯାହାକି ଆଦିବାସୀ ପୂଜକ ବଦଳରେ ସାର୍ନା ପୂଜକ (ପ୍ରକୃତି ପୂଜକ) ବୋଲି ସ୍ୱଷ୍ଟ କରାଯିବା ଏବଂ ପୂଜାସ୍ଥଳୀ ନାମ ବଦଳରେ 'ଜାହେର ଗାଲ୍' ନାମ କରାଯାଇ ବିକାଶ ଓ ସୁରକ୍ଷା ପାଇଁ ନିଷ୍ପତ୍ତି ନେବା ପାଇଁ ଦାବି କରାଯାଇଛି। ତତ୍‌ସହିତ କେବଳ ଭତ୍ତା ବ୍ୟବସ୍ଥା କରିବା ପ୍ରସ୍ତାବରେ ଆଦିବାସୀ ସେଙ୍ଗେଲ ଅଭିଯାନ ଖୁସି ନାହିଁ, ଅବିଳମ୍ବେ ଭତ୍ତା ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି କରାଯାଉ। ଏହାସହିତ ପ୍ରକୃତି ପୂଜା ଧର୍ମ ଅର୍ଥାତ୍ ସାର୍ନା ଧର୍ମକୁ ଆଜି ପର୍ଯ୍ୟନ୍ତ ସରକାରୀ ସ୍ୱୀକୃତି ଦିଆଯାଇନାହିଁ। ଏହା ଉପରେ ଆଜି ପର୍ଯ୍ୟନ୍ତ କୌଣସି ପ୍ରସ୍ତାବ ନାହିଁ, ଆଲୋଚନା ନାହିଁ, ବିଚାର ନାହିଁ। ଏହା ବଡ଼ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ସ୍ୱଷ୍ଟ କରାଯାଇଛି। ତେଣୁ ଅବିଳମ୍ବେ ସାର୍ନା ଧର୍ମ କୋଡ୍ ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ 'ସେଙ୍ଗେଲ' ପକ୍ଷରୁ ଦାବି କରାଯାଇଛି।

**ପ୍ରସ୍ତାବରେ ସ୍ୱଷ୍ଟତା ଦାବି**

ଦ୍ୱିତୀୟରେ ଆଦିବାସୀ ଗ୍ରାମରେ ସମ୍ବିଧାନ, ଜନତନ୍ତ୍ର ଏବଂ ମୌଳିକ ଅଧିକାର ଲାଗୁ ନାହିଁ ଏବଂ ମାଝୀ-ପାର୍ଗାନା ସ୍ୱଶାସନ ବ୍ୟବସ୍ଥାର ପ୍ରମୁଖମାନେ ବଂଶାନୁଗତ, ଅଶିକ୍ଷିତ ଅଟନ୍ତି। ଫଳରେ ଆଦିବାସୀ ପରମ୍ପରା ଓ ସ୍ୱଶାସନ ବ୍ୟବସ୍ଥା ନାମରେ ହାଣ୍ଡିଆ, ମଦ ଭଳି ନିଶାଦ୍ରବ୍ୟର ବ୍ୟବହାର, ଜୋର୍‌ଜବରଦସ୍ତି ଲକ୍ଷ ଲକ୍ଷ ଟଙ୍କା ଜରିମାନା କରିବା, ଜରିମାନା ନ ଦେଲେ ସାମାଜିକ ବାସନ୍ଦ କରିବା, ଡାହାଣୀ ପ୍ରତାରଣା ଏବଂ ହତ୍ୟା କରାଯିବା ଆଦି ଅନ୍ଧବିଶ୍ୱାସ, ନିଶାଦ୍ରବ୍ୟ ସେବନ ନିରନ୍ତର ଭାବରେ ଚାଲିଛି ବୋଲି ପ୍ରକାଶ କରାଯାଇଛି। ଯାହାକି ଏହା ସମ୍ବିଧାନର ଧାରା ୨୧ ଅନୁଯାୟୀ ନାଗରିକଙ୍କ ସମ୍ମାନର ସହିତ ବଞ୍ଚିବାର ମୌଳିକ ଅଧିକାର ଉପରେ ସିଧାସଳଖ ଆକ୍ରମଣ ଅଟେ। ଏଥିପାଇଁ ଆଦିବାସୀ ଗ୍ରାମରେ ସୁଖ, ଶାନ୍ତି, ଏକତା ଏବଂ ପ୍ରଗତି ନାହିଁ। ତେଣୁ ଅଶିକ୍ଷିତ, ବଂଶାନୁଗତ ମାଝୀ-ପାର୍ଗାନାଙ୍କୁ ଭତ୍ତା ଦେବା ସପକ୍ଷରେ 'ସେଙ୍ଗେଲ' ଆଦୌ ନାହିଁ। ଅବିଳମ୍ବେ ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥାକୁ ସାମ୍ବିଧାନିକ ଏବଂ ଜନତାନ୍ତ୍ରିକ ସୁଧାର କରାଯାଇ ସାର୍ନା ପୂଜକଙ୍କ ସହିତ ଜନତାନ୍ତ୍ରିକ ଭାବରେ ନିଯୁକ୍ତ ସ୍ୱଶାସନ ବ୍ୟବସ୍ଥାର ପ୍ରମୁଖଙ୍କୁ ମାସକୁ ୧୫ ହଜାର ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରାଯିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଜୋନାଲ ଉପସଭାପତି ବାହାଦୁର ମୁର୍ମୁ, ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁ, ମାଝୀ ପାର୍ଗାନା ମାଡୱା ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ହେମ୍ବ୍ରମ, ଜିଲ୍ଲା ଯୁବା ସଭାପତି ଉଦୟନାଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

# କାର୍‌ରେ ଝାଡ଼ଖଣ୍ଡକୁ ହେଉଥିଲା ଗୋମାଂସ ଚାଲାଣ

**ରାଇରଙ୍ଗପୁର,୧।୧(ସମିସ):** ନବ ବର୍ଷ ପାଳନ ନେଇ ଜିରୋ ନାଇଟ୍ ସେଲିବ୍ରେସନ ରାତିରେ ତିରିଂ ଥାନା ପୁଲିସ ଦ୍ୱାରା ସୀମାନ୍ତ ଅଞ୍ଚଳରେ ପୁଣି ଗୋ-ମାଂସ ଚାଲାଣକାରୀକୁ ରୋକିବାରେ ସଫଳ ହୋଇଛି। କାର୍ ଯୋଗେ ଝାଡ଼ଖଣ୍ଡକୁ ଗୋ-ମାଂସ ଚାଲାଣବେଳେ ତିରିଂ ଥାନା ପୁଲିସ ଚଢ଼ଉ କରି କାର୍ ସମେତ ୧.୫ କ୍ୱିଣ୍ଟାଲ ଗୋ-ମାଂସ ଜବତ କରିଛନ୍ତି। କାର୍ ଚାଳକ ଘଟଣାସ୍ଥଳରୁ ଫେରାର୍ ହୋଇଛି। ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ତିରିଂ ଥାନା ଅଞ୍ଚଳରେ ପୁଲିସ ପାଟ୍ରୋଲିଂ ଜାରି ଥିବା ଝାଡ଼ଖଣ୍ଡକୁ ଗୋ-ମାଂସ ଚାଲାଣ ହେଉଥିବା ନେଇ ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାକୁ ନେଇ ତିରିଂ ଥାନା ପୁଲିସ ଦ୍ୱାରା ଚାଲାଣ ରୋକିବାକୁ ରତନସାହି ଛକ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେଠାରୁ ନାକାକୁ ଧକ୍କା ଦେଇ କାର୍‌ଟି ଫେରାର୍ ହୋଇଯାଇଥିଲା। ଜାତୀୟ ରାଜପଥ ୨୨୦ରେ ଚମ୍ପଟ ମାରିଥିବାବେଳେ ପୁଲିସ ପିଛା କରିଥିଲେ। କିଛି ବାଟ ପରେ ଚାଳକ କାର୍ ଛାଡ଼ି ଫେରାର୍ ହୋଇଯାଇଥିଲା। ଯାହାକୁ ଧରିବାରେ ପୁଲିସ ବିଫଳ ହୋଇଥିଲା।

**୧.୫ କ୍ୱିଣ୍ଟାଲ ଗୋ-ମାଂସ ଜବତ; ଚାଳକ ଫେରାର୍**

**ଖଡ଼ଖାଇ ଡ୍ୟାମ୍ ପରିଦର୍ଶନ କଲେ ମନ୍ତ୍ରୀ**

# ପର୍ଯ୍ୟଟକଙ୍କ ବୋଟିଂ ବ୍ୟବସ୍ଥା ସ୍ଥିତି ଯାଞ୍ଚ



**ରାଇରଙ୍ଗପୁର,୧।୧(ସମିସ):** ବାମନଘାଟି ଉପଖଣ୍ଡର ଖଡ଼ଖାଇ ଡ୍ୟାମ୍‌କୁ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପରିଦର୍ଶନ କରିଛନ୍ତି। ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଏଠାକୁ ସୁଅ ଛୁଟୁଥିବାବେଳେ ବୋଟିଂ ଓ ଆନୁଷଙ୍ଗିକ ବ୍ୟବସ୍ଥା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଉକ୍ତ ଡ୍ୟାମ୍‌ଟି ବାମନଘାଟି ଉପଖଣ୍ଡରେ କମ୍ୟୁନିଟି ଟୁରିଜିମ୍ କ୍ଷେତ୍ରରେ ଅମାପ ସୁଯୋଗ ରହିଛି। ଏହାର ଉନ୍ନତୀକରଣ ନେଇ ମଧ୍ୟ ଅନୁଧ୍ୟାନ କରିଛନ୍ତି। ଯାହାକୁ ନେଇ ମନ୍ତ୍ରୀ ନିଜେ ବୋଟିଂ କରି ବ୍ୟବସ୍ଥାର ଯାଞ୍ଚ କରିଛନ୍ତି।

ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ ସାଙ୍ଗକୁ ଭୋଜିଭାତର ମଜା ନେବା ପାଇଁ ଉକ୍ତ ପର୍ଯ୍ୟଟନସ୍ଥଳୀ ବେଶ୍ ଚଳଚଞ୍ଚଳ ରହିଛି। ନଦୀବନ୍ଧର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଜଳସେଚନ ବିଭାଗ ଆଗକୁ ଭିତ୍ତିଭୂମି ବିକାଶ ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଛି। ଏହାର ମଧ୍ୟ ସେ ଅନୁଧ୍ୟାନ କରିଛନ୍ତି। ପର୍ଯ୍ୟଟକଙ୍କ ସୁବିଧା ପାଇଁ ପାରିପାର୍ଶ୍ୱିକ ଉନ୍ନତି, ସାମଗ୍ରିକ ବିକାଶ ଆଦି ବାବଦରେ ଅନୁଧ୍ୟାନ କରିଛନ୍ତି। ମତ୍ସ୍ୟ ବିଭାଗ ପକ୍ଷରୁ ଖଡ଼ଖାଇ ଡ୍ୟାମ୍‌ର ଜଳରାଶିରେ କେଜ୍ ଫାର୍ମିଂ ଜରିଆରେ ମତ୍ସ୍ୟ ଚାଷ କରାଯିବା ନେଇ ପ୍ରସ୍ତାବ ରହିଛି। ଯାହାଦ୍ୱାରା ମତ୍ସ୍ୟ ଚାଷୀଙ୍କ ଉନ୍ନତି ହେବା ସହ ପର୍ଯ୍ୟଟନ ବିକାଶ ହେବ। ଏହାସହିତ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ ପକ୍ଷରୁ ଖଡ଼ଖାଇ ଡ୍ୟାମ୍‌ରେ ୫୦ ମେଗାୱାଟ୍‌ର ଧାରଣା ବିଶିଷ୍ଟ ମେଗା ଭାସମାନ ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ନେଇ ପ୍ରସ୍ତାବ ରହିଛି। ଏନେଇ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ୍ ପକ୍ଷରୁ ଓପିଟିସିଏଲ୍ ଓ ଗ୍ରୀଡ୍‌କୋକୁ ପତ୍ର ଯୋଗେ ସୂଚନା ପ୍ରଦାନ କରାଯାଇଛି। ଏହାସହିତ ରାଇରଙ୍ଗପୁର ଉପଖଣ୍ଡର ୬୭୦୦ ହେକ୍ଟର ଚାଷଜମିକୁ ଜଳସେଚନ କରିବାକୁ ଉଠାଜଳସେଚନ ବିଭାଗ ପକ୍ଷରୁ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଯୋଜନା ରହିଛି। ଖଡ଼ଖାଇ ଡ୍ୟାମ୍‌ରେ ଫେଜ୍-୨ ବ୍ୟାରେଜ୍ ତିଆରି କରିବା ନେଇ ଡିପିଆର୍ ପ୍ରସ୍ତୁତ ହେଉଛି। ଉକ୍ତ ସମୟରେ ରାଇରଙ୍ଗପୁର ଡିଏଫ୍‌ଓ ସମେତ ବନ ବିଭାଗ ଅଧିକାରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତ ଯୁବ ସମିତିର ଯୁବ ମହୋତ୍ସବ ଶୁଭାରମ୍ଭ

**ସାରସକଣା,୧।୧(ସମିସ):** ଜାତୀୟ ଯୁବ ପ୍ରକଳ୍ପ ଆନୁକୂଲ୍ୟରେ ସାରସକଣା ବ୍ଲକ୍‌ର ଝାରପୋଖରିଆ (ବମ୍ବେଛକ)ଠାରେ ଥିବା ସୀମାନ୍ତ ଯୁବ ସମିତି ଆନୁକୂଲ୍ୟରେ ବୁଧବାରଠାରୁ ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ବାବା ଲୋକନାଥ ମନ୍ଦିରଠାରୁ ଶହ ଶହ ଯୁବକ ଛାତ୍ରଙ୍କୁ ନେଇ ରାଲି ହେଇଥିଲା। ବମ୍ବେଛକ ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ହେବାକୁ ଥିବା ନବମ ବାର୍ଷିକ ଯୁବ ମହୋତ୍ସବକୁ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନେଇ ସଫଳ ରୂପାୟଣ ଦେବା ପାଇଁ ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏ ସୀମାନ୍ତ ଯୁବ ସମିତି ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ସମ୍ପ୍ରଦାୟର ବିଲୁପ୍ତ ହେଉଥିବା କଳା, ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ କରି ଲୋକଲୋଚନକୁ ଆଣିବା, ବିଭିନ୍ନ କ୍ଷେତ୍ରରେ ଯଥା- କୃଷି, ଶିକ୍ଷା, ବ୍ୟବସାୟ, କାରୁକାର୍ଯ୍ୟ, ସାହିତ୍ୟ ସମ୍ମିଳନୀ, ପାରଦର୍ଶିତା, ରାମ୍ପ୍ ଶୋ', ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ କରିବା ସହିତ ଓଲିଉଡ୍ ସିନେ ଷ୍ଟାରମାନଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଷ୍ଟାର୍ ନାଇଟ୍ ଆୟୋଜନ ହେଇଛି ବୋଲି ସୂଚନା ଦେଇଛନ୍ତି କୁଞ୍ଜବିହାରୀ ସେଠୀ ଓ ଯୁବ ପ୍ରକଳ୍ପର ସଂଯୋଜକ ମଳୟ ନାୟକ। ଉକ୍ତ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଯୁବ ମହୋତ୍ସବକୁ ଅଞ୍ଚଳର ସମୂହ ଜନସାଧାରଣ ସହଯୋଗର ହାତ ବଢ଼ାଇ ସାଫଲ୍ୟମଣ୍ଡିତ କରିବା ପାଇଁ ସମିତିର ଝାରପୋଖରିଆ ଶାଖା ସଭାପତି ଅଶୋକ କୁମାର ପୃଷ୍ଟି ଅନୁରୋଧ କରିଛନ୍ତି।



**ଖରସୁଆଁ ଗୁଳିକାଣ୍ଡ ଘଟଣା**

# ବାବାତିଲକା ପାଠାଗାରରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି




**ବହଳଦା,୧।୧(ସମିସ)**

ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍ ଅନ୍ତର୍ଗତ ଗିଡିଘାଟୀ ଗ୍ରାମ ପଞ୍ଚାୟତର ପାଟ୍ରାମହୁଲପାଣି ଗ୍ରାମସ୍ଥିତ ବାବାତିଲକା ପାଠାଗାର ପରିସରରେ ସ୍ଥାପିତ ସହିଦ ସ୍ତମ୍ଭରେ ଧୂପ, ଦୀପ ଏବଂ ପୁଷ୍ପ ଅର୍ପଣ କରି ଖରସୁଆଁ ଗୁଳିକାଣ୍ଡ ଘଟଣାରେ ସହିଦ ହୋଇଥିବା ନିରୀହ ଆଦିବାସୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଭାରତ ବ୍ରିଟିଶ୍ ଶାସନରୁ ସ୍ୱାଧୀନତା ପାଇବା ପରେ ଯେତେବେଳେ ଗଡ଼ଜାତ ରାଜ୍ୟଗୁଡ଼ିକର ଏକୀକରଣ ପ୍ରକ୍ରିୟା ଆରମ୍ଭ ହେଲା, ବିଭିନ୍ନ ଅଞ୍ଚଳରେ ଭାଷା, ସଂସ୍କୃତି ଏବଂ ପରମ୍ପରାକୁ ନେଇ ବିବାଦ ଦେଖାଦେବା ଆରମ୍ଭ ହେଲା। ଏହି ସମୟ ମଧ୍ୟରେ ଆଦିବାସୀବହୁଳ ମୟୂରଭଞ୍ଜ, ଷଡ଼େଇକଳା ଏବଂ ଖରସୁଆଁ ଅଞ୍ଚଳରେ ବଳପୂର୍ବକ ମିଶ୍ରଣ ବିରୁଦ୍ଧରେ ଜନଆନ୍ଦୋଳନ ଆରମ୍ଭ ହେଲା। ମୟୂରଭଞ୍ଜର ଆଦିବାସୀମାନେ ଓଡ଼ିଶା ସହିତ ମିଶ୍ରଣକୁ ବିରୋଧ କରିଥିଲେ। ଯେତେବେଳେ ଖରସୁଆଁ ଅଞ୍ଚଳର ଆଦିବାସୀମାନେ ବିହାର ସହିତ ମିଶ୍ରଣକୁ ବିରୋଧ କରିଥିଲେ ଏବଂ ଉଭୟ ପ୍ରଦେଶର ଆଦିବାସୀଙ୍କ ଭାଷା, ସଂସ୍କୃତିକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଝାଡ଼ଖଣ୍ଡ ରାଜ୍ୟ ଦାବି କରିଥିଲେ। ହେଲେ ତତ୍କାଳୀନ କେନ୍ଦ୍ର ଏବଂ ଓଡ଼ିଶା ସରକାର ଏହି ଆନ୍ଦୋଳନଗୁଡ଼ିକୁ ଦମନ କରିବା ପାଇଁ ଦମନକାରୀ ନୀତି ଗ୍ରହଣ କରିଥିଲେ। ୧୯୪୮ ଜାନୁଆରୀ ୧ରେ ପ୍ରାୟ ୫୦ ହଜାର ଆଦିବାସୀ ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ଆଦିବାସୀ ନେତାଙ୍କ ଆହ୍ୱାନ କ୍ରମେ ସାଧାରଣ ସଭାରେ ଆଲୋଚନା ପାଇଁ ଖରସୁଆଁରେ ଏକତ୍ରିତ ହୋଇଥିଲେ। ସଭାରେ ଏକତ୍ରୀତ ଲୋକେ ଖରସୁଆଁ ରାଜାଙ୍କୁ ସ୍ମାରକପତ୍ର ଦେଇ ସଭାସ୍ଥଳକୁ ଫେରୁଥିବାବେଳେ ଓଡ଼ିଶା ସରକାରଙ୍କ ସଶସ୍ତ୍ର ସେନା ନିରସ୍ତ୍ର ଆଦିବାସୀଙ୍କ ଉପରେ ଆଖିବୁଜା ଗୁଳି ଚଳାଇ ନରସଂହାର କରିଥିଲା। ଏହି ଗୁଳିକାଣ୍ଡରେ ହଜାର ହଜାର ନିରୀହ ଆଦିବାସୀ ସହିଦ ହୋଇଥିଲେ। ସେହିପରି ୧୯୪୯ ଫେବୃଆରୀ ୬ରେ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡୁରିଆରେ ସାଧାରଣ ସଭାରେ ଏକତ୍ରୀତ ହୋଇଥିବା ହଜାର ହଜାର ଆଦିବାସୀଙ୍କ ଉପରେ ଗୁଳି ଚଳାଇ ଗଣହତ୍ୟା କରାଯାଇଥିଲା। ଏହି ଐତିହାସିକ ସହିଦସ୍ଥଳ ଖରସୁଆଁ ଏବଂ ଗୁଣ୍ଡୁରିଆରୁ ଅଣାଯାଇଥିବା ପବିତ୍ର ମାଟି ବାବାତିଲକା ପାଠାଗାର ପରିସରରେ ସ୍ଥାପନ କରାଯାଇ ସହିଦ ସ୍ତମ୍ଭ ନିର୍ମାଣ କରାଯାଇଛି। ଏହି ୭୮ ତମ ଖରସୁଆଁ ସହିଦ ଦିବସ ଅବସରରେ ବାବାତିଲକା ପାଠାଗାର ପ୍ରତିଷ୍ଠାତା, ସମ୍ପାଦକ ରାମଦାସ ମୁର୍ମୁ, ସଭାପତି ରାମଚନ୍ଦ୍ର ହେମ୍ବ୍ରମ, ଆଇନଜୀବୀ ମହାନା ଟୁଡୁ, ସାମ୍ବାଦିକ ବସନ୍ତ ସାଣ୍ଡିଲ, ବହଳଦା ବରିଷ୍ଠ ନାଗରିକ ସଂଘ ସମ୍ପାଦକ ବାରିଆଲ ହାଁସଦା ଏବଂ ଅନନ୍ତ ଚରଣ କିସ୍କୁ ପ୍ରମୁଖ ପୁଷ୍ପାଞ୍ଜଳି ଅର୍ପଣ କରି ସହିଦଙ୍କ ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେମାନଙ୍କ ସଂଘର୍ଷକୁ ମନେ ପକାଇ ଆଦିବାସୀ ଇତିହାସକୁ ସଂରକ୍ଷଣ କରିବାର ସଂକଳ୍ପ ନେଇଥିଲେ।



















## ରନ୍ଧାମଦ ଓ ମହୁଲ ପୋଚ ଜବତ; ଜଣେ ଗିରଫ



ଆନନ୍ଦପୁର, ୧।୧ (ସମିସ): କେନ୍ଦୁଝର ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆନନ୍ଦପୁର ଅବକାରୀ ରେଞ୍ଜ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ ଏବଂ ହାଟଡିହି ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ସୋସୋ ଥାନା ଅନ୍ତର୍ଗତ ସଢା, ଅନ୍ଧାରି, ହାଟଡିହି, ଅଞ୍ଚଳରେ ଚଢ଼ଉ କରି ୨୬୨ ଲିଟର ଦେଶୀ ରନ୍ଧାମଦ ଓ ୩୫୦୦ ଲିଟର ମହୁଲ ପୋଚ ଜବତ କରିବା ସହ ଉକ୍ତ ଗ୍ରାମର ସୂର୍ଯ୍ୟମଣି ମୁର୍ମୁଙ୍କୁ ଗିରଫ କରିଛନ୍ତି। ଜବତ ଦେଶୀ ରନ୍ଧା ମଦ ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ହାଟଡିହି ଅବକାରୀ ଥାନା ଉପନିରୀକ୍ଷକ ସୁଶାନ୍ତ ରାଉତ, କନେଷ୍ଟବଳ ଜଗମୋହନ ବେହେରା, ଆରତୀ ବେହେରା, ସୁରେଶ ବେହେରା ସାମିଲ ଥିଲେ। ଏନେଇ ହାଟଡିହି ଅବକାରୀ ଥାନା ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଛି।

## ପଞ୍ଚୁଗୋଛିଆରେ ଧାନମଣ୍ଡିର ଶୁଭାରମ୍ଭ



ଆନନ୍ଦପୁର, ୧।୧ (ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ପଞ୍ଚୁଗୋଛିଆ ସମବାୟ ସମିତି ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ସମ୍ପାଦକ ରାମଚନ୍ଦ୍ର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତିନିଧି ଜ୍ଞାନରଞ୍ଜନ ସାମନ୍ତସିଂହାର, ବଞ୍ଚୋ ପଞ୍ଚାୟତର ସରପଞ୍ଚ ପ୍ରଶାନ୍ତ ରାଉତ, ସମିତିର ସଭାପତି ନାରାୟଣ ରାଉତ, ଉପସଭାପତି ଚିତ୍ରଲେଖା ବରାଳ ପ୍ରମୁଖ ଯୋଗ ଦେଇଥିଲେ। ଏଫଏକ୍ୟୁ ମାନର ଧାନ ଦେଇ ଉଚିତ ମୂଲ୍ୟ ପାଇବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। କମିଟି ସଦସ୍ୟ ଦତ୍ତାତ୍ରୟ ରାୟ ସର୍ଦ୍ଦାର, ପ୍ରମୋଦ କୁମାର ରାଉତ, ଶଶିକାନ୍ତ ପଣ୍ଡା, ମାର୍କଣ୍ଡ ଚରଣ ନାୟକ, ବିଦ୍ୟାଧର ରାଉତ, ବିଚିତ୍ରାନନ୍ଦ ବରାଳ, ବାସନ୍ତୀ ରାଉତ, ଭରତ ପାତ୍ର, ରମେଶ ବିଶ୍ୱାଳ ଓ କୋଦଣ୍ଡଧର ସେଠୀଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ। ସମବାୟ ସମିତିର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

## ହାଟଡ଼ିହୀ କଲେଜର ସପ୍ତାହବ୍ୟାପୀ ସଚେତନତା କାର୍ଯ୍ୟକ୍ରମ





ହାଟଡ଼ିହୀ,୧।୧(ସମିସ): ହାଟଡ଼ିହୀ ଆଞ୍ଚଳିକ ମହାବିଦ୍ୟାଳୟ ପକ୍ଷରୁ ନାରୀଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଅଜୟ କୁମାର ଦାଶଙ୍କ ସଂଯୋଜନାରେ ୫୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ପଦାଡ଼ୋ ପଞ୍ଚାୟତ ଅଧୀନ ପୋଡ଼ାସିଙ୍ଗିଡି ଗ୍ରାମରେ ଚାଲିଥିବା ୭ଦିନିଆ ସ୍ୱତନ୍ତ୍ର ଶିବିର ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ହାଟଡ଼ିହୀ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ଓ ଜାତୀୟ ସେବା ଯୋଜନାର ଉପଦେଷ୍ଟାମଣ୍ଡଳୀର ସଦସ୍ୟ ସୁଶାନ୍ତ କୁମାର ଜେନା ଓ ମିନତୀ ଧଳ ମହାପାତ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୭ଦିନ ଧରି ଚାଲିଥିଲା ବେଳେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ବିଷୟରେ ସ୍ୱେଚ୍ଛାସେବୀମାନେ ସେହି ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ। ପ୍ରଥମ ଦିନରେ ବୃକ୍ଷରୋପଣ ଓ ବିଦ୍ୟାଳୟ ପରିସର ସଫେଇ, ୨ୟ ଦିନରେ ଜଳ ସଂରକ୍ଷଣ ଓ ଜଳ ପ୍ରଦୂଷଣ ଉପରେ ସଚେତନତା, ୩ୟ ଦିନରେ ଅନ୍ଧବିଶ୍ୱାସ ଦୂରୀକରଣ ଉପରେ ସଚେତନତା ଓ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିନରେ ନାରୀଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇ ସଚେତନତା ଓ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା। ତା'ସହିତ ଐତିହାସିକ ପର୍ଯ୍ୟଟନସ୍ଥଳୀ ରାମଚଣ୍ଡୀ ପରିସର ସଫାସୁତୁରା କରାଯାଇ ପ୍ଲାଷ୍ଟିକମୁକ୍ତ ଅଭିଯାନ ଉପରେ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଥିଲା। ପଞ୍ଚମ ଦିନରେ ସ୍ୱଚ୍ଛତା ସମ୍ବନ୍ଧରେ ସଚେତନତା ଓ ପରିବେଶ ପ୍ରଦୂଷଣ ଉପରେ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା ବେଳେ ୬ଷ୍ଠ ଦିନରେ ବସ୍ତ୍ର ବଣ୍ଟନ ସହିତ ନିଆଁ ଲିଭାଇବା ଓ ନିଆଁକୁ ଆୟତ୍ତ କରିବାର କୌଶଳ ସମ୍ବନ୍ଧରେ ହାଟଡ଼ିହୀ ଦମକଳ ବାହିନୀ ଦ୍ୱାରା ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ସପ୍ତମ ତଥା ଶେଷ ଦିନରେ ବାଳାଶ୍ରମ ସଫେଇ ସହ ସେଠାରେ ଥିବା ଅନ୍ତେବାସୀଙ୍କୁ ଖାତା, କଲମ ଓ ବିସ୍କୁଟ ପ୍ରଦାନ କରାଯାଇଥିଲା। ତା'ସହିତ ନିଶା ନିବାରଣ ଉପରେ ସଚେତନତା ଶୋଭାଯାତ୍ରା ସହିତ ଏକ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଥିଲା।

### କାହା ନିୟନ୍ତ୍ରଣରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ?

# କାର୍ଯ୍ୟରେ ନାହିଁ ସୂଚନାଫଳକ, ଶ୍ରମିକ ଅସୁରକ୍ଷିତ

ଆନନ୍ଦପୁର, ୧।୧ (ସମିସ)



ନିର୍ମାଣାଧୀନ ଥିବା ଆନନ୍ଦପୁର କେନ୍ଦ୍ରୀୟ ବିଦ୍ୟାଳୟର କୋଠା କାର୍ଯ୍ୟକୁ ନେଇ ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏହି ସ୍କୁଲ ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନୁଦାନ ଯୋଗାଇ ଦିଆଯାଉଥିଲା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟର କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଉକ୍ତ ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ୫୦ ପ୍ରତିଶତ ଶେଷ ହେବାକୁ ବସିଥିବା ବେଳେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରତିଟି ସରକାରୀ କାର୍ଯ୍ୟରେ ସୂଚନାଫଳକ ଲଗାଯାଇଥିବା ବେଳେ ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ବିନା ଫଳକରେ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ସେଣ୍ଟ୍ରାଲ ସ୍କୁଲ ନିର୍ମାଣର ବିଭିନ୍ନ କାର୍ଯ୍ୟରେ ଅନିୟମିତତା ପ୍ରତି କେହି ସ୍ୱର ନ ଉଠାଉଥିବାରୁ ଠିକାଦାର ମାନମାନି ବଢ଼ିବାରେ ଲାଗିଛି। ବିଭିନ୍ନ ସମୟରେ ଶ୍ରମିକଙ୍କ ସୁରକ୍ଷା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣରେ ନିୟୋଜିତ ହୋଇଥିବା ଶ୍ରମିକମାନେ ତିନି ମହଲା ଉପରେ ବିନା ସୁରକ୍ଷାରେ କାର୍ଯ୍ୟ କରୁଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଯଦି ଦିନ ମଜୁରିଆ ଶ୍ରମିକ ଟିଏ କିଛି ଦୁର୍ଘଟଣା ଘଟେ, ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି। ସବୁଠୁ ବଡ଼ କଥା ହେଉଛି, ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣରେ ୮୦ ଜଣରୁ ଊର୍ଦ୍ଧ୍ୱ ଶ୍ରମିକ ନିୟୋଜିତ ଥିବା ବେଳେ ସର୍ବାଧିକ ବାହାର ରାଜ୍ୟର ବୋଲି ଜଣାପଡ଼ିଛି। ସେଥିମଧ୍ୟରୁ ଅନେକ ନାବାଳକ ଥିବା ନେଇ ଅଭିଯୋଗ ହୋଇଛି। ତେବେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ହେଉଥିବା ଏହି ସେଣ୍ଟ୍ରାଲ ସ୍କୁଲ ନିର୍ମାଣ କାର୍ଯ୍ୟ ରେ ଯନ୍ତ୍ରୀ ଓ ଠିକାଦାରଙ୍କ ଅନୁପସ୍ଥିତିକୁ ନେଇ ସବୁଠୁ ବଡ଼ ପ୍ରଶ୍ନ ଉଠିଛି। ପରିତାପର ବିଷୟ ସାଇଟ୍‌ରେ କାର୍ଯ୍ୟ ତଦାରଖ କରୁଥିବା ସାଇଟ୍ ମ୍ୟାନେଜର ନିଜେ କହୁଛନ୍ତୁ ଠିକାଦାର ଦୁଇ ମାସରେ ଥରେ ଆସନ୍ତି। ଏଥିରୁ ସ୍ପଷ୍ଟ ଭାବରେ ଜଣାପଡୁଛି, ଯେଉଁଠି ଠିକାଦାର ଏବଂ ଯନ୍ତ୍ରୀଙ୍କ ଅନୁପସ୍ଥିତ ରହିଛି ସେଇଠି କି ପ୍ରକାରର କାମ ହେଉଥିବ। ଏହି ଅଭିଯୋଗ ବିଷୟରେ ସାଇଟ୍ ମ୍ୟାନେଜରଙ୍କୁ ପ୍ରଶ୍ନ କରିବାରୁ ପ୍ରଶ୍ନଠାରୁ ଅନେକ ଦୂରରେ ରହି ଉତ୍ତର ଦେଇ ଖସିଯିବାକୁ ଚେଷ୍ଟା କରୁଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

**ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ**

## ତିନି ମହଲା କୋଠା, ମାର୍କେଟ କମ୍ପ୍ଲେକ୍ସ, ୬ ପ୍ଲଟ୍



ହାଟଡ଼ିହୀ,୧।୧(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ପିଇଓ ଜିତେନ୍ଦ୍ର କୁମାର ଜେନାଙ୍କ ଘର ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଛି। ରାତି ସୁଦ୍ଧା ତାଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି। ହାଟଡ଼ିହୀ ବ୍ଲକ୍ ବିରଞ୍ଚିପୁରଠାରେ






୩୩ ଶହ ବର୍ଗଫୁଟର ଗୋଟିଏ ୩ମହଲା କୋଠା, ହାଟଡ଼ିହୀର ବସନ୍ତିଆ ବଜାର ଜଗନ୍ନାଥପୁର ମୌଜାରେ ଥିବା ୫ହଜାର ବର୍ଗଫୁଟର ଗୋଟିଏ ନୂଆ ୨ ମହଲା କୋଠା ବିଶିଷ୍ଟ ମାର୍କେଟ କମ୍ପେ୍ଲକ୍ସ, ବସନ୍ତିଆ ବଜାରସ୍ଥିତ ମା' ସରସ୍ୱତୀ ସେଲ୍ସ ନାମରେ ୨ଟି ଭଡ଼ାସୂତ୍ରରେ ଲାଗିଥିବା ଗୋଦାମ ଘର, ବିଦ୍ୟାଧରପୁରରେ ଥିବା ସରସ୍ୱତୀ ସେଲ୍ ନାମକ ଇଲେକ୍‌ଟ୍ରୋନିକ୍ସ ଦୋକାନ, ଚଣ୍ଡିଆ ଓ ବିରଞ୍ଚିପୁରରେ ଥିବା ୬ଟି ପ୍ଲଟ୍, ୧ ଶହ ଗ୍ରାମ୍ ପାଖାପାଖି ସୁନା, ଗୋଟିଏ ଚାରିଚକିଆ ଗାଡ଼ି, ୨ଟି ବାଇକ୍, ବ୍ୟାଙ୍କ ଏବଂ ପୋଷ୍ଟାଲ ଡିପୋଜିଟ୍ ରହିଛି। ବାଲେଶ୍ୱର, କେନ୍ଦୁଝର ଓ ଭଦ୍ରକ ଭିଜିଲାନ୍ସ ବିଭାଗର ୪ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟରଙ୍କ ସମେତ ୪୦ଜଣ କର୍ମଚାରୀ ଏହି ଚଢ଼ଉରେ ସାମିଲ ହୋଇଛନ୍ତି। କେନ୍ଦୁଝର ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତି ଜାରି କରିଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ଉ କରାଯାଇଛି। ମଙ୍ଗଳବାର ଭୋର୍‌ରୁ ଚଢ଼ଉ ଆରମ୍ଭ ହୋଇଥିଲା ବେଳେ ଏନେଇ ଯାଞ୍ଚ ଜାରି ରହିଛି। ଜିତେନ୍ଦ୍ର ଦୀର୍ଘବର୍ଷ ହେବ ହାଟଡ଼ିହୀ ବ୍ଲକ୍‌ର ବାଲିବରେଇ, ବଡ଼ରମ୍ପାସ ଓ ଏବେ ବଞ୍ଚୋ ପଞ୍ଚାୟତରେ ପିଇଓ ଭାବେ କାର୍ଯ୍ୟରତ ଅଛନ୍ତି। ମରେଇଗାଁସ୍ଥିତ ନିଜ ଘର, ବସନ୍ତିଆ ମାର୍କେଟ କମ୍ପ୍ଲେକ୍ସ, ପତ୍ନୀଙ୍କ ନାମରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ, ଜଗନ୍ନାଥପୁରରେ ଥିବା ଦୋକାନ, ଗୋଦାମ ଘର, ବନ୍ତଳାସ୍ଥିତ ପୈତୃକ ଘର, ବଞ୍ଚୋ ସହ ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି। ଗତକାଲି ପିଇଓ ଶ୍ରୀ ଜେନାଙ୍କୁ ଭିଜିଲାନ୍ସ ବିଭାଗ ଭଦ୍ରକ ନେଇଥିବା ବେଳେ ଆସନ୍ତାକାଲି କେନ୍ଦୁଝର କୋର୍ଟରେ ହାଜର କରାଇବ ବୋଲି ସୂଚନା ରହିଛି। ପ୍ରକାଶ ଥାଉକି, ପିଇଓ ଶ୍ରୀ ଜେନା ୧୨/୮/୧୯୯୫ରେ ହଦଗଡ଼ ପଞ୍ଚାୟତରେ ପଞ୍ଚାୟତ ସେକ୍ରେଟାରୀ ଭାବେ ମାସିକ ୨୨ ଶହ ଟଙ୍କା ବେତନରେ ନିଯୁକ୍ତି ପାଇଥିଲେ। ୨୦୦୯ରେ ପଦୋନ୍ନତି ପାଇ ସମଣା, କେ.ବାଲିପାଳ, ଢେଙ୍କାର ପିଇଓ ହୋଇଥିଲେ।

## ଦୁର୍ଘଟଣାରେ ଅଙ୍ଗନବାଡ଼ି କର୍ମୀ ଗୁରୁତର

ହାଟଡ଼ିହୀ,୧।୧(ସମିସ): ହାଟଡ଼ିହୀ ବ୍ଲକ ବିଦ୍ୟାଧରପୁର ଅଙ୍ଗନବାଡ଼ି କର୍ମୀ ବାସନ୍ତୀ ଶତପଥୀ (୫୦) ଏକ ଅଜଣା ବାଇକ୍ ଧକ୍କାରେ ଗୁରୁତର ଆହତ ହୋଇଛନ୍ତି। ଗତ ବୁଧବାର ସେ ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟରୁ ବିଏଲଓ ଟ୍ରେନିଂ ସାରି ଅପରାହ୍ନ ପ୍ରାୟ ସାଢ଼େ ୪ଟା ସମୟରେ ବାଲିବରେଇ ମଧ୍ୟଇଂରାଜୀ ସ୍କୁଲର ଶିକ୍ଷକ କୈଳାସଚନ୍ଦ୍ର ପ୍ରଧାନଙ୍କ ସହ ବାଇକ୍ ଯୋଗେ ଘରକୁ ଫେରିବା ବେଳେ ତେନ୍ତୁଳିନଣ୍ଡା ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହିତ ଧକ୍କା ହୋଇଥିଲା। ଶ୍ରୀ ପ୍ରଧାନ ସାମାନ୍ୟ ଆହତ ହୋଇଥିଲା ବେଳେ ଶ୍ରୀମତୀ ଶତପଥୀ ଛିଟିକି ପଡ଼ିବାରୁ ତାଙ୍କ ମୁଣ୍ଡ, ଛାତି, ଅଣ୍ଟା ଆଦି ସ୍ଥାନରେ ଗଭୀର ଆଘାତ ଲାଗିଛି। ବାମଗୋଡ଼ଟି ଭାଙ୍ଗିଯାଇଛି। ସ୍ଥାନୀୟ ଲୋକଙ୍କ ଦ୍ୱାରା ଆହତଦ୍ୱୟଙ୍କୁ ଉଦ୍ଧାର କରାଯାଇଥିଲା। ବାସନ୍ତୀଙ୍କୁ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଙ୍ଗନବାଡ଼ି କର୍ମୀ ସଂଘର ସଭାପତି କନକଲତା ଜେନା, ସମ୍ପାଦକ କନକଲତା ସାମଲ ଓ କୋଷାଧ୍ୟକ୍ଷ ସତ୍ୟଭାମା ଖଟୁଆଙ୍କ ସମେତ ସମସ୍ତ କର୍ମୀ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



## ନୂଆବର୍ଷରେ ମାଗଣା ଚାହା ବାଣ୍ଟିଲେ

ଚମ୍ପୁଆ, ୧।୧(ସମିସ): ଇଂରାଜୀ ନବବର୍ଷ ୨୦୨୬କୁ ସ୍ୱାଗତ ପାଇଁ କେଉଁଠି ଜିରୋ ନାଇଟ୍ ତ କେଉଁଠି ଭୋଜିଭାତର ଆସର। ଆଉ କିଛି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରି ନବବର୍ଷର ପ୍ରଥମ ଦିନକୁ ସ୍ୱାଗତ କରିଛନ୍ତି। ମାତ୍ର ଜଣେ ଚାହା ଦୋକାନୀ ଏହି ଦିନଟିକୁ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରି ନିଜ ଦୋକାନକୁ ଗୋଟିଏ ଦିନ ପାଇଁ ଦେୟମୁକ୍ତ କରିଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ଚମ୍ପୁଆ ସଦର ମହକୁମାରେ। ଦୀର୍ଘଦିନ ଧରି ଚମ୍ପୁଆ ବସଷ୍ଟାଣ୍ଡ ନିକଟରେ ଚାହା ଦୋକାନ କରି ପରିବାର ପ୍ରତିପୋଷଣ କରିଆସୁଥିବା ବିଡିଓ ନାଏକ ଜଣେ ସାଧାରଣ ମେଳାପି ଓ ମିଷ୍ଟଭାଷୀ ଯୁବକ। ସ୍ୱାଦଯୁକ୍ତ ଚାହା ପାଇଁ ସେ ବେଶ୍ ପରିଚିତ। ଚଳିତ ବର୍ଷ ସେ ତାଙ୍କ ଚାହା ଦୋକାନକୁ ନବବର୍ଷ ଉପଲକ୍ଷେ ଦେୟମୁକ୍ତ କରିବା ସହିତ ପ୍ରାୟ ୧୦୦୦ରୁ ଅଧିକ ଚାହା ବଣ୍ଟନ କରିଛନ୍ତି। ବିଡିଓ ନାଏକଙ୍କ କହିବାନୁସାରେ, ବର୍ଷସାରା ଗ୍ରାହକମାନେ ଚାହା ପିଇ ଆସୁଥିବା ବେଳେ ଆଜି ଦିନଟି ତାଙ୍କୁ ମାଗଣା ଚାହା ପ୍ରଦାନ କରାଯାଇଛି। ଗ୍ରାହାକଙ୍କ ସନ୍ତୁଷ୍ଟି, ମୁହଁରେ ହସ ହିଁ ମୋ ରୋଜଗାର ବୋଲି କହିଛନ୍ତି। ଦୈନିକ ସକାଳ ୬ଟାରୁ ଆରମ୍ଭ କରି ରାତି ୯ ପର୍ଯ୍ୟନ୍ତ ଏହି ଚାହା ଦୋକାନରେ ଚାହା ପିଇବା ପାଇଁ ଗ୍ରାହକଙ୍କ ଭିଡ଼ ଲାଗିଥାଏ।





## ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ



ଆନନ୍ଦପୁର, ୧।୧(ସମିସ): ଉପଖଣ୍ଡ ଅନ୍ତର୍ଗତ ଟୁକୁଣାସ୍ଥିତ ବଳଭଦ୍ର ନାରାୟଣ ସରକାରୀ ସଂସ୍କୃତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ଏକ ଶୀତକାଳୀନ ସ୍ୱତନ୍ତ୍ର ସେବାଶିବିର କାର୍ଯ୍ୟକ୍ରମ ଅଧିକାରୀ ସୁଦର୍ଶନ ସାହୁଙ୍କ ତତ୍ତ୍ୱାବଧାନରେ ପୋଷ୍ୟଗ୍ରାମ ବେଉସାହିଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋରଞ୍ଜନ ପାଢ଼ୀ ଉଦ୍‌ଘାଟନ କରିଥିଲେ। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକଙ୍କ ମାର୍ଗଦର୍ଶିକା ଅନୁଯାୟୀ ସାତଦିନଧରି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳକରିବା ନିମିତ୍ତ ବରିଷ୍ଠ ଅଧ୍ୟାପକ ଡ ଗୋପୀନାଥ ପଣ୍ଡା, ଡଃ ଭୋଲେଶ୍ୱର ପ୍ରଧାନ, ଯଦୁମଣି ମିଶ୍ର ଓ ପ୍ରାକ୍ତନ ଅଧ୍ୟକ୍ଷା ଡଃ ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ର ସହଯୋଗ କରିଥିଲେ। ଶିବିରାର୍ଥୀ ପଙ୍କଜ ଜେନା, ସୁଦର୍ଶନ ଜେନା, ଶ୍ରୀତମ୍ ଜେନା, ମନ୍ମଥ ମିଶ୍ର, ପ୍ରିତିପ୍ରଭା ଜେନା, ରାଧୁନ ଜେନା, ଅଭିଜିତ ମିଶ୍ର, ଆଲୋକ ଜେନା, ରାଜା ଜେନା, ପୂଜା ଦାସ, ଅଙ୍କିତା ଉପାଧ୍ୟାୟ, ସ୍ୱପ୍ନା ଦାସ, ସୁନୟନା ଶର୍ମା, ସ୍ମୃତିରେଖା ମିଶ୍ର, ସୁଭଦ୍ରା ପାଢୀ, ଲିଜା ଦାସ, ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ସହଯୋଗ କରିଥିଲେ।

## ମିରିଗିସିଙ୍ଗା ପିକ୍‌ନିକ୍ ସ୍ପଟ୍‌ରେ ୨୧ ଟିକିଆ ହାତୀପଲ


ଯୋଡ଼ା,୧।୧ (ସମିସ)



**ଛତ୍ରଭଙ୍ଗ ଦେଲେ ବଣଭୋଜି ଦଳ**

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ୍ ବୈତରଣୀ ନଦୀକୂଳରେ ଥିବା ମିରିଗିସିଙ୍ଗା ପିକନିକ ସ୍ପଟ ନିକଟରେ ୨୧ ଟିକିଆ ହାତୀପଲ ଚଳପ୍ରଚଳ ନେଇ ଭୟଭୀତ ହୋଇ ଛତ୍ରଭଙ୍ଗ ଦେଲେ ବଣଭୋଜି କରିବା ପାଇଁ ଆସିଥିବା ଲୋକ। ଫସର ଫାଟିଲା ବଣଭୋଜି। ଯଦିଓ ଗୁରୁବାର ଥିବାରୁ ପିକନିକ୍ କରିବା ପାଇଁ ଆସିଥିବା ଲୋକ ସଂଖ୍ୟା କମ ଥିଲା; ତଥାପି ହାତୀ ପାଇଁ ସେଠାରେ ଭୟର ବାତାବରଣ ଦେଖାଦେଇଥିଲା। ପିକନିକ୍ କରିବା ପାଇଁ ଆସିଥିବା ଚନ୍ଦ୍ରସେନ ମହାନ୍ତ, ରାମରାୟ ସୋରେନ କହିଛନ୍ତି ଯେ ହାତୀ ଥିବା ସମ୍ପର୍କିତ ଖବର ନିକଟସ୍ଥ ଦାମପୁର ଗ୍ରାମବାସୀ କହିବା ପରେ ଭୟ ଲାଗିଥିଲା। ସୂର୍ଯ୍ୟାସ୍ତ ହେବା ପୂର୍ବରୁ ଭୋଜି ଖାଇ ସେଠାରୁ ଯଥାଶୀଘ୍ର ଚାଲିଯିବେ ବୋଲି ସେମାନେ କହିଥିଲେ। ସେହିପରି ବାଇକରେ ଆସିଥିବା କିଛି ଯୁବଗୋଷ୍ଠୀ ସେଠାରୁ ହାତୀ ଆସିଥିବା ଖବର ଶୁଣି ଭୟରେ ଜିନିଷ ପତ୍ର ଧରି ବଣଭୋଜି ନ କରି ସେଠାରୁ ଚାଲିଯାଇଥିଲେ। ଏନେଇ ବନ ବିଭାଗ ପକ୍ଷରୁ ବିଲେଇପଦା ଫରେଷ୍ଟର ମୋହିନୀ ମହାନ୍ତ କହିଛନ୍ତି ଯେ ଗୋଟିଏ ହାତୀ ଦାମପୁରରେ ଥିବା ବେଳେ ଚମ୍ପୁଆ ରେଞ୍ଜର ମିରିଗିସିଙ୍ଗା ବୈତରଣୀ ନଦୀର ଅପରପାର୍ଶ୍ୱରେ ୨୦ଟି ହାତୀ ଅଛନ୍ତି। ଗଜସାଥୀ ଓ ବନ କର୍ମଚାରୀମାନେ ହାତୀର ଗତିବିଧି ଉପରେ ଦୃଷ୍ଟି ରଖିଛନ୍ତି। ତେଣେ ବନପାଳ ମୋହିନୀ ମହାନ୍ତ କହିଛନ୍ତି ଯେ ଡ଼ାକବାଜି ଯନ୍ତ୍ର ଜରିଆରେ ସ୍ଥାନୀୟ ଅଞ୍ଚଳରେ ଓ ମିରିଗିସିଙ୍ଗା ପିକନିକ୍ ସ୍ପଟରେ ହାତୀ ଉପସ୍ଥିତିକୁ ନେଇ ସୁରକ୍ଷିତ ଓ ସତର୍କ ରହିବାକୁ ସୂଚନା ଦିଆଯାଉଛି।

## ଗୋଠଛଡ଼ା ଦନ୍ତାର ଆତଙ୍କରାଜ୍; ବନ ବିଭାଗ ନାକେଦମ୍



ବାଲିବନ୍ଧ, ୧।୧(ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ଅଞ୍ଚଳରେ ୫ ଦିନ ହେବ ଗୋଠଛଡ଼ା ଦନ୍ତା ଆତଙ୍କରାଜ ଚଳାଇଛି। ଦିନରାତି କୋଉଠି କେତେବେଳେ କାହା ଘର ଭାଙ୍ଗି ଧାନ, ଚାଉଳ ଖାଇଯାଉଛି ତ କେତେବେଳେ କୋଉ ଚାଷୀର ପନିପରିବା ଖାଇ ପାଦରେ ଦଳିମକଚି ନଷ୍ଟ କରୁଛି। ଫଳରେ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ଦନ୍ତାର ଗତିବିଧି ଲକ୍ଷ୍ୟ ରଖିବାରେ ବନ ବିଭାଗ ନାକେଦମ ହେଲେଣି। ବାଲିବନ୍ଧ ଫରେଷ୍ଟ ସେକ୍ସନ ବାଲିବନ୍ଧ, ଦଳମାପଶି, କୁଲଡ଼ିହି, ରଜାବସା, ଅର୍ଶଳା, ଅଶୁକୀ, ମାଟିଆଳସାହି, ସେରେଙ୍ଗ ସାହି, ବାରଖଣ୍ଡିଆ, ଖାଲିକୁଣ୍ଡ, କୁମନାନାଳି ଏବଂ ସଦର ରେଞ୍ଜର ପଳାଶପଙ୍ଗା ଫରେଷ୍ଟ ସେକ୍ସନ ରାଇକଳା, କରଞ୍ଜିଆପଡା, ଧୁଳିଆବେଡ଼ା ଆଦି ଅଞ୍ଚଳରେ ଗୋଠଛଡ଼ା ଦନ୍ତା ଆତଙ୍କ ଜାରି ରଖିଛି। ଅଞ୍ଚଳବାସୀ ଛୁଆପିଲା ଧରି ଥଣ୍ଡାକାକରରେ ଆତଙ୍କିତ ଅବସ୍ଥାରେ ରାତି ରାତି ଅନିଦ୍ରା ହୋଇ ରହୁଥିବା ଅଭିଯୋଗ କରିଛନ୍ତି। ବନ ବିଭାଗର ଦାୟିତ୍ୱହୀନତା ପାଇଁ ଗୋଠଛଡ଼ା ଦନ୍ତା ହାତୀପଲରେ ମିଶି ପାରୁ ନଥିବା ଅଭିଯୋଗ ହେଉଛି। ଫଳରେ ସେ ଏହି ଅଞ୍ଚଳର ଗ୍ରାମ୍ୟ ଜଙ୍ଗଲ, ସଂରକ୍ଷିତ ଜଙ୍ଗଲରେ ଘୂରିବୁଲି ଆତଙ୍କ ଚଳାଇଛି। ବୁଧବାର ରାତି ଝୁମ୍ପୁରା ବ୍ଲକ ନିକଟ ଆମ୍ବ ବାଗାନ ଭିତରେ ପଶି କିଛି ସମୟ ଆତଙ୍କ ଚଳାଇଥିଲା। ଗୁରବାର ବାଲିବନ୍ଧ ନିକଟସ୍ଥ ଶିରିଆବାହଳ ଜଙ୍ଗଲରେ ବିଶ୍ରାମ ନେଇଥିବା ଜଣାପଡିଛି। ଏନେଇ ବାଲିବନ୍ଧ ଫରେଷ୍ଟର ରାଜେନ୍ଦ୍ର କୁମାର ଜେନା କହିଛନ୍ତି ଯେ ଯେହେତୁ ଏକୁଟିଆ ହୋଇ ରହୁଛି ତାର ଗତିବିଧି ଲକ୍ଷ୍ୟ ରଖିବା ବହୁ କଷ୍ଟ ହେଉଛି। ଏହାସତ୍ତ୍ୱେ ଦନ୍ତାର ଗତିବିଧି ଲକ୍ଷ୍ୟ ରଖି ହାତୀପଲ ସହ ମିଶାଇବା ପାଇଁ ବହୁ ଚେଷ୍ଟା ପରେ ମଧ୍ୟ ସେ ହାତୀପଲ ସହିତ ମିଶୁ ନାହିଁ।

# କାର୍-ବାଇକ୍ ଧକ୍କା; ଲକ୍ଷ୍ମୀ ବସ୍ ଚାଳକ ମୃତ



କପ୍ତିପଦା,୧।୧(ସମିସ): କପ୍ତିପଦା ଥାନା ପୁରୁଣାପାଣି ଝିଙ୍କେଶ୍ୱର ପେଟ୍ରୋଲ ପମ୍ପ୍ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କଟୁରିଆ ଗ୍ରାମର ବଳିଆ ପାତ୍ର (୩୦)। ସେ ଲକ୍ଷ୍ମୀ ବସ୍‌ରେ ଚାଳକ ଭାବେ କାର୍ଯ୍ୟ କରନ୍ତି। ପ୍ରକାଶ ଯେ, ଲକ୍ଷ୍ମୀ ବସ୍ ଷ୍ଟାଣ୍ଡରେ ବସ୍ ରଖି ନିଜ ବାଇକ୍ ଯୋଗେ ନିଜ ଘର କଟୁରିଆକୁ ଫେରୁଥିଲେ ଲକ୍ଷ୍ମୀ ବସ୍ ଚାଳକ ବଳିଆ ପାତ୍ର (୩୦)। ପୁରୁଣାପାଣି ଝିଙ୍କେଶ୍ୱର ପେଟ୍ରୋଲ ପମ୍ପ୍ ନିକଟରେ ବାଇକ୍‌ରେ ପେଟ୍ରୋଲ ଭର୍ତ୍ତି କରି ଶରତ-କପ୍ତିପଦା ମୁଖ୍ୟ ରାସ୍ତା ଉପରକୁ ଉଠୁଥିବାବେଳେ କପ୍ତିପଦା ପଟୁ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବଳିଆଙ୍କର ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ ମଧ୍ୟ ପ୍ରାୟ ଘଣ୍ଟାଏ ପରେ ଥାନା ଗାଡ଼ି ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା। ତେବେ କାର୍ ଚାଳକ ଜଣକ ଉଦଳା ମୁଗ୍ଧା ଅଞ୍ଚଳର ଜ୍ଞାନ ରଞ୍ଜନ ଜେନା(୩୫) ବୋଲି ଜଣାପଡ଼ିଛି। ସେ ଅତ୍ୟଧିକ ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ଚଳାଇ ବଡ଼ଖଲାଡ଼ିସ୍ଥିତ ଶଶୁର ଘରକୁ ଯାଉଥିଲେ ବୋଲି ଉପସ୍ଥିତ ଲୋକମାନେ ଆଲୋଚନା କରୁଛନ୍ତି।

# ପାଟଣା ରେଞ୍ଜରେ ସକ୍ରିୟ କାଠ ମାଫିଆ



ତୁରୁମୁଙ୍ଗା, ୧।୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପାଟଣା ସେକ୍ସନ ଦହିବହାଳି ଦେଇ ଯାଇଥିବା ମାଧାପୁର ଡ୍ୟାମ କେନାଲ ହୁଡ଼ାରୁ କାଠ ମାଫିଆମାନେ ଆକାଶିଆ ଓ ୟୁକାଲି ପଟାସ ଗଛ କାଟି ନେଇଛନ୍ତି। କଟା ଯାଇଥିବା କାଠ ଗଣ୍ଡି ସବୁକୁ ନେଇ ଦହିବାହାଳିର ଜଣେ ବ୍ୟକ୍ତିଙ୍କ ଖଳାରେ ନେଇ ଗଚ୍ଛିତ କରିଥିଲେ ହେଁ ବନ ବିଭାଗ ଏହାର ଟେର ପାଇ ନାହିଁ। କେନାଲ ହୁଡ଼ାରୁ ଗଛ କାଟି ନେବା ଫଳରେ କେନାଲ ହୁଡ଼ା ଦୁର୍ବଳ ହେବା ସହ ଘାଇ ସୃଷ୍ଟି ହେବା ଆଶଙ୍କା ଉପୁଜିଛି। ଏନେଇ ମାଧପୁର ମାଇନର ଇରିଗେଶନ ପ୍ରୋଜେକ୍ଟ ଏସ୍‌ଡିଓ କିମ୍ବା ପାଣି ପଞ୍ଚାୟତ କମିଟି ତରଫରୁ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇ ନଥିବା ଜଣାପଡ଼ିଛି।

# ମଡେଲ ମଣ୍ଡି ଓ ଶୀତଳ ଭଣ୍ଡାର ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ

ବାରିପଦା,୧।୧(ସମିସ): ମୟୂରଭଞ୍ଜ ଭଳି କୃଷିପ୍ରଧାନ ଓ ଆଦିବାସୀ ବହୁଳ ଜିଲ୍ଲାର ବିକାଶ ପାଇଁ ବିଭିନ୍ନ ସ୍ଥାନରେ ମଡେଲ ମଣ୍ଡି ସହ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି ରାଜ୍ୟସଭା ସାଂସଦ ମମତା ମହାନ୍ତ। ଏଠାରେ ସୂଚନା ଯୋଗ୍ୟ, ନିକଟରେ ରାଜ୍ୟ ସରକାର ରାଜ୍ୟରେ ପ୍ରତି ଜିଲ୍ଲାରେ ଦୁଇଟି ଲେଖାଏଁ ମଡେଲ ମଣ୍ଡି ଖୋଲିବାକୁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ମଡେଲ ମଣ୍ଡିଗୁଡ଼ିକରେ ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟର ଓଜନ ମାପ ଯନ୍ତ୍ର, ଇଲେକ୍ଟ୍ରୋନିକ୍ ଡିସ୍‌ପ୍ଲେ ବୋର୍ଡ, ଶୌଚାଳୟ, ବଜାର, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଟିଫିନ ସେଣ୍ଟର ରହିବ ବୋଲି ସ୍ଥିର କରାଯାଇଛି। ଏହାକୁ ସାଂସଦ ଶ୍ରୀମତୀ ମହାନ୍ତ ସ୍ୱାଗତ କରିବା ସହ ମୟୂରଭଞ୍ଜ ଜିଲ୍ଲାର ବାରିପଦା, ବେତନଟୀ, ବିଶୋଇ, ଉଦଳା ଓ କରଞ୍ଜିଆ ପ୍ରଭୃତି ସ୍ଥାନରେ ମଡେଲ ମଣ୍ଡି ସ୍ଥାପନ ସହ ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଛନ୍ତି। ଶୀତଳ ଭଣ୍ଡାରର ସୁବିଧା ନ ଥିବ ହେତୁ ଚାଷୀମାନେ ତାଙ୍କର ବଳକା ଉତ୍ପାଦିତ ପନିପରିବାକୁ ଅତି କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ପରବର୍ତ୍ତୀ ସମୟରେ ସେମାନେ ଚାଷ କାର୍ଯ୍ୟ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ପରିଲକ୍ଷିତ ହେଉଛି ବୋଲି ସାଂସଦ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି।

**● ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍**

# ୫ ବର୍ଷର ବାଳକ ସାଇଅନୁସଙ୍କୁ ସ୍ୱର୍ଣ୍ଣପଦକ




ବାରିପଦା,୧।୧(ସମିସ): ଭଦ୍ରକରେ ଅନୁଷ୍ଠିତ ୨୨ତମ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ -୨୦୨୫ରେ ମୟୂରଭଞ୍ଜର ୬ ବର୍ଷର ବାଳକ ସାଇଅନୁସ ପାତ୍ର ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ୫ରୁ ୭ ବର୍ଷ ବର୍ଗର କ୍ୟାଡେଟ୍ ବାଳକ ବିଭାଗରେ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଏହି ପଦକ ହାସଲ କରି ନିଜ ବିଦ୍ୟାଳୟ ତଥା ବାରିପଦାରେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ବାସିନ୍ଦା ମନୋରଞ୍ଜନ ପାତ୍ର ଓ ବବିତା ସାହା ପାତ୍ରଙ୍କ ପୁତ୍ର ସାଇଅନୁସ ଗୁରୁ ଯୋଗେଶ କୁମାର ମହାନ୍ତଙ୍କଠାରୁ ପ୍ରଶିକ୍ଷଣ ପାଇ ଏହି ପଦକ ହାସଲ କରିବା ସହ ଭବିଷ୍ୟତରେ ଜଣେ ଦକ୍ଷ ଖେଳାଳି ହୋଇ ଦେଶ ପାଇଁ ସୁନାମ ଆଣିପାରିବେ ବୋଲି ପିତାମାତା ଆଶାପୋଷଣ କରିଛନ୍ତି। ବର୍ତ୍ତମାନ ସେ ସେଣ୍ଟ ଇନ୍ନିସ୍ କନ୍‌ଭେଣ୍ଟ ସ୍କୁଲରେ ଏଲ୍‌କେଜିର ଛାତ୍ର। ଖବର ପାଇ ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ହଳଦିଆ ବନ୍ଧ ପାର୍କ ପ୍ରବେଶ ଶୁଳ୍କ ଆଦାୟକୁ ନେଇ ଉତ୍ତେଜନା

## ପର୍ଯ୍ୟଟକ ଅସନ୍ତୁଷ୍ଟ; ମୁହଁ ଖୋଲୁନାହାନ୍ତି ଅଧିକାରୀ





ବାରିପଦା,୧।୧(ସମିସ): କୁଳିଅଣା ବ୍ଲକ୍ ଅଧୀନ ହଳଦିଆ ବନ୍ଧରେ ନବନିର୍ମିତ ପାର୍କ ଭ୍ରମଣ ଓ ବନ୍ଧର ସୌନ୍ଦର୍ଯ୍ୟ ଦର୍ଶନ ପାଇଁ ନବବର୍ଷରେ ପହଞ୍ଚିଥିବା ପର୍ଯ୍ୟଟକଙ୍କ ପାଖରୁ ପ୍ରବେଶ ଶୁଳ୍କ ନାମରେ ଟଙ୍କା ଆଦାୟକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପରିସ୍ଥିତି ଅଣାୟତ ହେବା ପୂର୍ବରୁ ଶୁଳ୍କ ଆଦାୟ କରୁଥିବା ସ୍ଥାନୀୟ ଏସ୍‌ଏଚ୍‌ଜି ଗୋଷ୍ଠୀର ସଦସ୍ୟାମାନେ ଶେଷରେ ସ୍ଥାନ ଛାଡ଼ି ପଳାଇ ଯିବାକୁ ବାଧ୍ୟ ହୋଇଥିଲେ। ଏହି ଘଟଣାର ଉପଯୁକ୍ତ ତଦନ୍ତ ସହିତ ପରବର୍ତ୍ତୀ ସମୟରେ ଘଟଣାର ପୁନରାବୃତ୍ତି ନ ହେବା ପାଇଁ ମୟୂରଭଞ୍ଜ ଦିବ୍ୟାଙ୍ଗ ମହାସଂଘର ଅଧ୍ୟକ୍ଷ ଅରୁଣ ବେହେରା ପ୍ରଶାସନକୁ ଅନୁରୋଧ କରିଛନ୍ତି ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି। ମାନସିକ ଅବସାଦରୁ ମୁକ୍ତି ସହିତ ପର୍ଯ୍ୟଟନର ବିକାଶ ପାଇଁ ସରକାର ବିଭିନ୍ନ ପର୍ଯ୍ୟଟନ ସ୍ଥଳ, ପିକ୍‌ନିକ୍ ସ୍ପଟ୍ ଆଦିର ବିକାଶ କରୁଛନ୍ତି। ଏହି କ୍ରମରେ ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀ ତଥା କୁଳିଅଣା ବ୍ଲକ୍ ଅଧୀନ ହଳଦିଆ ଡ୍ୟାମ୍ ବା ବନ୍ଧରେ ବିଧାୟିକା ସଞ୍ଜଲୀ ମୁର୍ମୁଙ୍କ ଉଦ୍ୟମରେ ବାରିପଦା ଆଇଟିଡିଏର ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରୁ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ମିନି ପାର୍କ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଓ ବନ୍ଧରେ ବୋଟିଂ ବ୍ୟବସ୍ଥା କରାଯାଇଛି। ଯାହାର ଉଦ୍‌ଘାଟନ ୨ଦିନ ପୂର୍ବେ ଗତ ୩୦ ତାରିଖରେ ସମ୍ପନ୍ନ ହୋଇଥିଲା। ସୁନ୍ଦର ପ୍ରକଳ୍ପ ପାଇଁ ଉଦ୍‌ଘାଟନ ଦିନଠାରୁ ଲୋକଙ୍କ ସମାଗମ ବୃଦ୍ଧି ପାଇଛି। ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ୩୧ ତାରିଖରେ ପର୍ଯ୍ୟଟକଙ୍କ ପ୍ରବେଶ ବନ୍ଦ ରଖାଯାଇଥିଲା। କିନ୍ତୁ ଅପରାହ୍ଣ ୩ଟା ବେଳକୁ ଲୋକମାନେ ପ୍ରବେଶ ବନ୍ଦ ପାଇଁ ହୋଇଥିବା ବାଉଁଶ ବାଡ଼ ଭାଙ୍ଗି ବଳପୂର୍ବକ ଭିତରକୁ ପ୍ରବେଶ କରିଥିଲେ। ଅପରପକ୍ଷରେ ନବବର୍ଷ ଗୁରୁବାର ସକାଳୁ ସ୍ଥାନୀୟ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ପର୍ଯ୍ୟଟକଙ୍କ ପ୍ରବେଶ ବାବଦକୁ ଶୁଳ୍କ ଆଦାୟ ଆରମ୍ଭ ହୋଇଥିଲା। କୌଣସି ପ୍ରାକ୍ ସୂଚନା ବା ସରକାରୀ ନିର୍ଦ୍ଦେଶନାମା ନ ଥାଇ ମହିଳା ସଦସ୍ୟାମାନେ ସାଦା କାଗଜ ଟୁକୁଡ଼ାରେ ହାତଲେଖା ମୂଲ୍ୟର ଟିକଟ ପ୍ରତିବଦଳରେ ପ୍ରବେଶ ଅନୁମତି ଦେଉଥିଲେ। ୫ବର୍ଷ ପର୍ଯ୍ୟନ୍ତ ପ୍ରତି ପିଲାଙ୍କ ପାଇଁ ୨୦ଟଙ୍କା ଓ ତଦୁର୍ଦ୍ଧ୍ୱ ବୟସର ପ୍ରତି ଲୋକଙ୍କ ପାଇଁ ୫୦ଟଙ୍କା ଲେଖାଏଁ ଆଦାୟ କରୁଥିଲେ। ତେବେ ଜନସମାଗମ ବୃଦ୍ଧି ପରେ ପରେ ଶୁଳ୍କ ଆଦାୟକୁ ନେଇ ଅସନ୍ତୋଷ ଉତ୍ତେଜନା ରୂପ ଧାରଣ କରିଥିଲା। ଶେଷରେ ଲୋକଙ୍କ ଆକ୍ରୋଶ ଭୟରେ ମହିଳା ସଦସ୍ୟାଗଣ ସ୍ଥାନ ଛାଡ଼ି ପଳାଇଥିଲେ। ଏପରି ଘଟଣାର କାରଣ ପଚାରିବା ପାଇଁ ବାରିପଦା ଆଇଟିଡିଏ ପିଏ ପ୍ରଣୟ ରଞ୍ଜନ ବେହେରା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଗୁରୁଚରଣ ସିଂଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ଅପରପକ୍ଷରେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ ଫୋନ୍‌ରେ କୌଣସି ମତାମତ ଦେବେ ନାହିଁ। ମତାମତ ପାଇଁ ଭେଟିବାକୁ ଆମ ପ୍ରତିନିଧିକୁ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ଯେ, ଏସ୍‌ଏଚ୍‌ଜି ମହିଳାଙ୍କୁ ଶୁଳ୍କ ଆଦାୟ ଅନୁମତି କିଏ ଦେଇଥିଲେ। ଯଦି କେହି ଦେଇନାହାନ୍ତି, ତେବେ ତାଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ ଦେଖିବାକୁ ବାକି ରହିଲା।

# ହାଟରୁ ବାଇକ୍ ଚୋରି

ରାଇରଙ୍ଗପୁର,୧।୧(ସମିସ): ବିଜାତଳା ହାଟରୁ ଏକ ବାଇକ୍ ଚୋରି ହୋଇଛି। ଏନେଇ ରାଇରଙ୍ଗପୁର ଅଞ୍ଚଳର ଚାମରୁ ହେମ୍ବ୍ରମ ଥାନାରେ ଅଭିଯୋଗ କରିଛନ୍ତି। ସେ ହାଟକୁ ସଉଦା ଆଣିବାକୁ ଯାଇଥିବାବେଳେ ହାଟ ସମ୍ମୁଖ ରାସ୍ତାକଡ଼ରେ ବାଇକ୍ ପାର୍କ କରିଥିଲେ। ଫେରିକି ଆସିଲା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ବାଇକ୍ ପାଇ ନ ଥିଲେ। ଦୁର୍ବୃତ୍ତମାନେ ବାଇକ୍ ଚୋରି କରିଥିବାର ଜାଣି ଥାନାରେ ଅଭିଯୋଗ କରିଛନ୍ତି।

# 'ମକର ମଣ୍ଡା' ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

ସାରସକଣା,୧।୧(ସମିସ): ନନ୍ଦିଘୋଷ ସାହିତ୍ୟ ସମାଜ ସାରସକଣା ଆନୁକୂଲ୍ୟରେ ସ୍ଥାନୀୟ ଈଶ୍ୱର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖେଳ୍ପଡ଼ିଆ ପରିସରରେ ଆଗାମୀ ମକର ସଂକ୍ରାନ୍ତି ଅବସରରେ ପ୍ରକାଶ ପାଇବାକୁ ଥିବା ସାହିତ୍ୟ ସମାଜର ବାର୍ଷିକ ସାହିତ୍ୟ ପତ୍ରିକା "ମକର ମଣ୍ଡା'ର ୩୨ତମ ସଂଖ୍ୟାର ପ୍ରସ୍ତୁତି ପାଇଁ ମକର ମଣ୍ଡା ପରିବାରର ଏକ ବୈଠକ ଏବଂ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ପଦ୍ମନାଭ ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମିଳନ ପ୍ରାରମ୍ଭରେ ପରିବାରର ଦିବଂଗତ ସଦସ୍ୟ ନିରଞ୍ଜନ ମହାକୁଡ଼, ପରମେଶ୍ୱର ବେହେରା ଓ ସନ୍ତୋଷ ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାହିତ୍ୟ ସମାଜର ସମ୍ପାଦକ ଜଗନ୍ନାଥ ସାହୁ ଆଗାମୀ ବର୍ଷର ସାରସ୍ୱତ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ସୁଧାଂଶୁ ଶେଖର ସେଠୀ, ହିମାଂଶୁ ଶେଖର ସାହୁ, ପ୍ରଦୀପ ପାଲିତ, ସୁନୀଲ କୁମାର ସାହୁ, ରବୀନ୍ଦ୍ର ନାଥ ଭୋଳ, ଅନ୍ତର୍ଯ୍ୟାମୀ ସାହୁ, ସୁଧାଂଶୁ କର, ଦୟାନିଧି ସାହୁ, ଅତୁଲ ଦାସ, ସୁକାନ୍ତ ସାହୁ, ତପନ କୁମାର ଦଣ୍ଡପାଟ, ସତ୍ୟନାରାୟଣ ସାହୁ, ନବକିଶୋର ସେଠୀ, ଅସିତ୍ ସାହୁ, ଭକଶଙ୍କର ହାଁସଦା, ସୌରଭ ଭୋଳ, କାମେଶ୍ୱର ସାହୁ, ତପନ ସାହୁ, ଅଜିତ୍ ପ୍ରତିହାରୀ, ଦୁର୍ଗା ପ୍ରସାଦ ନନ୍ଦୀ, ସୁଶାନ୍ତ ପ୍ରତିହାରୀ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରଙ୍ଗବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ରାଇରଙ୍ଗପୁର,୧।୧(ସମିସ): ଦାଣ୍ଡବୋଷ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ତିରିଂ ଥାନା ଅନ୍ତର୍ଗତ ଗିଧିଘାଟି ଗ୍ରାମର ରାସବିହାରୀ ପାତ୍ର। ସେ ଘରକୁ ଫେରୁଥିବା ସମୟରେ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ପ୍ରଚୁର ରକ୍ତସ୍ରାବ ଯୋଗୁଁ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରୁ ବାରିପଦା ପିଆର୍‌ଏମ୍ ହସ୍ପିଟାଲକୁ ସ୍ଥାନାନ୍ତରିତ ହୋଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ରାଇରଙ୍ଗପୁର ଟାଉନ୍ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ବାଲିବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର,୧।୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବହଳଦା ତହସିଲ୍‌ଦାର ଓ ଥାନା ଦ୍ୱାରା ବାଲିବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ତହସିଲ୍ ଓ ପୁଲିସ ମିଳିତ ପାଟ୍ରୋଲିଂ କରି ଖଡ଼ଖାଇ ନଦୀଘାଟରେ ଚଢ଼ଉ କରି ଟ୍ରାକ୍ଟର ଜବତ କରିଛନ୍ତି। ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଟ୍ରାକ୍ଟର ଅଟକାଇ ପଚରାଉଚରା କରିଥିଲା। କୌଣସି କାଗଜପତ୍ର ନ ଥିବାବେଳେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡ଼ିକୁ ଜବତ କରାଯାଇଛି। ଏନେଇ ତହସିଲ୍‌ଦାରଙ୍କ ଅଭିଯୋଗକ୍ରମେ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

# ମେଗା କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ବାରିପଦା,୧।୧(ସମିସ): ମୟୂରଭଞ୍ଜରେ ପ୍ରଥମ ଥର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଅଞ୍ଚଳ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ମିଳିତ ପ୍ରୟାସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମେଗା କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିବା ବେଳେ




**୨୦୧ କୋଟିର ଋଣ ପ୍ରଦାନ**

ସମ୍ମାନିତ ଅତିଥି ଭାବେ ସତ୍ୟବତୀ ସାହୁ (ମହା ପ୍ରବନ୍ଧକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ), ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ନାବାର୍ଡର ଉନ୍ନୟନ ପରିଚାଳକ ସ୍ମାରକ କୁମାର ମହାନ୍ତି ଓ ଏଲ୍‌ଡିଏମ୍ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ କବିତା ଜ୍ୟୋତିଷୀ ଏବଂ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିରଜା ପ୍ରସାଦ କର ନିମନ୍ତ୍ରିତ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏହି କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମର ଆଭିମୁଖ୍ୟ ହେଉଛି ସମାବେଶୀ ଉନ୍ନତି, ଆର୍ଥିକ ସଶକ୍ତୀକରଣ ଓ ସାମାଜିକ-ଆର୍ଥିକ ବିକାଶ ପ୍ରତି ତାହାର ଦୃଢ଼ ସଂକଳ୍ପକୁ ସୁନିଶ୍ଚିତ କରିବା। ଏହି ପ୍ରୋଗ୍ରାମ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ କୃଷି ବିଭାଗର କିଷାନ କ୍ରେଡିଟ୍ କାର୍ଡ ହିତାଧିକାରୀମାନଙ୍କୁ ୨୦୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ସ୍ୱରୂପ ଚେକ୍ ପ୍ରଦାନ କରିଥିଲେ ଏବଂ ଶ୍ରେଷ୍ଠ ବ୍ୟାଙ୍କ ମିତ୍ରମାନଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ସମାବେଶ ଚାଟଶାଳୀ ପକ୍ଷରୁ ଲାଇଭ୍ ପେଣ୍ଟିଂ ପ୍ରତିଯୋଗିତା




ବାରିପଦା,୧।୧(ସମିସ): ମୟୂରଭଞ୍ଜର ଐତିହ୍ୟସ୍ଥଳୀ ହରିପୁରଗଡ଼ରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୌନଧ୍ୱନି ଫାଉଣ୍ଡେସନର ଶିକ୍ଷା କାର୍ଯ୍ୟକ୍ରମ ସମାବେଶ ଚାଟଶାଳୀ ପକ୍ଷରୁ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ମୟୂରଭଞ୍ଜର ବିଭିନ୍ନ ସ୍ଥାନରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ହରିପୁରଗଡ଼ ସ୍ଥାପତ୍ୟକୁ ଦେଖି ଛାତ୍ରଛାତ୍ରୀମାନେ ଲାଇଭ୍ ପେଣ୍ଟିଂ କରିଥିଲେ। ଏହାକୁ ରଙ୍ଗତୂଳୀରେ ଜୀବନ୍ତ କରି ପ୍ରତାପପୁରର ପ୍ରତ୍ୟୁଷ କୁମାର ନାଏକ, ବିରେନ୍ଦ୍ର ବାହାଦୁର, ଆୟୁଷ ସିଂ କୃତିତ୍ୱ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆକାଶ ମହାନ୍ତ, ନାନୁ ରାଜଦୀପ୍, ଚମ୍ପାବତୀ ହାଁସଦା, ଦେବେନ୍ଦ୍ର ରାଉଳ ପ୍ରମୁଖ ପରିଚାଳନା କରିଥିଲେ।

**ନବବର୍ଷରେ ଭୋଜିଭାତ ଆସର**

# ପର୍ଯ୍ୟଟସ୍ଥଳୀ ଭୀମକୁଣ୍ଡରେ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼





ତୁରୁମୁଙ୍ଗା, ୧।୧(ସମିସ): ପର୍ଯ୍ୟଟନ ଋତୁରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁମୁରିଆ ପଞ୍ଚାୟତ ଘାଟବାଲିଯୋଡ଼ିସ୍ଥିତ ଭିମକୁଣ୍ଡ ପର୍ଯ୍ୟଟନସ୍ଥଳୀରେ ଏବେ ପର୍ଯ୍ୟଟକଙ୍କ ଭିଡ଼ ବେଶ୍ ଜମିବାରୋ ଲାଗିଛି। ଗୁରୁବାର ନୂଆବର୍ଷ ଉପଲକ୍ଷେ ଏହି ପର୍ଯ୍ୟଟନସ୍ଥଳୀ ବୁଲିବା ସହ ବଣଭୋଜି କରିବା ପାଇଁ ୧୦ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ହୋଇଥିବା ଅନୁମାନ କରାଯାଉଛି। ଲୋକେ ଭୋଜିଭାତ ସହ ନାଚଗୀତରେ ନୂଆବର୍ଷକୁ ସ୍ୱାଗତ କରିଥିଲେ।

ପର୍ଯ୍ୟଟନ ଋତୁ ଆସିଲେ ଭୀମକୁଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଭୀମକୁଣ୍ଡରେ ଅବ୍ୟବସ୍ଥା ଯୋଗୁଁ ଏବେ ଧୀରେ ଧୀରେ ପର୍ଯ୍ୟଟକ ମୁହଁ ଫେରାଉ ଥିବା ଦେଖିବାକୁ ମିଳିଛି। ଶୌଚାଳୟ ସାଙ୍ଗକୁ ସୁରକ୍ଷା ପାଇଁ ପୁଲିସ କର୍ମଚାରୀ ନଥିବାରୁ ପର୍ଯ୍ୟଟକ ମନରେ ଅସନ୍ତୋଷ ଦେଖାଦେଇଛି। ଭୀମକୁଣ୍ଡ ଭଳି ଜନଗହଳିପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀରେ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ପୁଲିସ କର୍ମଚାରୀ ମୁତୟନ ହେବା ସହ ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ପର୍ଯ୍ୟଟକଙ୍କ ଦାବି ହୋଇଛି। ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ ବୈତରଣୀ ନଦୀଶଯ୍ୟାରେ ଭୀମକୁଣ୍ଡ ଜଳପ୍ରପାତର ମନୋହର ଦୃଶ୍ୟରେ ପର୍ଯ୍ୟଟକମାନେ ଆତ୍ମବିଭୋର ହୋଇ ପ୍ରକୃତିର ବିଭିଧତାକୁ ମନ ଭରି ଉପଭୋଗ କରୁଛନ୍ତି। ଭୀମକୁଣ୍ଡର ପ୍ରସ୍ତର ଶଯ୍ୟାରେ ଶୁଭ୍ର ରଙ୍ଗର ବିସ୍ତୀର୍ଣ୍ଣ ଜଳରାଶି ଓ ବିଶାଳ ଜଳକୁଣ୍ଡ ସର୍ବଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କେନ୍ଦୁଝର ତଥା ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ ପ୍ରକୃତିପ୍ରେମୀଙ୍କ ମନ ସବୁ ସମୟରେ ଜିଣି ଆସିଥାଏ। ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ସୀମାରେ ସବୁଜବନାନୀ ଘେରା ପୁଣ୍ୟତୋୟା ବୈତରଣୀ ଶଯ୍ୟାରେ ଏହି ମନୋରମ ସ୍ଥାନ ଅବସ୍ଥିତ। ପର୍ଯ୍ୟଟନ ଋତୁରେ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ଅନ୍ୟ ରାଜ୍ୟରୁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବେଶ୍ ମନ ଭରି ଉପଭୋଗ କରିଥାନ୍ତି। ନଦୀ ଶଯ୍ୟାରେ ଜଳପ୍ରପାତ ଓ ତାହାର ଘୁ ଘୁ ନାଦ ବିଶାଳ କୁଣ୍ଡ ସବୁଜବନାନି ବନଫୁଲର ଶୋଭା ଦର୍ଶକଙ୍କ ମନରେ ରୋମାଞ୍ଚ ଭରିଦିଏ। କୁଣ୍ଡେଶ୍ୱର ଶିବ ମନ୍ଦିର ସୁନ୍ଦର ପାହାଚ ବିଶ୍ରାମସ୍ଥଳୀ ୱାଚଟାୱାର ଏହାର ଆକର୍ଷଣକୁ ଦ୍ୱିଗୁଣିତ କରୁଛି।

ମହାଭାରତ ଯୁଗର ଘଟଣା ବହୁଳ କିମ୍ବଦନ୍ତୀ ସହ ଏହି ସ୍ଥାନରେ ସମ୍ପର୍କ ଅଛି ବୋଲି ଭୀମକୁଣ୍ଡ ନାମରୁ ଅନୁମାନ କରାଯାଏ। ପୌରାଣିକ କଥା ଅନୁସାରେ, ମହାଭାରତ ସମୟରେ ପଞ୍ଚୁ ପାଣ୍ଡବମାନେ ଏଠାରେ ଅଜ୍ଞାତବାସ କରିଥିଲେ। ବୈତରଣୀର ଜଳରାଶିରେ ଭୀମ ଗାଧୋଉଥିବା ସମୟରେ ଭୀମଙ୍କ ବିଶାଳ ଦେହରେ ଜଳଧାରା ବାଡେଇ ହୋଇ ସେଠାରେ ନିମ୍ନଗାମୀ ହୋଇ ବିଶାଳ ଗଣ୍ଡ ସୃଷ୍ଟି ହୋଇଥିଲା। ସେବେଠାରୁ ସେଇ ଗଣ୍ଡର ନାମ ଭୀମଙ୍କ ନାମରେ ନାମିତ ହୋଇ ଭୀମକୁଣ୍ଡ ହୋଇଛି। ବଡ଼ଦିନ ନୂଆବର୍ଷରେ ଏଠାରେ ପର୍ଯ୍ୟଟକ ଭିଡ଼ ଜମିବା ସହ ହଜାର ହଜାର ପର୍ଯ୍ୟଟକ ପ୍ରତ୍ୟେକ ଦିନ ବଣଭୋଜି ଓ ବୁଲାବୁଲି କରି ଯାଇଥାନ୍ତି। ମକର ସମୟରେ ଏଠାରେ ବୁଡ଼ ପକାଇବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଆସିଥିବା ବେଳେ ପର୍ଯ୍ୟଟନ ଋତୁରେ ବର୍ଷର ଅକ୍ଟୋବର ମାସରୁ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଏଠାକୁ ପର୍ଯ୍ୟଟକଙ୍କ ସୁଅ ସୁଅ ଛୁଟିବା ସହ ବେଶ ଚଳଚଞ୍ଚଳ ହୋଇ ପଡ଼େ ଏହି ଭୀମକୁଣ୍ଡ। ଭୀମକୁଣ୍ଡର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ତରଫରୁ ନିଆଯାଇଛି ଅନେକ ପଦକ୍ଷେପ। ପିଣ୍ଡି ୱାଚ ଟାୱାର ଓ ପାନୀୟଜଳ ବ୍ୟବସ୍ଥା କରାଯାଇଛି। ପ୍ରକୃତିର ବିଭିଧତା ଓ ଭୀମକାନ୍ତ ଦୃଶ୍ୟ ଥରେ ନୟନରେ ଦେଖିବା ଉଚିତ ପରିବେଶବିତ ମତ ଦିଅନ୍ତି।

# ବାଣୀପୀଠ ପକ୍ଷରୁ ମଧ୍ୟରାତ୍ର ବହୁଭାଷୀ ଉଷ୍ମମ କବିତା ଆସର



ବଡ଼ସାହି,୧।୧(ସମିସ): ଉତ୍ତର ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ବାଣୀପୀଠ' ବଡ଼ସାହି ପକ୍ଷରୁ ଆମ ସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଓ ଓଡ଼ିଆ ଲେଖକ ପରିଷଦ ଅନୁକୂଲ୍ୟରେ ଡିସେମ୍ବର ୩୧ ତାରିଖରେ 'ମଧ୍ୟରାତ୍ର ବହୁଭାଷୀ ଉଷ୍ମମ କବିତା ଆସର' ଅନୁଷ୍ଠିତ ହୋଇଯାଇଛି। ବାଣୀପୀଠର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ତତ୍ତ୍ୱାବଧାନ ଓ ପୁହାଣ ସୂର୍ଯ୍ୟକାନ୍ତି ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କବି ସୌମ୍ୟରଞ୍ଜନ ନାୟକ ଯୋଗଦେଇ କବିତା ଜୀବନକୁ ଜଗ୍ରତ କରିବା ସହିତ ଶୀତକୁ ଦୂରେଇ ଦେଇ ଆତ୍ମିୟତାର ଉଷ୍ମତାକୁ ବୃଦ୍ଧି କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଶବ୍ଦକୁଞ୍ଜର ପ୍ରତିଷ୍ଠାତା କବି କାର୍ତ୍ତିକ ସେଠୀ, ସ୍ୱତନ୍ତ୍ର ଅତିଥି ଭାବେ କବି ମଳୟ ମଞ୍ଜରୀ ରଥ ଓ ସମ୍ମାନିତ ଅତିଥି ଭାବେ ହିନ୍ଦୀ କବି ଗୋବିନ୍ଦ ହେମ୍ବ୍ରମ, ବର୍ଷାରାଣୀ ମହାନ୍ତ, ଶୁଭଜିତ୍ ଶୁଭଙ୍କର ରାଉତ, ପିଓ ମାଣ୍ଡି ଏବଂ ସୁମନ କୁମାର ବେହେରା ଯୋଗଦେଇ ସମାଜକୁ ସୁଧାରିବା ପାଇଁ କବିତା ପଠନ ଓ ଶ୍ରବଣର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିବାନୀ ସିଂ, ଜ୍ୟୋତି ପ୍ରକାଶ ମହାନ୍ତ, ସୂର୍ଯ୍ୟ ପ୍ରତାପ ସ୍ୱାଇଁ, ହିତୈଶ୍ରୀ ମହାର୍ଣ୍ଣା, ଶୁଭଦ୍ରା ବିନ୍ଧାଣୀ, ନନ୍ଦିତା ମହାନ୍ତ, ପପୁ ହେମ୍ବ୍ରମ, ଲକ୍ଷ୍ମୀପ୍ରିୟା ବଗାଳ, ସୌମ୍ୟରଞ୍ଜନ ସିଂ, ଦେବୀ ବଡ଼ମାଝୀ, ଶେଖର ନାୟକ, ଅଲିସା ବେହେରେଣିଆ ଆଦି ୨୬ଜଣ ନୂଆବର୍ଷ କବିତା ପାଠ କରିଥିଲେ। ସଧାରାଣୀ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସାମୂହିକ ଭାବେ ସମସ୍ତେ ପୋଡ଼ପିଠା ଖାଇବାର ମଜା ନେଇଥିଲେ।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ନିଜ ଲୋକ ଶତ୍ରୁ ସାଜିବେ। ମାପିଚୁପି କଥା କୁହନ୍ତୁ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୭୫୭- ବ୍ରିଟିଶ୍ ସେନା କଲିକତା ସହର ଉପରେ କବ୍‌ଜା କଲା।
- ୧୯୪୨- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପାଇନ୍ସର ରାଜଧାନୀ ମାନିଲା ଉପରେ କବ୍‌ଜା କଲେ।
- ୧୯୫୪- ଭାରତ ରତ୍ନ ପୁରସ୍କାରର ଆରମ୍ଭ ହେଲା।
- ୧୯୭୧-ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋରେ ଏକ ଫୁଟବଲ ମ୍ୟାଚ୍‌ରେ ଦଳାଚକଟା ଯୋଗୁ ୬୬ ଜଣ ଫୁଟବଲ ପ୍ରେମୀଙ୍କ ମୃତ୍ୟୁ।
- ୧୯୯୧- ଥିରୁବନନ୍ତପୁରମ୍ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଲା।

## ଟୁଥ୍‌ପିକ୍‌ରେ ଏଫିଲ୍ ଟାୱାର

ଆମେରିକାର ଜଣେ ବାଳକ ନିଜର ନିଆରା ପ୍ରତିଭା ଯୋଗୁଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏରିକ୍ କ୍ଲେବଲ ନାମକ ଏହି ବାଳକ ଜଣକ ଏଫିଲ ଟାୱାରର ଏକ ମଡେଲ ତିଆରି କରିଛନ୍ତି। ଏହାର ପୂରା ସଂରଚନାକୁ ସେ ଟୁଥ୍‌ପିକ୍‌ରେ କରିଛନ୍ତି। ଏଥିପାଇଁ ସେ ଗିନିଜ୍ ବିଶ୍ୱ ରେକର୍ଡ ମଧ୍ୟ କରିଛନ୍ତି। ଏରିକ୍ ଟୁଥ୍‌ପିକ୍ ଏବଂ ଅଠାକୁ ବ୍ୟବହାର କରି ୧୭.୩୨ ଫୁଟ ଉଚ୍ଚ ଏଫିଲ ଟାୱାର୍ ତିଆରି କରିଛନ୍ତି। ଏହାକୁ ଏବେ ବିଶ୍ୱର ସବୁଠୁ ଉଚ୍ଚ ଟୁଥ୍‌ପିକ୍ ସଂରଚନା ବୋଲି କୁହାଯାଉଛି। ପିଲାବେଳୁ ଏରିକ୍‌ଙ୍କର ବିଭିନ୍ନ ଜିନିଷ ତିଆରି କରିବାରେ ସଉକ ରହିଛି। ଏଦିଗରେ ଏରିକ୍‌ଙ୍କୁ ତାଙ୍କ ବାପାଙ୍କଠାରୁ ପ୍ରେରଣା ମିଳିଛି। ତାଙ୍କ ବାପା ଜଣେ ସିଭିଲ ଇଞ୍ଜିନିୟର। ଏରିକ୍ ପିଲାବେଳେ ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ଜିନିଷ ତିଆରି କରିବାକୁ ପସନ୍ଦ କରୁଥିଲେ। ସେହିପରି ଏହା ତାଙ୍କର ପ୍ରଥମ ଉପଲବ୍ଧି ନୁହେଁ। ୨୦୨୧ ମସିହାରେ ତାଙ୍କୁ ୧୨ ବର୍ଷ ବୟସ ହୋଇଥିବାବେଳେ ସେ ଆଇସକ୍ରିମ୍ ଷ୍ଟିକ୍‌ରେ ୨୦ ଫୁଟ୍ ଉଚ୍ଚ ଏକ ଟାୱାର ତିଆରି କରିଥିଲେ। ସେ ସମୟରେ ବି ଏରିକ୍ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ଆଇସ୍‌କ୍ରିମ୍ ଷ୍ଟିକ୍ ତୁଳନାରେ ଟୁଥ୍‌ପିକ୍‌ରେ କାମ କରିବା ଅଧିକ କଷ୍ଟକର ବୋଲି ଏରିକ୍ କହିଛନ୍ତି।



ଏରିକ୍ ଆହୁରି ମଧ୍ୟ କହିଛନ୍ତି, 'ଟୁଥପିକ୍ ଅତ୍ୟନ୍ତ ଛୋଟ। ଏହାକୁ ଯୋଡ଼ିବା, ସନ୍ତୁଳନ ରକ୍ଷା କରିବା ଏବଂ ଏଫିଲ ଟାୱାର ଭଳି ଏକ ସଂରଚନାକୁ ତିଆରି କରିବା ଆଦୌ ସହଜ କାମ ନୁହେଁ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ତାଙ୍କ ପରିଶ୍ରମ ଏବଂ ଧୈର୍ଯ୍ୟର ଖୁବ୍ ପ୍ରଶଂସା କରାଯାଉଛି।

### ଆଜି ବାହୁଡ଼ିଥିଲେ

## ଉତ୍କଳକେଶରୀ ହରେକୃଷ୍ଣ ମହତାବ



ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବ ଥିଲେ ଏକାଧାରରେ ଜଣେ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ସଂଗଠକ, ଐତିହାସିକ, ଗବେଷକ, ସାମ୍ବାଦିକ ଏବଂ ଲେଖକ। ଓଡ଼ିଶାରେ ଗଡ଼ଜାତର ମିଶ୍ରଣ, ଭୁବନେଶ୍ୱରରେ ରାଜଧାନୀର ନିର୍ମାଣ ସବୁକିଛି ତାଙ୍କ ଶାସନକାଳରେ ହୋଇଥିଲା। ସେ ଥିଲେ ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା। ୧୮୯୯ ନଭେମ୍ବର ୨୧ରେ ଭଦ୍ରକ ଅନ୍ତର୍ଗତ ଅଗରପଡ଼ା ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା। ବି.ଏ. ପଢ଼ିବା ସମୟରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାଇଥିଲେ। ଏହାପରେ ପୁନର୍ବାର ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇଥର କାରାବରଣ କରିଥିଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳରେ ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଲଳିତକଳା ଏକାଡେମୀ, ରବୀନ୍ଦ୍ର ମଣ୍ଡପ, ହୀରାକୁଦ ନଦୀବନ୍ଧ, ମାଛକୁଣ୍ଡ ଜଳଭଣ୍ଡାର ଓ ଜଳବିଦ୍ୟୁତ୍ ଯୋଜନା, କଟକର କେନ୍ଦ୍ରୀୟ ଧାନ ଗବେଷଣାଗାର ଇତ୍ୟାଦି ସ୍ଥାପନ ହୋଇଥିଲା। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୫୪ରେ ସେ ବମ୍ବେର ରାଜ୍ୟପାଳ ହୋଇଥିଲେ। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ସେ କାରାବରଣ କରିଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ପ୍ରତିଭା-୧୯୪୬', 'ଟାଉଟର', 'ଅବ୍ୟାପାର', 'ତୃତୀୟପର୍ବ', '୧୯୭୫' ଆଦି ଅନ୍ୟତମ। 'ଗାଁ ମଜଲିସ୍' ତାଙ୍କର ଏକ ଅତ୍ୟନ୍ତ ଲୋକପ୍ରିୟ ସ୍ତମ୍ଭ। ୧୯୮୭ ଜାନୁଆରୀ ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

## ସଞ୍ଜୟଙ୍କ ପାଇଁ ଅଡୁଆରେ ରଣବୀର




ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଲେଉଟାଣିକୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଚଳିତବର୍ଷ ତାଙ୍କର ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ ରିଲିଜ୍ ହେବାରେ ଅଛି। ରଣବୀରଙ୍କ ଅଭିନୀତ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ 'ଲଭ୍ ଆଣ୍ଡ ୱାର୍' ଆସନ୍ତା ମାର୍ଚ୍ଚ ୧୯ ରେ ରିଲିଜ୍ ହେବାର ଥିଲା। ହେଲେ ସୁଟିଂ ସରି ନ ଥିବାରୁ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ରଣବୀର କିନ୍ତୁ ଲଗାତାର ସଞ୍ଜୟଙ୍କୁ ଏହାକୁ ଜୁନ୍‌ରେ ରିଲିଜ୍ କରିବା ପାଇଁ ମନାଉଥିଲେ। କାରଣ ଦୀପାବଳିରେ ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ କୁହାଯାଉଥିବା 'ରାମାୟଣ' ଆସିବ। ଏହି ଫିଲ୍ମର ବଜେଟ୍ ରହିଛି ୪୦୦୦ କୋଟି। ଇତିମଧ୍ୟରେ 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯିବାରୁ ଏହାକୁ ନେଇ 'ରାମାୟଣ'ର ପ୍ରଯୋଜକ ଅସୁବିଧାରେ ପଡ଼ିଛନ୍ତି। 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆସନ୍ତା ମେ ପର୍ଯ୍ୟନ୍ତ ଚାଲିବ। ଏହାର ପୋଷ୍ଟ ପ୍ରଡକ୍ସନ କାମ କରିବା ସରିବା ପରେ ଏହାକୁ ଅଗଷ୍ଟ କିମ୍ବା ସେପ୍ଟେମ୍ବରରେ ରିଲିଜ୍ କରାଯାଇପାରିବ। ସଞ୍ଜୟ ଏହାକୁ ଅଗଷ୍ଟ ୧୪ରେ ରିଲିଜ୍ କରିବା ନେଇ ବିଧିବଦ୍ଧ ଭାବେ ଖୁବ୍‌ଶୀଘ୍ର ଘୋଷଣା କରିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ଏବେ ସଞ୍ଜୟଙ୍କର ଏହି ନିଷ୍ପତ୍ତି ଯୋଗୁଁ 'ରାମାୟଣ' ଟିମ୍ ଅଡୁଆରେ ପଡ଼ିଛି। କାରଣ 'ଲଭ୍ ଆଣ୍ଡ ୱାର୍' ଓ 'ରାମାୟଣ' ରିଲିଜ୍ ମଧ୍ୟରେ ଅନ୍ତତଃ ଛଅମାସର ଅବଧି ରହୁ ବୋଲି ଏହି ଟିମ୍ ଚାହୁଁଥିଲା। ରଣବୀର ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ରହିବା କାରଣରୁ 'ରାମାୟଣ'ର ସୁଟିଂ ଆହୁରି ବିଳମ୍ବ ହୋଇପାରେ। ଏଥିଯୋଗୁଁ ଫିଲ୍ମର ବଜେଟ୍ ମଧ୍ୟ ବଢ଼ିଯିବ। ନମିତ୍ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ'ର ବଜେଟ୍ ରହିଛି ୪୦୦୦ କୋଟି। ଏହା ୨୦୨୬ ଓ ୨୦୨୭ ଦୀପାବଳିରେ ଦୁଇଟି ପାର୍ଟରେ ଆସିବ ବୋଲି ଘୋଷଣା କରାଯାଇଛି।




## କୃତ୍ରିମ ନଖ ସ୍ୱାସ୍ଥ୍ୟ ପାଇଁ କେତେ ଭଲ

ଅଧୁନା ନେଲ୍ ଏକ୍ସଟେନ୍‌ସନର ଲୋକପ୍ରିୟତା ବୃଦ୍ଧି ପାଇଛି। ମହିଳାମାନେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୃତ୍ରିମ ନଖ ଲଗାଉଛନ୍ତି। ତେବେ ଏକ୍ରିଲିକ୍ କିମ୍ବା ଜେଲ୍ ଉପଯୋଗ କରାଯାଇ ନେଲ୍ ଏକ୍ସଟେନ୍‌ସନ୍ କରାଯାଉଥିବାରୁ ଚର୍ମ କର୍କଟ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏକ୍ରିଲିକ୍ ରଙ୍ଗଯୁକ୍ତ ନ କଲି ନଖକୁ ପ୍ରାକୃତିକ ନଖ ଉପରେ ଲଗାଯାଇଥାଏ। ଏହାକୁ ଶଠାଇବା ପାଇଁ ବ୍ୟବହୃତ ଅଠାରେ ଫର୍ମାଲଡିହାଇଡ, ଟୋଲୁ୍ୟଇନ୍ ପରି ରାସାୟନିକ ପଦାର୍ଥ ରହିଥାଏ। ଦୀର୍ଘ ସମୟ ଧରି ଏହି ରସାୟନ ବ୍ୟବହାର ଚର୍ମ କର୍କଟର ଆଶଙ୍କା ବଢ଼ାଏ। ତ୍ୱଚା ଜଳାପୋଡ଼ା, ଆଲର୍ଜି ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି ଏହି ଅଠାକୁ ଶୁଖାଇବା ପାଇଁ ଯେଉଁ ମେସିନ୍‌ରେ ହାତକୁ ରଖାଯାଏ, ସେଥିରୁ ବାହାରୁଥିବା ଅତି ବାଇଗଣୀ ରଶ୍ମି ଚର୍ମର ଗଭୀରକୁ ପ୍ରବେଶ କରି କୋଷଗୁଡିକୁ କ୍ଷତି ପହଞ୍ଚାଏ। କୋଷଗୁଡିକରେ ପରିବର୍ତ୍ତନ ହୋଇ କର୍କଟର କାରଣ ସାଜିପାରେ। ଏହା ଦ୍ୱାରା କର୍କଟ କୋଷ ବୃଦ୍ଧି ପାଇପାରେ। କିଛି ଅଧ୍ୟୟନରୁ ଜଣାପଡ଼ିଛି ଯେ, ବାରମ୍ବାର ଅତି ବାଇଗଣୀ ରଶ୍ମୀ ସଂସ୍ପର୍ଶରେ ଆସିବା ଦ୍ୱାରା ହାତ ଚର୍ମରେ ଚର୍ମ କର୍କଟ ଆଶଙ୍କା ବଢ଼ିଯାଏ। ସଂକ୍ରମଣ ବୃଦ୍ଧି ପାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ପ୍ରତିମାସ ତଥା ବାରମ୍ବାର ନେଲ୍‌ଏକ୍ସଟେନ୍‌ସନ୍ କରିବା ସ୍ୱାସ୍ଥ୍ୟପକ୍ଷେ ଗ୍ରହଣୀୟ ନୁହେଁ।




### 'ସକାଳ'ର ସ୍ୱାସ୍ଥ୍ୟ

## ଲକ୍ଷଣରୁ ଜାଣନ୍ତୁ ଫ୍ୟାଟି ଲିଭର

**ଯକୃତ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରେ। ହେଲେ ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ଏବେ ଅଧିକାଂଶ ଫ୍ୟାଟି ଲିଭରରେ ପୀଡ଼ିତ। ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼େ ନାହିଁ। ତେଣୁ ନିମ୍ନଲିଖିତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତରେ ଚର୍ବି ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପା, ମଦ୍ୟପାନ, ମଧୁମେହ ଆଦି କାରଣରୁ ଯକୃତରେ ଚର୍ବି ଜମା ହୁଏ। ଯକୃତ କାର୍ଯ୍ୟକ୍ଷମ ହରାଇ ବସେ। ଭୋକ ନ ଲାଗିବା, ଦୁର୍ବଳ, ତ୍ୱଚା ଏବଂ ଆଖି ହଳଦିଆ ଆଦି ଲକ୍ଷଣ ଯକୃତ ଅସୁସ୍ଥତାକୁ ସୂଚାଏ। ଚର୍ମଜନିତ ସମସ୍ୟା, ଥକ୍କାପଣ, ଆଦି ରୋଗର ଅନ୍ୟ ଏକ ଲକ୍ଷଣ। ପେଟ ଭାରି ଲାଗିବା, ଓଜନ ବୃଦ୍ଧି, ଭୋକ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଫ୍ୟାଟି ଲିଭର ରୋଗ ନିର୍ଣ୍ଣୟ ପାଇଁ ଅଲଟ୍ରାସାଉଣ୍ଡ ଏବଂ ଫାଇବ୍ରୋସ୍କାନ କରାଯାଇ ଚିକିତ୍ସା ଯୋଗାଯାଏ। ସେହିପରି ଚର୍ବିଜାତୀୟ ଓ ଶ୍ୱେତସାରଜାତୀୟ ଖାଦ୍ୟ କମ୍ କରି ତନ୍ତୁଜାତୀୟ ଖାଦ୍ୟ ଖାଇପାରିବେ। ଶାରୀରିକ ଶ୍ରମ ଶରୀରର ଚର୍ବି କମାଏ।



### ସୁସ୍ଥ ମନ ସୁସ୍ଥ ଶରୀର

## ଶୀତଦିନିଆ ଅବସାଦ

**ଋତୁ ଅନୁଯାୟୀ, ମନୁଷ୍ୟର ଶରୀର ଓ ମନ ପ୍ରଭାବିତ ହୁଏ। ଏହି କ୍ରମରେ ଶୀତଋତୁରେ କମ୍ ପାଣିପିଇବା, ଅତ୍ୟଧିକ ଥଣ୍ଡା ପବନ ଆଦି ଯୋଗୁ ହଜମଶକ୍ତି ପ୍ରଭାବିତ ହୁଏ। ବିନା କାରଣରେ ଉଦ୍‌ବେଗ, ଚିନ୍ତା, ଅବସାଦ, ଉଦାସ, ବ୍ୟବହାରରେ ପରିବର୍ତ୍ତନ ଆସିଥାଏ। ଚିକିତ୍ସା ଭାଷାରେ ଏହାକୁ 'ଋତୁ ଅନୁଯାୟୀ ଅବସାଦ' ବା SAD କୁହାଯାଏ। ଶୀତଋତୁରେ ଅବସାଦର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା ନିହାତି ଆବଶ୍ୟକ।**

ଶୀତଦିନେ ପରିବେଶ ଥଣ୍ଡା ରହିଥାଏ। ଶରୀରକୁ ସଠିକମାତ୍ରାର ସୂର୍ଯ୍ୟକିରଣ ମିଳିପାରେନି। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟାବସ୍ଥା ପ୍ରଭାବିତ ହୁଏ। ସେହିପରି ଅନ୍ତଃସ୍ରାବୀ ଗ୍ରନ୍ଥି ପ୍ରଭାବିତ ହୋଇ ଶରୀରରେ କ୍ଷରଣ ହେଉଥିବା କେତେକ ହରମୋନ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରି ନ ଥାନ୍ତି। ମେଟାବୋଲିଜିମ୍ ପ୍ରକ୍ରିୟା ଧିମା ଯୋଗୁଁ ହାପିନେସ୍ ହରମୋନ୍, ଏଣ୍ଡୋରଫିନ୍, ଡୋପାମାଇନ୍ ଏବଂ ମସ୍ତିଷ୍କରେ ସେରାଟୋନିନର କ୍ଷରଣ ଠିକ୍ ଭାବେ ହୋଇପାରେନି। ମନ ଉପରେ କୁ-ପ୍ରଭାବ ପଡ଼ି ଅବସାଦର ରୂପ ନିଏ। ମେଲାଟୋନିନ୍ ହରମୋନ୍ ପ୍ରଭାବିତ ହୋଇ, ଶୋଇବା ଚକ୍ରରେ ପରିବର୍ତ୍ତନ ଆସେ।

- ହାଲିଆ ଲାଗିବା, ଗୋଡ଼ହାତ ଥରିବା, ଓଜନ ବଢ଼ିବା, ଜଙ୍କଫୁଡ ଖାଇବାକୁ ମନ ହେବା, କାମରେ ମନ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏହି ସମସ୍ୟାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।
- ଶରୀରକୁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଦେବା, ଲାଇଟ୍ ଥେରାପି ନେବା, ଶୀତବସ୍ତ୍ର ପିନ୍ଧିବା ସହ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ ଓ ବ୍ୟାୟାମ କରିବା ସ୍ୱାସ୍ଥ୍ୟପକ୍ଷେ ଭଲ। ସାଙ୍ଗସାଥିଙ୍କ ସହ ସମୟ ଅତିବାହିତ କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ହିତକର।

## ନାକରୁ ରକ୍ତ ପଡୁଥିଲେ

**ଶୀତଋତୁ କିମ୍ବା ଅତି ଗରମରୁ ପିଲା ଓ ବୟସ୍କଙ୍କ ନାକରୁ ରକ୍ତ ପଡ଼ିଥାଏ। ନାକରୁ ରକ୍ତ ପଡ଼ିବାର ବହୁତ କାରଣ ରହିଛି। ଏହି ସମସ୍ୟାକୁ କମ୍ କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦ ଉପଚାର କରିପାରିବେ।**

- ନାକରୁ ରକ୍ତ ପଡୁଥିଲେ ସ୍ଥାନୀୟ ଉତ୍ତାପ ନିୟନ୍ତ୍ରଣ ପାଇଁ ବରଫର ଉପଯୋଗ କରାଯାଇପାରେ।
- ବୟସ୍କ ବ୍ୟକ୍ତି ନାକରେ ଦୁଇବୁନ୍ଦା ପିଆଜ ରସ ପକାଇ ପାରିବେ। ୧୨ ବର୍ଷରୁ କମ୍ ବୟସର ପିଲା ଏହାକୁ ବ୍ୟବହାର କରିବା ଅନୁଚିତ।
- ପ୍ରତ୍ୟେକ ନାକପୁଡ଼ାରେ ଦୁଇଟୋପା କରି ଦୂବରସ ଦିନକୁ ଦୁଇରୁ ତିନିଥର ଚିକିତ୍ସକଙ୍କ ପରାମର୍ଶରେ ପକାଇଲେ ନାକରୁ ରକ୍ତ ପଡୁଥିଲେ ଉପକାର ହୁଏ। ଏଥିପାଇଁ ଶୋଣିତଅର୍ଗଳ ରସ, ବୋଲବୁଧାରସ, ପଞ୍ଚତୃଣକଷାୟ, ଉସିରାସବ ଆଦି ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଇପାରେ।



## ଜିରା ଓ କଳାଜିରା ସେବନରେ ସତର୍କତା

**ଆୟୁର୍ବେଦରେ ବିଭିନ୍ନ ମଞ୍ଜିକୁ ଔଷଧ, ଖାଦ୍ୟପେୟ ଭାବେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି। ଏହି ମଞ୍ଜି ତୁଟୁକା ଚିକିତ୍ସାରେ, ପାନୀୟ ଭାବରେ, ଲେପ ବା ପ୍ରସାଧନ ସାମଗ୍ରୀରେ ବ୍ୟବହାର କରିଥାଉ। ସେମିତି ଏକ ଔଷଧୀୟ ମଞ୍ଜି ହେଉଛି ଜିରା ଓ କଳା ଜିରା। ତେବେ ଏହାର ମାତ୍ରାଧିକ ସେବନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।**

- ଜିରା ଖାଦ୍ୟ ହଜମ ଓ କଳାଜିରା ଓଜନ ନିୟନ୍ତ୍ରଣ ଆଦି ପାଇଁ ବ୍ୟବହାର କରାଯାଏ। ଏହାକୁ ନଖ ଉଷୁମ ପାଣି କିମ୍ବା ହାଲୁକା ଭାଜି ସେବନ କରାଯାଏ। ଆୟୁର୍ବେଦ ଚିକିତ୍ସକଙ୍କ ମତରେ ଦିନକୁ ତିନି ଗ୍ରାମ ମାତ୍ରାର ଦୁଇଥର ଜିରା ଚୂର୍ଣ୍ଣ ସେବନ କରାଯାଇପାରେ। ଏହାର କ୍ୱାଥ ୫୦ ମିଲି ଗ୍ରହଣୀୟ। ହେଲେ ଏହାଠାରୁ ଅଧିକ ମାତ୍ରାର ଜିରା ବ୍ୟବହାର ଦ୍ୱାରା ବାନ୍ତି, ଝାଡ଼ା, ପେଟ ଗ୍ୟାସ୍ ହୋଇପାରେ। ରକ୍ତ ଶର୍କରା କମ୍ କରେ, ଛାତି ଜଳା, ଦୁର୍ବଳ ଲାଗିପାରେ। ସେହିପରି କଳାଜିରା ଦିନକୁ ଏକଗ୍ରାମ କରି ଦୁଇ ଥର ଖିଆ ଯାଏ। ଏଥିରୁ ଅଧିକ ହେଲେ ବାନ୍ତି, ଗ୍ୟାସ୍ ହୁଏ। ଶର୍କରା କମ୍ କରେ। ତେଣୁ ରକ୍ତଚାପ, ମଧୁମେହ ପାଇଁ ଔଷଧ ଖାଉଥିଲେ ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।



### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ୧୧ରୁ

# ଭାରତୀୟ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱ

ମୁମ୍ବଇ,୧।୧(ଏଜେନ୍ସି):



ସାମିଙ୍କ ସମ୍ଭାବନା, ଆଶଙ୍କାରେ ପନ୍ତ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ କ୍ରିକେଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ସିରିଜ୍‌ରେ ଜାନୁଆରୀ ୧୧ରୁ ୧୮ ଯାଏ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ଜାନୁଆରୀ ୨୧ରୁ ୩୧ ଯାଏ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ଫେବୃଆରୀ-ମାର୍ଚ୍ଚରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ନ୍ୟୁଜିଲାଣ୍ଡ ସିରିଜ୍‌କୁ ମିଶାଇ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇସାରିଛି। କିନ୍ତୁ ଦିନିକିଆ ଦଳ ଜାନୁଆରୀ ୩ କିମ୍ବା ୪ରେ ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। କିନ୍ତୁ ଟି-୨୦ ସିରିଜ୍ ଓ ବିଶ୍ୱକପ୍‌କୁ ଗୁରୁତ୍ୱ ଦିଆଯାଇ କିଛି ଖେଳାଳିଙ୍କୁ ବିଶ୍ରାମ ଦେବା, ଆଉ କିଛି ଆହତ ହେବା ଘଟଣାକୁ ନେଇ ବିସିସିଆଇ ସିନିଅର ଚୟନ କମିଟି ଦ୍ୱନ୍ଦ୍ୱରେ ରହିଛି। ଏଣୁ ଖେଳାଳି ଚୟନବେଳେ କାହାରିକୁ ଯେପରି ଅଣଦେଖା କରା ନ ଯିବ, ତାହା ଉପରେ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ସିନିଅର ଚୟନ କମିଟି ଯଥେଷ୍ଟ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ମନୋନୀତ ଖେଳାଳିମାନେ ଜାନୁଆରୀ ୧୧ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ଭେନ୍ୟୁ ବରୋଦାରେ ୭ ତାରିଖରେ ଏକତ୍ର ହେବେ। ଏହା ପରେ ଦଳ ରଣନୀତି ପ୍ରସ୍ତୁତ କରିବ।

ଏହି ସିରିଜ୍‌ରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳକୁ ଫେରିବେ। ଏମାନଙ୍କ ଉପରେ ନଜର ରହିଛି। ଦଳରେ ସ୍ଥାନ ପାଇବାକୁ ଥିବା ୩ଜଣ ଖେଳାଳିଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯିବ ନାହିଁ। ସେମାନଙ୍କ ମଧ୍ୟରୁ ପୂରା ଫିଟ୍ ହୋଇ ନ ଥିବା ଉପଅଧିନାୟକ ଶ୍ରେୟସ ଆୟର, ଟି-୨୦ ସିରିଜ୍ ଲାଗି ବିଶ୍ରାମ ନେବାକୁ ଥିବା ଦୁଇ ବରିଷ୍ଠ ଖେଳାଳି ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ଏମାନଙ୍କ ସ୍ଥାନରେ ୩ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯିବ। ଆହତ ହେବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍ ଖେଳି ପାରି ନ ଥିବା ଶୁବମନ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯିବ। ଏସହିପରି ଆଉ ଜଣେ କିମ୍ବା ଦୁଇ ଜଣ ଖେଳାଳିଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବୁମ୍‌ରାଙ୍କ ସ୍ଥାନରେ ୩୫ ବର୍ଷୀୟ ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ଦଳରରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି। ସାମି ଘରୋଇ କ୍ରିକେଟର ସମସ୍ତ ଫର୍ମାଟରେ ଖେଳିସାରିଛନ୍ତି। ଏଣୁ ସେ ଏବେ ପର୍ଯ୍ୟାପ୍ତ କ୍ରିକେଟ ଖେଳିବା ସହ ୱିକେଟ ନେବାରେ ମଧ୍ୟ ସଫଳ ହୋଇଛନ୍ତି। ତାଙ୍କୁ ଏଥର ଅଣଦେଖା କରିବା ସହଜ ନୁହେଁ। ପାଣ୍ଡ୍ୟାଙ୍କ ସ୍ଥାନରେ କିଏ ଖେଳିବେ ତାହା ଜଣାପଡୁନାହିଁ। ତାଙ୍କ ସ୍ଥାନରେ ଖେଳୁଥିବା ନୀଶୀଥ ରେଡ୍ଡୀଙ୍କର ଫର୍ମ ନାହିଁ। ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଆୟରଙ୍କ ସ୍ଥାନରେ କାହାକୁ ନିଆଯିବ ତାହା ମଧ୍ୟ ଆଲୋଚନା ହେବ।

ୱିକେଟ କିପର ଲୋକେଶ ରାହୁଲଙ୍କ ସ୍ଥାନ ପକ୍କା ଥିଲାବେଳେ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଋଷଭ ପନ୍ତଙ୍କୁ ଦଳରେ ନିଆଯିବ କି ନାହିଁ ତାହା ଆଶଙ୍କା ମଧ୍ୟରେ ରହିଛି। ଘରୋଇ କ୍ରିକେଟରେ ଧ୍ରୁବ ଜୁରେଲ ଶତକ ହାସଲ କରିବା ସହ ଭଲ ଫର୍ମରେ ରହିଛନ୍ତି। ଇଶାନ କିସାନ ମଧ୍ୟ ଭଲ ନଜରରେ ରହିଛନ୍ତି। ଏଣୁ ପନ୍ତଙ୍କୁ ନେଇ ଆଶଙ୍କା ବୃଦ୍ଧି ପାଇଛି। ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ ପେସର, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ଥାନ ଏକ ପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି।

### ଟି-୨୦ ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ଦଳରେ ୫ ସ୍ପିନର



ମେଲବୋର୍ଣ୍ଣ,୧।୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ୫ଜଣ ସ୍ପିନର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆଦାମ ଜାମ୍ପା ଓ ମାଥ୍ୟୁ କୁନେମାନ ସ୍ପେଶାଲିଷ୍ଟ ସ୍ପିନ୍ ବୋଲର। ଏମାନଙ୍କ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ, କୁପର କନୋଲୀ ଓ ଟ୍ରାଭିସ୍ ହେଡ୍ ସ୍ପିନ୍ ବୋଲିଂ କରନ୍ତି। ଦଳରେ ମଧ୍ୟ ୩ଜଣ ଆହତ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍ ଓ ଟିମ୍ ଡେଭିଡ୍। ଏମାନେ ଫିଟ୍ ହେଲେ ଦଳରେ ରହିବେ ନଚେତ ଅନ୍ୟ ଖେଳାଳିଙ୍କୁ ନିଆଯିବ। ତେବେ ଦୁଇ ଦମ୍‌ଦାର ଖେଳାଳି ମିଚେଲ ଓଏନ ଓ ବେନ୍ ଡ୍ୱାରସୁଇସ୍‌ଙ୍କୁ ପ୍ରାରମ୍ଭିକ ଦଳରେ ସ୍ଥାନ ପାଇପାରି ନାହାନ୍ତି। ଜାନୁଆରୀ ୩୧ ସୁଦ୍ଧା ଦଳଗୁଡ଼ିକ ଖେଳାଳି ପରିବର୍ତ୍ତନ କରିପାରିବେ। ଅଷ୍ଟ୍ରେଲିଆ ଉଭୟ ଭାରତ ଓ ଶ୍ରୀଲଙ୍କାରେ ଲିଗ୍ ମ୍ୟାଚ୍ ଖେଳିବ।

**ଘୋଷିତ ଦଳ**

**ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟକିପର), ମାଥ୍ୟୁ ସର୍ଟ, କାମେରନ ଗ୍ରୀନ୍, କୁପର କନୋଲୀ, ଟିମ୍ ଡେଭିଡ୍, ଗ୍ଲେନ୍ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍, ନାଥାନ ଏଲିସ୍, ଜାଭିୟର ବାର୍ଟଲେଟ୍, ମାଥ୍ୟୁ କୁନେମାନ ଓ ଆଦାମ ଜାମ୍ପା।**



# ଥାଇଲାଣ୍ଡରେ ନୂଆ ବର୍ଷ ପାଳିଲେ ଧୋନି

ନୂଆଦିଲ୍ଲୀ, ୧।୧ (ସମିସ): ନୂତନ ଆଶା ଓ ସ୍ୱପ୍ନ ନେଇ ପାଦଥାପିଛି ବର୍ଷ ୨୦୨୬। ଭାରତୀୟ କ୍ରିକେଟ୍ ଖେଳାଳି ଏହି ନୂତନ ବର୍ଷକୁ ନିଜ ନିଜ ଢଙ୍ଗରେ ପାଳନ କରିଛନ୍ତି। ନୂଆ ବର୍ଷର ଏହି ଖୁସିର ମୁହୂର୍ତ୍ତକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କ୍ରିକେଟର୍‌ମାନେ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଏଥର ଥାଇଲାଣ୍ଡରେ ପୁରା ପରିବାର ସହ ନୂଆ ବର୍ଷ ସେଲିବ୍ରେସନ କରିଥିଲେ। ଧୋନିଙ୍କ ସହ ପତ୍ନୀ ସାକ୍ଷୀ ଓ ଝିଅ ଜିଭା ମଧ୍ୟ ଉପସ୍ଥିତ ରହିଥିଲେ। ସାକ୍ଷୀ ନିଜର ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି 'ସମସ୍ତଙ୍କୁ ନୂଆ ବର୍ଷର ଅଭିନନ୍ଦନ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଫଟୋରେ ଧୋନି ଓ ସାକ୍ଷୀ ଗୋଲ୍ଡେନ ହେଟ୍ ଟୋପି ପିନ୍ଧିଥିବା ଦେଖିବାକୁ ମିଳିଛି। ସେହିଭଳି ବିରାଟ କୋହଲି ପତ୍ନୀ ଅନୁଷ୍କାଙ୍କ ସହ ନୂଆ ବର୍ଷ ପାଳିଥିଲେ। 'ମୋ ଜୀବନର ଆଲୋକ ସହିତ ନୂଆବର୍ଷ ଆରମ୍ଭ କରିବାକୁ ଯାଉଛି' ବୋଲି କ୍ୟାପସନ ଲେଖି ଅନୁଷ୍କାଙ୍କ ସହ ଏକାଠି ଠିଆ ହୋଇଥିବାର ଫଟୋ ଶେୟାର କରିଛନ୍ତି କୋହଲି। ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ପତ୍ନୀ ସଞ୍ଜନା, ମା ଦଲଜିତ୍ ବୁମରା ଓ ପୁଅ ଅଙ୍ଗଦ ସହ ଏକାଠି ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। ସେହିଭଳି 'ନିଜର ପ୍ରିୟ ଲୋକଙ୍କ ହାତ ଧରି ୨୦୨୬ରେ ପ୍ରବେଶ କରୁଛି' ବୋଲି ଫଟୋ ଶେୟାର କରି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନୂଆ ବର୍ଷ ଅଭିନନ୍ଦନ ଜଣାଇଥିଲେ।

## ବେସ୍‌ବଲ୍ ମହାସଂଘର ସଭାପତି ହେଲେ ପଙ୍କଜ




କଟକ,୧।୧(ସମିସ): ଭାରତୀୟ ଆମେଚର ବେସ୍‌ବଲ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶାର ଜଣାଶୁଣା କ୍ରୀଡ଼ା ସଙ୍ଗଠକ ପଙ୍କଜଲୋଚନ ମହାନ୍ତି। ୩୦ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ମହାସଂଘର କର୍ମକର୍ତ୍ତା ନିର୍ବାଚନରେ ପଙ୍କଜ ସର୍ବସମ୍ମତିକ୍ରମେ ସଭାପତି ପଦରେ ବିଜୟୀ ହୋଇଥିଲେ। ସେହିଭଳି ହରିୟାଣାର ଅରବିନ୍ଦ କୁମାର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ନିର୍ବାଚନ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପଙ୍କଜ ମହାସଂଘର ସଭାପତି ରହିଥିଲେ। ତାଙ୍କ ତିନିବର୍ଷର କାର୍ଯ୍ୟକାଳ ଭିତରେ ଭାରତରେ ବେସ୍‌ବଲ୍ କ୍ରୀଡ଼ାର ବ୍ୟାପକ ଉନ୍ନତି ହୋଇଥିଲା।

## ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ: ଗ୍ରୁପ୍-ବି'ରେ ଓଡ଼ିଶା

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଦେଶର ସବୁଠୁ ସମ୍ମାନଜନକ ଘରୋଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଲାଗି ଡ୍ର' ଘୋଷଣା ହୋଇଯାଇଛି। ମୋଟ୍ ୧୨ ଗୋଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏଥିରେ ଓଡ଼ିଶା ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ଓଡ଼ିଶା ସହ ପଞ୍ଜାବ, କେରଳ, ରେଳବାଇ, ସର୍ଭିସେସ ଓ ମେଘାଳୟ ରହିଛି। ସେହିଭଳି ଗ୍ରୁପ୍-ଏ'ରେ ଆୟୋଜକ ଆସାମ ସହ ଡିଫେଣ୍ଡିଂ ଚାମ୍ପିଅନ ପଶ୍ଚିମବଙ୍ଗ, ତାମିଲନାଡୁ, ଉତ୍ତରାଖଣ୍ଡ, ନାଗାଲାଣ୍ଡ ଓ ରାଜସ୍ଥାନ ସ୍ଥାନ ପାଇଛି। ଆସାମ ଆୟୋଜକ ଭାବେ ଏବଂ ପଶ୍ଚିମବଙ୍ଗ ଓ କେରଳ ଯଥାକ୍ରମେ ଡିଫେଣ୍ଡିଂ ଚାମ୍ପିଅନ ଓ ରନର୍ସଅପ୍ ଭାବେ ଫାଇନାଲ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିଭଳି ଅନ୍ୟ ୯ଟି ଦଳ ପ୍ରଥମ ପର୍ଯ୍ୟାୟରେ ନିଜ ନିଜ ଗ୍ରୁପ୍ ପର୍ଯ୍ୟାୟରେ ଶୀର୍ଷରେ ରହି ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାଲ ରାଉଣ୍ଡରେ ଦୁଇଟି ଗ୍ରୁପର ଶ୍ରେଷ୍ଠ-୪ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଜାନୁଆରୀ ୨୧ରୁ ଆସାମର ଦୁଇଟି ଭେନ୍ୟୁରେ ଆରମ୍ଭ ହେବ। ଏହାପରେ ଫେବୃଆରୀ ୨ ଓ ୩ରେ କ୍ୱାର୍ଟର ଫାଇନାଲ, ୫ରେ ସେମିଫାଇନାଲ ଏବଂ ୮ରେ ଫାଇନାଲ ମୁକାବିଲା ଖେଳାଯିବ।

## ଏଚ୍‌ଆଇଏଲ୍: ପାଇପର୍ସଙ୍କୁ ଜିତାଇଲେ ନବନୀତ୍

ରାଞ୍ଚି, ୧।୧ (ଏଜେନ୍ସି): ମହିଳା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ଦ୍ୱିତୀୟ ସଂସ୍କରଣରେ ଏସ୍‌ଜି ପାଇପର୍ସ କ୍ରମାଗତ ଡବଲ୍ ବିଜୟ ହାସଲ କରିଛି। ଗତକାଲି ଖେଳାଯାଇଥିବା ଏକ ମ୍ୟାଚରେ ପାଇପର୍ସ ୧-୦ ଗୋଲ୍‌ରେ ସୁରମା ହକି କ୍ଲବକୁ ହରାଇଛି। ନବନୀତ୍ କୌର ମ୍ୟାଚର ପ୍ରଥମ କ୍ୱାର୍ଟରର ୪ର୍ଥ ମିନିଟ୍‌ରେ ପାଇପର୍ସ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପୂର୍ବରୁ ଉଦ୍‌ଘାଟନୀ ଦିବସରେ ପାଇପର୍ସ ୨-୦ ଗୋଲ୍‌ରେ ଘରୋଇ ରାଞ୍ଚି ରୟାଲ୍ସକୁ ପରାସ୍ତ କରିଥିଲା।

### ଜାତୀୟ ଥ୍ରୋ'ବଲ୍

## ଓଡ଼ିଶା ଦଳକୁ କାଂସ୍ୟ ପଦକ



ଭୁବନେଶ୍ୱର,୧।୧(ସମିସ): ଓଡ଼ିଶା ଥ୍ରୋ ବଲର ସିନିଅର ପୁରୁଷ ଟିମ୍ କେରଳର କୋଟାୟମ୍‌ଠାରେ ଅନୁଷ୍ଠିତ ୪୭ତମ ଜାତୀୟ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶା ଦଳ ପୁରୁଷ ବିଭାଗ କାଂସ୍ୟ ପଦକ ମୁକାବିଲାରେ ମଧ୍ୟପ୍ରଦେଶକୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇବାରେ ସମର୍ଥ ହୋଇଛି। ପୂର୍ବରୁ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ରାଜସ୍ଥାନକୁ ୨-୦ସେଟ୍‌ରେ ହରାଇଥିଲାବେଳେ ସେମିରେ ଦିଲ୍ଲୀ ନିକଟରୁ ୧-୨ ସେଟ୍‌ରେ ହାରିଯାଇଥିଲା। ମହିଳା ଦଳ ଲଢୁଆ ଖେଳିବା ସତ୍ତ୍ୱେ କ୍ୱାର୍ଟର ଫାଇନାଲରେ ୪ଥରର ଚାମ୍ପିଅନ ଦିଲ୍ଲୀ ନିକଟରୁ ପରାଜିତ ହୋଇ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଶା ଦଳର ପଦକ ବିଜୟ ସଫଳତା ଲାଗି ପ୍ରୋଗାମିଂ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ'ବଲ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ଓଡ଼ିଶା ସଂଘ ସଭାପତି ଭୁପିନ୍ଦର ସିଂହ, ଉପସଭାପତି ମଧୁସୂଦନ ମିଶ୍ର ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଫିଫା ରେଫରୀ ତାଲିକାରେ ୩ ଭାରତୀୟ ସାମିଲ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଆଉ ୫ଜଣ ଭାରତୀୟ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୁଜରାଟର ରଚନା କମାନି, ପୁଡୁଚେରୀର ଅଶ୍ୱିନ କୁମାର ଓ ଦିଲ୍ଲୀର ଆଦିତ୍ୟ ପୁର୍କୟସ୍ଥା ଫିଫାର ପୁରୁଷ ଓ ମହିଳା ରେଫରୀ ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ପୁଡୁଚେରୀର ମୁରଲୀଧରନ ପଣ୍ଡୁରଙ୍ଗାନ ଓ ମହାରାଷ୍ଟ୍ରର ପିଟର କ୍ରିଷ୍ଟୋଫର୍ ଫିଫାର ସହାୟକ ରେଫରୀ ମାନ୍ୟତା ଲାଭ କରିଛନ୍ତି। ଫଳରେ ଏବେ ଫିଫାର ୨୦୨୬ ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଭାରତର ପ୍ରତିନିଧି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଅଶ୍ୱିନ ଓ ଆଦିତ୍ୟ ମଧ୍ୟ କ୍ୱାଲାଲାମ୍ପୁରରେ ଅନୁଷ୍ଠିତ ଏଏଫ୍‌ସି ରେଫରୀ ଏକାଡେମୀ କୋର୍ସକୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧।୧ (ସମିସ): ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଦୀନଦୟାଲ୍ ଉପାଧ୍ୟାୟ ଗୋରଖପୁର ବିଶ୍ୱବିଦ୍ୟାଳୟ ୭ ରନରେ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ (ଛତିଶଗଡ଼)କୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୭୧ ରନରେ ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ (ଛତିଶଗଡ଼) ନିକଟରୁ ହାରିଯାଇଛି। ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ଟି ବିଶ୍ୱବିଦ୍ୟାଳୟର ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

## ରାଜ୍ୟ ବରିଷ୍ଠ ବାସ୍କେଟବଲ୍ ଦଳ ଘୋଷିତ




କଟକ,୧।୧(ସମିସ): ଚେନ୍ନଇର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୪ରୁ ୭୫ତମ ଜାତୀୟ ବରିଷ୍ଠ ବାସ୍କେଟବଲ ଚାମ୍ପିଅନସିପ୍ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ପୁରୁଷ ଦଳରେ ଅମିତ ସାମଲ, ସେଖ୍ ରିୟାଜ, ଅନିବେଶ ସାହୁ, ସାହିଦ ଖାନ, ଶିବଶଙ୍କର ବେହେରା, ଆଦିତ୍ୟ ବିକ୍ରମ ପ୍ରଧାନ, ଶରତ ନାୟକ, ହାର୍ଦ୍ଦିକ ପଟ୍ଟନାୟକ, ବ୍ରହ୍ମାନନ୍ଦ ବେହେରା, ଲକ୍ଷ୍ମୀଧର ବାରିକ, ଦିବ୍ୟଜିତ ମହାପାତ୍ର ଓ ଅଭିଷେକ ପଶୁପାଳକ ସ୍ଥାନ ପାଇଛନ୍ତି। ଏହି ଦଳରେ ପ୍ରହ୍ଲାଦ ବେହେରା କୋଚ୍, ଆଶିଷ ସିଂହ ସହକାରୀ କୋଚ୍ ଏବଂ ପ୍ରଦୀପ ବେହେରା ମ୍ୟାନେଜର ଭାବେ ରହିଛନ୍ତି। ସେହିପରି ମହିଳା ଦଳରେ ଲିଜାଲିନ ଜେନା, ସଞ୍ଜୀତା କୁମାର ନାଏକ, ଆୟୁଷି ମଲ୍ଲିକ, ତନୁଶ୍ରୀ ଶାସିନି, ଶ୍ୱେତା ପ୍ରଧାନ, ତନୁଶ୍ରୀ ମହାନ୍ତି, ଶୋହନା ପାତ୍ର, ଚିନ୍ମୟୀ ରଣା, ସ୍ୱାଗତିକା ସାହୁ, ବନିତା ଚାର୍ଲସ, ଅନୀଶା ନିଶାନ, ହେମା ସାହୁ ସ୍ଥାନ ପାଇଥିବା ବେଳେ ଦଳର ମୁଖ୍ୟ କୋଚ୍ ରହିଛନ୍ତି ଶଶୀକାନ୍ତ ନାୟକ। ଶୁଭଶ୍ରୀ ସାହୁ ସହକାରୀ କୋଚ୍ ଏବଂ ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ମ୍ୟାନେଜର ଭାବେ ଦଳରେ ସାମିଲ କରାଯାଇଛି।

## ବାଂଲା ଖେଳାଳିଙ୍କୁ ନେଇ କେକେଆର୍‌କୁ ଚେତାବନୀ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଆଇପିଏଲ୍ ନିଲାମୀରେ ବାଂଲାଦେଶ ଖେଳାଳିଙ୍କୁ କ୍ରୟ କରିଥିବାରୁ କୋଲକାତା ନାଇଟରାଇଡର୍ସ ମାଲିକ ଶାହରୁଖ ଖାନଙ୍କୁ ପ୍ରସିଦ୍ଧ କଥାବାଚକ ଦେବକୀନନ୍ଦନ ଠାକୁର ଚେତାବନୀ ଦେଇଛନ୍ତି। ଯାହା ଏବେ ନୂଆ ବିବାଦ ସୃଷ୍ଟି କରିଛି। ଠାକୁର କହିଛନ୍ତି ଯେ, ମୁଁ ବିସିସିଆଇକୁ ପ୍ରଶ୍ନ କରିବାକୁ ଚାହୁଁଛି। ବାଂଲାଦେଶୀ କ୍ରିକେଟରଙ୍କୁ ଏଠାକୁ ଅଣାଯିବା ଉଚିତ୍ ନୁହେଁ। ଯଦି ସେମାନେ ଆଇପିଏଲ୍ ଖେଳାଳି ନିଲାମୀରେ ସାମିଲ ହେଲେ ତେବେ ଅନ୍ୟକୌଣସି ଫ୍ରାଞ୍ଚାଇଜ ସେମାନଙ୍କୁ ଯେତେବେଳେ କ୍ରୟ କଲାନି କୋଲକାତା କାହିଁକି ଆଗ୍ରହ ଦେଖାଇ କିଣିଲା। ସେହି ବାଂଲାଦେଶୀ ଖେଳାଳିଙ୍କୁ କେକେଆର ଦଳରୁ ବାହାର କରିବାକୁ ପଡ଼ିବ। ନଚେତ ଆମେ ଦଳକୁ ବୟକଟ୍ କରିବୁ।

### ଜାତୀୟ ସିନିଅର ଭଲିବଲ୍

## ରାହୁଲ, ଅଶ୍ୱଥୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୧।୧ (ସମିସ):



ଆଗାମୀ ଜାତୀୟ ସିନିଅର ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣ ଲାଗି ଗୁରୁବାର ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ରାହୁଲ ବାରିକଙ୍କୁ ପୁରୁଷ ଦଳର ଏବଂ ଅଶ୍ୱଥୀ ପି.ଆର.ଙ୍କୁ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି। ଜାନୁଆରୀ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବାରଣାସୀରେ ଏହି ଚାମ୍ପିଅନସିପ୍ ଖେଳାଯିବ। ବାରଣାସୀରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟକୁ ପ୍ରଧାନମନ୍ତ୍ରୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ମହିଳା ଭଲିବଲ୍ ଦଳ ଗତ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାରୁ ଏଥର ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଆଶାବାଦୀ ରହିଛନ୍ତି।

**ଓଡ଼ିଶା ପୁରୁଷ ଦଳ:** ରାହୁଲ ବାରିକ (ଅଧିନାୟକ), ଦୀପ୍ତିରାଜ ମିଶ୍ର, ମହସୀମ ଖାନ, ରାଖଲ କିଶୋର, ଅନିଲ ସେନାପତି, ଆକାଶ ସିଂ, ଗୋବିନ୍ଦ ପ୍ରସାଦ ବାରିକ, ଶୁଭ୍ରାଂଶୁ ଶେଖର ଓଝା, ଏମ୍‌ଡି ରାଜା, ମାନସ ପ୍ରଧାନ, ମାନସ ପାଣି, ମୋହନ ବିଶ୍ୱାଳ, ଜ୍ଞାନରଞ୍ଜନ ମହାପାତ୍ର ଓ ପ୍ରଜ୍ଞା ସାରଥୀ ଜେନା। ମୁଖ୍ୟକୋଚ୍: ଶୁଭ୍ରାଂଶୁ ଭୂଷଣ ମିଶ୍ର, ସହାୟକ କୋଚ୍: ଲୋଚନବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ଓଝା।

**ଓଡ଼ିଶା ମହିଳା ଦଳ:** ସୁଚିସ୍ମିତା ଦିଣ୍ଡା, ଅଶ୍ୱଥୀ ପି.ଆର୍. (ଅଧିନାୟିକା), ସ୍ମିଜପ୍ରଜ୍ଞା ଜେନା, କେ. ଭିନା, ଶ୍ରୁତି ଲକ୍ଷ୍ମୀ, କମଲେଶ କୁମାରୀ, ସ୍ନେହମୟୀ କିଶାନ, ସଞ୍ଚାରୀ ସୁନିଲ ଭୋୱାତେ, ମାମାଲି ନାଗ, ଲିପିକା ଖେସ୍, ଶିବାନୀ ପ୍ରିୟଦର୍ଶିନୀ, ଆରତୀ ହେପରିକା, ପାୟଲ କାଣ୍ଡି, ବି. ଅନିଶା। ମୁଖ୍ୟକୋଚ: ସଙ୍ଗୀତା ଟପ୍ପୋ, ମ୍ୟାନେଜର: ରତ୍ନାକର ପ୍ରଧାନ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS